


◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-298 ♦SUNDAY ♦26 APRIL 2026 ♦PAGE-12+4 ♦₹ 7.00 | SAMBALPUR | ♦ବର୍ଷ-୪୩ ♦ସଂଖ୍ୟା-୨୯୮ ♦ରବିବାର ♦୨୬ ଏପ୍ରିଲ୍ ୨୦୨୬ ♦ପୃଷ୍ଠା-୧୨+୪ (ସିନ୍ଦୂରା) ♦ଟ.୭.୦୦


## ଆଇପିଏଲରେ ରନ୍ ବର୍ଷା

### ୫ ମହାରଥୀ-୫୨୯ ରନ୍ | ୪୯ ଚୌକା | ୩୩ ଛକା



■ ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଦିଲ୍ଲୀ କ୍ୟାପିଟାଲ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ରନ୍ ବର୍ଷା ହୋଇଛି। ପ୍ରଥମେ ବ୍ୟାଟିଂ କରି ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍ କରିଥିଲା। ଜବାବରେ ପଞ୍ଜାବ ୭ଟି ବଲ୍ ଓ ୬ଟି ୱିକେଟ ବାକିଥାଇ ଏହି ମ୍ୟାଚ୍‌କୁ ଜିତିନେଇଥିଲା। ଫଳରେ ଆଇପିଏଲରେ ସର୍ବକାଳୀନ ସର୍ବାଧିକ ରନ୍ ଚେଜ୍‌ରେ ପଞ୍ଜାବ ନିଜ ନାମରେ ଥିବା ରେକର୍ଡ ଭାଙ୍ଗି ଦେଇଛି। ଏଠାରେ ଉଭୟ ଦଳ ୬ଟି ୱିକେଟ ହରାଇ ୫୨୯ ରନ୍ ସଂଗ୍ରହ କରିଛନ୍ତି। ଗୋଟିଏ ମ୍ୟାଚ୍‌ରେ ହାରାହାରି ରନ୍ ସଂଗ୍ରହରେ ଏହା ଦ୍ୱିତୀୟ ଓ ଚଳିତବର୍ଷ ସର୍ବାଧିକ। ସେହିପରି ଏଠାରେ ମୋଟ ୮୨ଟି ବାଉଣ୍ଡାରୀ ହୋଇଛି, ଯାହା ଆଇପିଏଲ୍‌ରେ ସର୍ବାଧିକ। ଏଥିରେ ୪୯ଟି ଚୌକା ଓ ୩୩ଟି ଛକା ରହିଛି। ଦିଲ୍ଲୀର ଲୋକେଶ ରାହୁଲ ପ୍ରଥମ ଭାରତୀୟ ଖେଳାଳି ଭାବେ ୧୫୨ ରନ୍ କରି ଆଇପିଏଲ୍‌ରେ ରେକର୍ଡ କରିଛନ୍ତି। ସେ ୬୭ଟି ବଲ୍ ଖେଳି ୧୬ ଚୌକା ଓ ୯ ଛକା ମାରିଥିଲେ। ନୀତୀଶ ରାଣା ୪୪ବଲ୍‌ରୁ ୧୧ ଚୌକା ଓ ୪ ଛକା ସହ ୯୧ ରନ୍ କରିଥିଲେ। ରେକର୍ଡ ରନ୍ ଚେଜ୍ କରିଥିବା ପଞ୍ଜାବ ପକ୍ଷରୁ ପ୍ରଭସିମରନ ସିଂହ ୨୬ବଲ୍‌ରେ ୯ ଚୌକା ଓ ୫ ଛକା ସହ ୭୬ ଓ ପ୍ରିୟାଂଶ ଆର୍ଯ୍ୟ ୪୧ବଲ୍‌ରେ ୨ ଚୌକା ଓ ୫ ଛକା ସହ ୪୩ ରନ୍ ଯୋଗଦାନ ଦେଇଥିଲେ। ଅପରାଜିତ ରହିଥିବା ଶ୍ରେୟସ ଆୟର ୩୬ବଲ୍‌ରେ ୩ ଚୌକା ଓ ୭ ଛକା ସହ ୭୧ ରନ କରିଥିଲେ।

# ଇସଲାମାବାଦରେ ହାଇଡ୍ରାମା

## ଆମେରିକା ପ୍ରତିନିଧି ଦଳ ପହଞ୍ଚିବା ପୂର୍ବରୁ ପାକିସ୍ତାନ ଛାଡ଼ିଲେ ଇରାନ ପ୍ରତିନିଧି ଦଳ

### ଆମେରିକା ସହ ସିଧା କଥା ହେବାକୁ ମନାକଲା ଇରାନ

■ ଇସଲାମାବାଦ, ୨୫।୪ (ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଆଜି ପାକିସ୍ତାନ ରାଜଧାନୀ ଇସଲାମାବାଦରେ ହାଇଡ୍ରାମା ଦେଖିବାକୁ ମିଳିଛି। ଯୁଦ୍ଧବିରତି ପରେ ଇସଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ଗତକାଲି ରାତିରେ ଇରାନ ପ୍ରତିନିଧି ଦଳ ଆସି ପହଞ୍ଚିଥିଲେ। ତେବେ ଆମେରିକାର ପ୍ରତିନିଧି ଦଳ ଆଜି ଏଠାରେ ଆସି ପହଞ୍ଚିବା ପୂର୍ବରୁ ଇରାନ ପ୍ରତିନିଧି ଦଳ ପାକିସ୍ତାନ ଛାଡ଼ି ଓମାନ ଗସ୍ତ କରିଛନ୍ତି। ହର୍ମୁଜ ସଙ୍କଟ ଏବଂ ଆମେରିକାର ଅବାସ୍ତବ ସର୍ତ୍ତରେ କ୍ଷୁବ୍ଧ ଇରାନ ପ୍ରତିନିଧି ନିଜର ଉଦବେଗ ପାକିସ୍ତାନକୁ ଜଣାଇବା ସହିତ ଆମେରିକା ସହିତ ସିଧା କଥା ହେବାକୁ ମନା କରିଦେଇଛନ୍ତି। ଫଳରେ ଦୁଇ ଦେଶ ମଧ୍ୟରେ ପ୍ରତ୍ୟକ୍ଷ କଥାବାର୍ତ୍ତାକୁ ନେଇ ଅଚଳାବସ୍ଥା ଜାରି ରହିଛି।

ଇରାନର ବୈଦେଶିକ ମନ୍ତ୍ରୀ ସୟଦ ଅବାସ ଅରାଗଚି ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ସହିତ ଗତକାଲି ରାତିରେ ଇସଲାମାବାଦ ପହଞ୍ଚିଥିଲେ। ଇରାନ ଓ ଆମେରିକା ମଧ୍ୟରେ ମଧ୍ୟସ୍ଥତା କରୁଥିବା ପାକିସ୍ତାନର ପ୍ରଧାନମନ୍ତ୍ରୀ ସେହବାଜ ସରିଫ, ବୈଦେଶିକ ମନ୍ତ୍ରୀ ଇଶାକ ଦାର ଏବଂ ସେନା ଅଧ୍ୟକ୍ଷ ଅସୀମ ମୁନିରଙ୍କ ସହିତ ଇରାନୀ ପ୍ରତିନିଧି ଦଳ ଆଜି ଦିନ ତମାମ ବିଭିନ୍ନ ପର୍ଯ୍ୟାୟରେ ଆଲୋଚନା କରିଥିଲେ। ଆଜି ସନ୍ଧ୍ୟା ବେଳେ ଇସଲାମାବାଦ ଛାଡ଼ି ଇରାନର ଏହି ପ୍ରତିନିଧି ଦଳ ଓମାନ ଯାଇଛନ୍ତି। ସେଠାରୁ ସେମାନେ ମସ୍କୋ ଯିବେ ବୋଲି ଜଣାପଡ଼ିଛି। ଯିବା ପୂର୍ବରୁ ଇରାନର ବୈଦେଶିକ ମନ୍ତ୍ରୀ କହିଲେ ଯେ ଯାହା କହିବା କଥା ତାହା ଇସଲାମାବାଦକୁ ଜଣାଇ ଦିଆଯାଇଛି। ଯୁଦ୍ଧ ସମାପ୍ତି ପାଇଁ ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ଯେଉଁ ଅବାସ୍ତବ ଯୁକ୍ତି ରଖିଛନ୍ତି, ତାହା ଗ୍ରହଣୀୟ ନୁହେଁ। ଆମେରିକା ନୌସେନା ହର୍ମୁଜ ପ୍ରଣାଳୀକୁ ଅବରୋଧ କରି ସମଗ୍ର ଅଞ୍ଚଳକୁ ଅଶାନ୍ତ କରି ରଖିଛି। ଏହା ଇରାନ ପାଇଁ ଆଦୌ ଗ୍ରହଣୀୟ ନୁହେଁ। ୟୁରାନିୟମ ସମୃଦ୍ଧୀକରଣ କାର୍ଯ୍ୟକ୍ରମରୁ ଇରାନ ଓହରିବ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି।

ଅନ୍ୟପକ୍ଷରେ ଇରାନ ସହିତ ଉଚ୍ଚସ୍ତରୀୟ ଶାନ୍ତି ଆଲୋଚନା ପାଇଁ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କର ବିଶ୍ୱସ୍ତ ସହଯୋଗୀ ଷ୍ଟିଭ୍ ୱିଟକଫ୍ ଏବଂ ଜ୍ୱାଇଁ ଜାରେଡ୍ କୁଶନର୍‌ଙ୍କୁ ପାକିସ୍ତାନ ପଠାଇଛନ୍ତି। ସେମାନେ ଯେକୌଣସି ମୁହୂର୍ତ୍ତରେ ଇସଲାମାବାଦରେ ଆସି ପହଞ୍ଚିବେ। ପ୍ରତିନିଧି ଦଳ ପଠାଇବା ପରେ ଟ୍ରମ୍ପ କହିଛନ୍ତି ଯେ ଆମେରିକାର ▶ପୃଷ୍ଠା-୭

### ମୌସୁମୀକୁ ବଳ ଦେବ ଲା-ନିନା ଓ ମହାସାଗରୀୟ ସ୍ଥିତି

## ଦେଶରେ ଅଧିକ ବର୍ଷିବ; ଓଡ଼ିଶାରେ ସ୍ୱାଭାବିକ

■ ଭୁବନେଶ୍ୱର, ୨୫।୪ (ସମିସ): ଚଳିତଥର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଶୀଘ୍ର ଆସିବା ନେଇ ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଉଛି। ଚଳିତ ମୌସୁମୀରେ ବର୍ଷାର ପରିମାଣକୁ ନେଇ ପାଣିପାଗ ବିଜ୍ଞାନୀ ମହଲରେ ବିଭିନ୍ନ ମତପ୍ରକାଶ ପାଉଥିବା ବେଳେ ଏନେଇ ଗୁରୁତ୍ୱପୂର୍ଣ୍ଣ ସୂଚନା ରଖିଛନ୍ତି ବରିଷ୍ଠ ପାଣିପାଗ ବିଶେଷଜ୍ଞ ଡ. ସୁରେନ୍ଦ୍ରନାଥ ପଶୁପାଳକ। ବିଶ୍ୱସ୍ତରୀୟ ପାଣିପାଗ ମଡେଲଗୁଡ଼ିକର ସଦ୍ୟତମ ଆକଳନ ଅନୁଯାୟୀ ଓଡ଼ିଶା ପାଇଁ ପୂର୍ବରୁ କରାଯାଇଥିବା ସ୍ୱାଭାବିକ ବର୍ଷାର ପୂର୍ବାନୁମାନ ବର୍ତ୍ତମାନର ପରିସ୍ଥିତି ସହ ସମ୍ପୂର୍ଣ୍ଣ ମେଳ ଖାଉଛି। ଭାରତ ପାଇଁ ମୌସୁମୀ 'ସ୍ୱାଭାବିକଠାରୁ ଅଧିକ' ରହିବାକୁ ଥିବାବେଳେ ଓଡ଼ିଶାରେ ଏହା ସ୍ୱାଭାବିକ ରହିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।



ଚଳିତଥର ଏଲ୍-ନିନୋ ଶୀଘ୍ର ଶେଷ ହେବାର ପ୍ରମୁଖ କାରଣ 'ସବ୍‌ସରଫେସ୍ କୁଲିଂ' ବୋଲି ଡ. ପଶୁପାଳକ କହିଛନ୍ତି। ସମୁଦ୍ରର ଗଭୀରରେ ଥିବା ଥଣ୍ଡା ଜଳର ସ୍ରୋତ ଦ୍ରୁତ ଗତିରେ ଉପରିଭାଗକୁ ଆସୁଥିବାରୁ ଏଲ୍ ନିନୋ ପ୍ରଶମିତ ହୋଇ ଲା-ନିନା ପାଇଁ ପଥ ପରିଷ୍କାର କରୁଛି। ସେହିପରି ଭାରତ ମହାସାଗରରେ ବର୍ତ୍ତମାନ 'ନ୍ୟୁଟ୍ରାଲ' ସ୍ଥିତି ରହିଛି। କିନ୍ତୁ ଅଗଷ୍ଟ-ସେପ୍ଟେମ୍ବର ବେଳକୁ ଏହା ଯୁକ୍ତାତ୍ମକ ହେବାର ସଂକେତ ମିଳୁଛି, ଯାହା ଓଡ଼ିଶାରେ ମୌସୁମୀର ଦ୍ୱିତୀୟାର୍ଦ୍ଧକୁ ଅଧିକ ଶକ୍ତିଶାଳୀ କରିବ। ଡ. ପଶୁପାଳକଙ୍କ ଆକଳନ ଅନୁଯାୟୀ ଆସନ୍ତା ମୌସୁମୀରେ ସମଗ୍ର ଭାରତ ପାଇଁ ମୋଟ ବର୍ଷାର ପରିମାଣ ଏଲପିଏ(ଦୀର୍ଘ ଅବଧି ହାରାହାରି)ର ୧୦୪ ପ୍ରତିଶତ ରହିବାକୁ ଥିବାବେଳେ ଓଡ଼ିଶା ପାଇଁ ଏହା ସ୍ୱାଭାବିକ ରହିବାର ସମ୍ଭାବନା ଅଛି। ଜୁନ୍‌ରେ ସମଗ୍ର ଭାରତରେ ୯୬ ପ୍ରତିଶତ ବର୍ଷା ହେବାର ସମ୍ଭାବନା ▶ପୃଷ୍ଠା-୭




## ର୍‍ୟାଗିଂରେ ଲାଗୁନି ଲଗାମ

### ଚଳିତ ବର୍ଷ ୟୁଜିସିରେ ୨୮ ମାମଲା

■ ଭୁବନେଶ୍ୱର, ୨୫।୪ (ସମିସ): ରାଜ୍ୟର ଉଚ୍ଚ ଶିକ୍ଷାନୁଷ୍ଠାନରେ ର୍‍ୟାଗିଂ କମିବାର ନା ନେଉନି। ବ୍ୟାପକ ସଚେତନତା ସତ୍ତ୍ୱେ ଏହା ଏକ ବ୍ୟାଧି ପରି ମାଡ଼ି ବସିଛି। ଚଳିତ ସପ୍ତାହରେ ସମ୍ବଲପୁର ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ରେ ଜଣେ କନିଷ୍ଠ ଛାତ୍ରଙ୍କୁ ୪ଜଣ ବରିଷ୍ଠ ଛାତ୍ର ର୍‍ୟାଗିଂ କରି ଦଣ୍ଡିତ ହେବା ପରେ ରାଜ୍ୟରେ ର୍‍ୟାଗିଂ ଘଟଣା ପୁଣି ତାଜା ହୋଇଛି। ରାଜ୍ୟରେ ସର୍ବାଧିକ ର୍‍ୟାଗିଂ ଅଭିଯୋଗ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି)ରୁ ଆସୁଥିବାବେଳେ ଏମ୍‌କେସିଜି ଓ ଭିସୁଟ୍‌ରୁ ଅଭିଯୋଗ ସଂଖ୍ୟା ମଧ୍ୟ ଉଦ୍‌ବେଗଜନକ ରହିଛି।

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ତଥ୍ୟ ଅନୁଯାୟୀ, ଚଳିତବର୍ଷ ଏବେଯାଏଁ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ପ୍ରାୟ ୨୮ଟି ଅଭିଯୋଗ ଆସିଛି। ମାତ୍ର ୪ ମାସ ମଧ୍ୟରେ ୟୁଜିସି ପାଖରେ

### ବିପିୟୁଟି ଓ ଭିସୁଟ୍‌ରେ ସ୍ଥିତି ଉଦ୍‌ବେଗଜନକ

### ଶିକ୍ଷାନୁଷ୍ଠାନରେ ପାଳନ ହେଉନି ର୍‍ୟାଗିଂ ନିବାରଣ ନିୟମ

୨୮ ଅଭିଯୋଗ ସହ କଲେଜର ର୍‍ୟାଗିଂ କମିଟି ନିକଟରେ ମଧ୍ୟ ବହୁ ଅଭିଯୋଗ ହୋଇଛି। ଏହାରି ମଧ୍ୟରେ ଗତ ଫେବୃଆରୀ ମାସରେ ଭିସୁଟ୍‌ର ଜଣେ ଛାତ୍ରଙ୍କୁ ର୍‍ୟାଗିଂ କରାଯାଇଥିବା ମଧ୍ୟ ଅଭିଯୋଗ ହୋଇଛି। ଅର୍ଥାତ୍ ୪ ମାସରେ ଭିସୁଟ୍‌ରେ ୨ଟି ମାମଲା ପଦାକୁ ଆସିଲାଣି। ଅନୁରୂପ ଭାବେ ୨୦୨୫ରେ ମୋଟ୍ ୫୪ଟି ର୍‍ୟାଗିଂ ଅଭିଯୋଗ ହୋଇଥିବାବେଳେ ୨୦୨୪ ମସିହାରେ ମୋଟ ୬୭ଟି ର୍‍ୟାଗିଂ ମାମଲା ୟୁଜିସି ପାଖରେ ପଞ୍ଜିକୃତ ହୋଇଛି। କେବଳ ୨୦୨୪ ରେ ଭିସୁଟ୍‌ରୁ ୫ଟି ଅଭିଯୋଗ ହୋଇଥିବାବେଳେ ରାଗିଂ ମାମଲାରେ ବିପିୟୁଟି ଶିର୍ଷରେ ରହିଛି।

ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରି ର୍‍ୟାଗିଂ ରୋକିବା ପାଇଁ ସୁପ୍ରିମକୋର୍ଟ ୨୦୦୭ ମସିହାରେ ରାୟ ଦେଇଛନ୍ତି। ▶ପୃଷ୍ଠା-୭






### ଅସହ୍ୟ ହେଲା ଋଣଚାପ

## ଝୁଲିପଡ଼ିଲେ ଦମ୍ପତି

### ୪ଦିନ ତଳେ ଝିଅ ବାହାଘର କରିଥିଲେ

### ବାହାଘର ପାଇଁ ଲୋକଙ୍କଠାରୁ କରଜ କରିଥିଲେ

■ ଧରାକୋଟ/ବେଲଗୁଣ୍ଠା, ୨୫।୪ (ସମିସ): ଋଣଭାର ସହିନପାରି ଏକାଠି ଜୀବନ ହାରିଲେ ଦମ୍ପତି। ଗଞ୍ଜାମ ଜିଲ୍ଲା ଧରାକୋଟ ବ୍ଲକ୍‌ର ଝାଡ଼ବନ୍ଧ ପଞ୍ଚାୟତ ତଥା ଗାଙ୍ଗପୁର ଥାନା ଅନ୍ତର୍ଗତ କଳାସୂତା ଗ୍ରାମରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତ ଦମ୍ପତି ହେଲେ, ଗାଁର ସୀମାଞ୍ଚଳ ବିଷୋୟୀ (୬୬) ଓ ତାଙ୍କ ପତ୍ନୀ ନମିତା ବିଷୋୟୀ (୬୧)। ବେକରେ ରଶି ଲଗାଇ ଦୁହେଁ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଧରାକୋଟ ଅତିରିକ୍ତ ତହସିଲଦାର ଗଣେଶ ଦଳାଇଙ୍କ ଉପସ୍ଥିତିରେ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଆରମ୍ଭ କରିଛନ୍ତି।

ସୂଚନାନୁଯାୟୀ, ବିଷୋୟୀ ଦମ୍ପତିଙ୍କ ପାଞ୍ଚ ▶ପୃଷ୍ଠା-୭




# ପୃଥିବୀ ପାଇଁ ବିପଦର ଘଣ୍ଟି: ତରଳୁଛି ଆଣ୍ଟାର୍କଟିକାର ବରଫ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ପୃଥିବୀର 'ହିମ କବଚ' କୁହାଯାଉଥିବା ଆଣ୍ଟାର୍କଟିକା ଏବେ ଏକ ବଡ଼ ସଙ୍କଟର ସମ୍ମୁଖୀନ। ବୈଜ୍ଞାନିକମାନେ ଚେତାବନୀ ଦେଇଛନ୍ତି ଯେ, ଆଣ୍ଟାର୍କଟିକାର କେତେକ ଅଞ୍ଚଳ ଏକ ବିପଜ୍ଜନକ ସୀମା ବା 'ଟିପିଂ ପଏଣ୍ଟ' ଅତିକ୍ରମ କରିସାରିଛି। ଏହାର ଅର୍ଥ ହେଉଛି, ଭବିଷ୍ୟତରେ ଜଳବାୟୁ ପରିବର୍ତ୍ତନ ରୋକିବାକୁ ଯେତେ ପଦକ୍ଷେପ ନେଲେ ମଧ୍ୟ, ଏହି ବରଫ ତରଳିବା ପ୍ରକ୍ରିୟାକୁ ଆଉ ରୋକାଯାଇପାରିବ ନାହିଁ। ସବୁଠାରୁ ଅଧିକ ବିପଦ ପଶ୍ଚିମ ଆଣ୍ଟାର୍କଟିକା ଆଇସ୍ ସିଟ୍ ଉପରେ ରହିଛି। ପୋଟ୍ସଡାମ୍ ଇନଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ ଅନୁଯାୟୀ, ଯଦି ପୃଥିବୀର ତାପମାତ୍ରା ପ୍ରାକ୍-ଶିଳ୍ପାୟନ ସ୍ତରଠାରୁ ୧.୮ ସେଣ୍ଟି ରୁ ଅଧିକ ବଢେ, ତେବେ ବରଫ ସ୍ତରର ଅପୂରଣୀୟ କ୍ଷତି ଅନିବାର୍ଯ୍ୟ ହୋଇପଡ଼ିବ। ବୈଜ୍ଞାନିକଙ୍କ ମତରେ ଏହା ଏଭଳି ଏକ ପ୍ରକ୍ରିୟା ଯେଉଁଥିରେ ତାପମାତ୍ରା ସ୍ଥିର ରହିଲେ ମଧ୍ୟ ବରଫ ତରଳିବା ବନ୍ଦ ହୁଏନାହିଁ। ଏଥିପାଇଁ ଏହାକୁ 'ପଏଣ୍ଟ ଅଫ୍ ନୋ ରିଟର୍ଣ୍ଣ' କୁହାଯାଉଛି।

କେବଳ ବାୟୁମଣ୍ଡଳର ଉଷ୍ମତା ନୁହେଁ, ବରଂ ସମୁଦ୍ରର ଗରମ ପାଣି ମଧ୍ୟ ଏଥିପାଇଁ ଦାୟୀ। ସାମୁଦ୍ରିକ ଉଷ୍ମତା ଯେମିତି ଆମୁଣ୍ଡସେନ୍ ସାଗରର ଗରମ ପାଣି ବରଫସ୍ତରର ତଳେ ପ୍ରବାହିତ ହୋଇ ସେଗୁଡ଼ିକୁ ଶୀଘ୍ର ତରଳାଉଛି। ପୁଣି ଭୌଗୋଳିକ ସ୍ଥିତିକୁ ମଧ୍ୟ ଏକ ବଡ଼ କାରଣ ବୋଲି ବିବେଚନା କରାଯାଉଛି। ପଶ୍ଚିମ ଆଣ୍ଟାର୍କଟିକାର ଅଧିକାଂଶ ବରଫ ସ୍ତର ସମୁଦ୍ର ପଉନରୁ ତଳେ ରହିଛି। ଥରେ ତରଳିବା ଆରମ୍ଭ ହେଲେ ଏହା ସିଧାସଳଖ ଗରମ ପାଣି ସଂସ୍ପର୍ଶରେ ଆସି ଶୀଘ୍ର ନଷ୍ଟ ହୋଇଯାଏ। ଏହି ସଙ୍କଟ କେବଳ ଆଣ୍ଟାର୍କଟିକାରେ ସୀମିତ ରହିବ ନାହିଁ। ଯଦି ପଶ୍ଚିମ ଆଣ୍ଟାର୍କଟିକାର ବରଫ ସମ୍ପୂର୍ଣ୍ଣ ତରଳିଯାଏ, ତେବେ ବିଶ୍ୱରେ ସମୁଦ୍ରର ଜଳସ୍ତର ପ୍ରାୟ ୪ ମିଟର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହାଦ୍ୱାରା ପୃଥିବୀର ମାନଚିତ୍ର ବଦଳିଯିବ ଏବଂ ଅନେକ ଉପକୂଳବର୍ତ୍ତୀ ସହର ଓ ଗୋଷ୍ଠୀ ଜଳମଗ୍ନ ହୋଇଯିବେ। ଜଣେ ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଏକ ବରଫ ସ୍ତର ତିଆରି ହେବା ପାଇଁ ହଜାର ହଜାର ବର୍ଷ ଲାଗେ, କିନ୍ତୁ ଏହା ତରଳିବା ପାଇଁ ମାତ୍ର କେଇ ଦଶନ୍ଧି ଯଥେଷ୍ଟ। ଯଦିଓ ଅନେକ କ୍ଷତି ହୋଇସାରିଛି, ତଥାପି ପୃଥିବୀର ଜଳବାୟୁ ଏବଂ ମାନବଜାତିର ରକ୍ଷା ପାଇଁ ଏବେ ମଧ୍ୟ ତାପମାତ୍ରା ନିୟନ୍ତ୍ରଣ କରିବା ଏକମାତ୍ର ବିକଳ୍ପ। ଆଣ୍ଟାର୍କଟିକାର ଭାଗ୍ୟ ଉପରେ ହିଁ ପୃଥିବୀର ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ସମଗ୍ର ମାନବ ସମାଜର ଭବିଷ୍ୟତ ନିର୍ଭର କରେ।



# ହର୍ମୁଜ ଅବରୋଧ ହଟାଅ; ନଚେତ...



ତେହେରାନ/ଆଙ୍କାରା, ୨୫।୪(ଏଜେନ୍ସି): ହର୍ମୁଜକୁ ନେଇ ଇରାନ ଓ ଆମେରିକା ମଧ୍ୟରେ ଉତ୍ତେଜନା ଏବେ ବି ଜାରି ରହିଛି। ଯୁଦ୍ଧବିରତି ସତ୍ତ୍ୱେ ଆମେରିକାର ନୌସେନା ହର୍ମୁଜକୁ ଅବରୋଧ କରି ରଖିଥିବାରୁ ବିରକ୍ତି ପ୍ରକାଶ କରିଛି ଇରାନ। ଇରାନ ପକ୍ଷରୁ ଆଜି ଧମକ ଦିଆଯାଇଛି ଯେ ଆମେରିକା ସାମରିକ ଅବରୋଧ ଜାରି ରଖିଲେ ଇରାନ ଏହାର କଡ଼ା ଜବାବ ଦେବାକୁ ପ୍ରସ୍ତୁତ ରହିଛି। ଏହା କେବଳ ଆମେରିକା ନୁହେଁ, ସମଗ୍ର ଉପସାଗରୀୟ ରାଷ୍ଟ୍ର ପାଇଁ କ୍ଷତିକାରକ ହେବ। ହର୍ମୁଜ ଅବରୋଧ ତୁରନ୍ତ ନହଟାଇଲେ ଇରାନ ଆକ୍ରମଣ କରିବ ବୋଲି ସେନା ପକ୍ଷରୁ ପରୋକ୍ଷ ଧମକ ଦିଆଯାଇଛି। ଇସଲାମାବାଦରେ ଦୁଇ ଦେଶ ମଧ୍ୟରେ କଥାବାର୍ତ୍ତା ଚାଲିଥିବା ବେଳେ ଇରାନର ଏଭଳି ଧମକ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଛି।

ଅନ୍ୟପକ୍ଷରେ ଇରାନ ଏବଂ ଆମେରିକା ମଧ୍ୟରେ ଏକ ସମ୍ଭାବ୍ୟ ଶାନ୍ତି ଚୁକ୍ତି ସ୍ୱାକ୍ଷରିତ ହେବା ପରେ ହର୍ମୁଜ୍ ପ୍ରଣାଳୀରୁ ସାମୁଦ୍ରିକ ମାଇନ୍ ହଟାଇବା କାର୍ଯ୍ୟରେ ତୁର୍କୀ ଅଂଶଗ୍ରହଣ କରିପାରେ ବୋଲି ତୁର୍କୀ ବୈଦେଶିକ ମନ୍ତ୍ରୀ ହାକାନ ଫିଦାନ ପ୍ରକାଶ କରିଛନ୍ତି। ଶୁକ୍ରବାର ଲଣ୍ଡନଠାରେ ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଫିଦାନ କହିଛନ୍ତି ଯେ, ଏହି ସାମୁଦ୍ରିକ ପଥକୁ ମାଇନ୍ ମୁକ୍ତ କରିବା ପ୍ରୟାସକୁ ତୁର୍କୀ ଏକ ମାନବିକ କର୍ତ୍ତବ୍ୟ ଭାବରେ ଦେଖୁଛି। ଫିଦାନଙ୍କ ସୂଚନା ଅନୁଯାୟୀ, ଇରାନ-ଆମେରିକା ମଧ୍ୟରେ ଚୁକ୍ତିନାମା ପରେ ବିଭିନ୍ନ ଦେଶର ବିଶେଷଜ୍ଞମାନଙ୍କୁ ନେଇ ଏକ ବୈଷୟିକ ଦଳ ଗଠନ କରାଯିବାର ଯୋଜନା ରହିଛି। ଏହି ଦଳ ହର୍ମୁଜ୍ ପ୍ରଣାଳୀରେ ମାଇନ୍ ସଫେଇ କାର୍ଯ୍ୟ ସମ୍ପାଦନ କରିବେ। ତୁର୍କୀ ଏହି ଅନ୍ତର୍ଜାତୀୟ ବୈଷୟିକ ଦଳର ଅଂଶବିଶେଷ ହେବାକୁ ପ୍ରସ୍ତୁତ ଏବଂ ଏହି କାର୍ଯ୍ୟରେ ସାମିଲ ହେବା ପାଇଁ ଦେଶର କୌଣସି ଆପତ୍ତି ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ତେବେ ଏହି ସହଯୋଗ ପାଇଁ ତୁର୍କୀ କିଛି ସର୍ତ୍ତ ମଧ୍ୟ ରଖିଛି। ଯଦି ଏହି ବୈଷୟିକ ଦଳ କିମ୍ବା ଏଥିରେ ସାମିଲ ଥିବା ଦେଶମାନେ ଭବିଷ୍ୟତରେ କୌଣସି ନୂତନ ସଂଘର୍ଷର ପକ୍ଷ ହୁଅନ୍ତି, ତେବେ ତୁର୍କୀ ନିଜର ସ୍ଥିତିର ପୁନଃ ସମୀକ୍ଷା କରିବ ବୋଲି ଫିଦାନ ସ୍ପଷ୍ଟ କରିଛନ୍ତି।

## ଚାବାହାର ଅଂଶଧନ ଇରାନକୁ ହସ୍ତାନ୍ତର କରିପାରେ ଭାରତ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଭାରତ-ଇରାନର ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଚାବାହାର ବନ୍ଦରକୁ ନେଇ ଏକ ବଡ଼ ଖବର ସାମ୍ନାକୁ ଆସିଛି। ଆମେରିକାର କଟକଣାରୁ ବର୍ତ୍ତିବା ପାଇଁ ଭାରତ ଏହି ବନ୍ଦରରେ ଥିବା ନିଜର କାର୍ଯ୍ୟକାରୀ ଅଂଶଧନକୁ ଏକ ଇରାନୀ କମ୍ପାନୀକୁ ଅସ୍ଥାୟୀ ଭାବେ ହସ୍ତାନ୍ତର କରିପାରେ ବୋଲି ସୂଚନା ମିଳିଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଆମେରିକା ଦ୍ୱାରା ଜାରି କରାଯାଇଥିବା କଟକଣା କୋହଳ ଅବଧି ଚଳିତ ମାସରେ ଶେଷ ହେବାକୁ ଯାଉଛି। ଏପରି ସ୍ଥିତିରେ ବନ୍ଦରର କାର୍ଯ୍ୟକୁ ନିରନ୍ତର ରଖିବା ପାଇଁ ଭାରତ ଏଭଳି ପଦକ୍ଷେପ ନେଇପାରେ ବୋଲି କୁହାଯାଇଛି। ଭାରତ ଏହି ପ୍ରକଳ୍ପରେ ପ୍ରାୟ ୧୨୦ ମିଲିୟନ ଡଲାର ପ୍ରାୟ ୧୧୦୦ କୋଟି ଟଙ୍କା ନିବେଶ କରିଛି। ଭାରତ ସରକାର ବର୍ତ୍ତମାନ ଏହି ପ୍ରସଙ୍ଗରେ ଆମେରିକା ଏବଂ ଇରାନ ଉଭୟଙ୍କ ସହ ପୃଥକ ଭାବେ ଆଲୋଚନା କରୁଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ନଭେମ୍ବର ୨୦୨୫ରେ ଆମେରିକା ଭାରତକୁ ୬ ମାସ ପାଇଁ କଟକଣାରୁ ରିହାତି ଦେଇଥିଲା, ଯାହାର ସମୟସୀମା ଏବେ ସମାପ୍ତ ହେଉଛି। ଏହି ଅସ୍ଥାୟୀ ହସ୍ତାନ୍ତର ପ୍ରକ୍ରିୟା ମାଧ୍ୟମରେ ଭାରତ ନିଜର ସ୍ୱାର୍ଥ ରକ୍ଷା କରିବା ସହ ଆମେରିକାର କଠୋର ଆଭିମୁଖ୍ୟ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ଚାହୁଁଛି। ପାକିସ୍ତାନକୁ ବାଦ୍ ଦେଇ ଆଫଗାନିସ୍ତାନ ସହ ସଂଯୋଗ ପାଇଁ ଚାବାହାର ବନ୍ଦର ଗୁରୁତ୍ୱପୂର୍ଣ୍ଣ। ଏହି ବନ୍ଦର ମାଧ୍ୟମରେ ଭାରତ ପାକିସ୍ତାନ ଉପରେ ନିର୍ଭର ନକରି ସିଧାସଳଖ ଆଫଗାନିସ୍ତାନ ଏବଂ ମଧ୍ୟ ଏସିଆର ଦେଶଗୁଡ଼ିକ ସହ ବାଣିଜ୍ୟିକ କାରବାର କରିପାରିବ। ପାକିସ୍ତାନର ଗ୍ୱାଦର ବନ୍ଦରରେ ଚୀନର ନିବେଶ ବିରୋଧରେ ଚାବାହାର ହେଉଛି ଭାରତର ଏକ ଶକ୍ତିଶାଳୀ ରଣନୈତିକ ବିକଳ୍ପ। ଭାରତ ଏହି ବନ୍ଦର ପାଇଁ ବିପୁଳ ପାଣ୍ଠି ଯୋଗାଇ ଦେଇଛି, ଯାହାର ସୁରକ୍ଷା ପାଇଁ ଏହାର କାର୍ଯ୍ୟକ୍ଷମ ରହିବା ଜରୁରୀ। ଚାବାହାର ବନ୍ଦର ନେଇ ଭାରତର ପ୍ରୟାସ ୨୦୦୩ରେ ବାଜପେୟୀ ସରକାରଙ୍କ ସମୟରୁ ଆରମ୍ଭ ହୋଇଥିଲା। ୨୦୧୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଏଥିପାଇଁ ୮୦୦ କୋଟି ଟଙ୍କାର ନିବେଶ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଇରାନ ଏବଂ ଆଫଗାନିସ୍ତାନ ସହ ମିଶି ଏହି ଚୁକ୍ତିକୁ ଆଗକୁ ବଢ଼ାଇଥିଲେ। ଏଥିରେ ଟର୍ମିନାଲ ପାଇଁ ୭୦୦ କୋଟି ଏବଂ ବନ୍ଦର ବିକାଶ ପାଇଁ ୧୨୫୦ କୋଟି ଟଙ୍କାର ଋଣ ସହାୟତା ଅନ୍ତର୍ଭୁକ୍ତ ଥିଲା।

## ଇଭିଏମ୍ ଷ୍ଟ୍ରଙ୍ଗରୁମ୍‌ରେ ବିଜୁଳି ବିଭ୍ରାଟ: କାମ କରୁନି ସିସିଟିଭି, କ୍ୟାମେରା

### ପଶ୍ଚିମ ବଙ୍ଗରେ ଅଭାବନୀୟ ପରିସ୍ଥିତି ସିସିଟିଭି ଲଗାଇଲେ ଟିଏମ୍‌ସି, କଂଗ୍ରେସ



ମୁର୍ଶିଦାବାଦ, ୨୫।୪: ପଶ୍ଚିମବଙ୍ଗରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଶେଷ ହେବାପରେ ଟିଏମସି ଏବଂ ବିଜେପି ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ସେମାନେ ଅଧିକ ଆସନ ପାଇଥିବା ଦାବି ମଧ୍ୟ କରିବାରେ ଲାଗିଛନ୍ତି। ଆସନ୍ତା ୨୯ ତାରିଖରେ ହେବାକୁ ଥିବା ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ପୂର୍ବରୁ ଲୋକମାନଙ୍କ ମଧ୍ୟରେ ନିଜ ନିଜ ସପକ୍ଷରେ ବାତାବରଣ ସୃଷ୍ଟି କରିବାକୁ ଉଦ୍ୟମ କରିଛନ୍ତି। ଏଭଳି ପରିସ୍ଥିତି ମଧ୍ୟରେ ମମତାଙ୍କ ଟିଏମ୍‌ସିର ଗଡ଼ କୁହାଯାଉଥିବା ମୁର୍ଶିଦାବାଦ ଜିଲ୍ଲାରୁ ଅଭାବନୀୟ ଖବର ଆସିଛି। ପ୍ରଥମ ପର୍ଯ୍ୟାୟରେ ଏଠାରେ ମତଦାନ ହୋଇଥିଲା। ମତଦାନ ପରେ ବିଭିନ୍ନ ସ୍ଥାନରେ ଷ୍ଟ୍ରଙ୍ଗରୁମରେ ରଖା ହୋଇଛି ଭୋଟିଂ ମେସିନ ବା ଇଭିଏମ୍। ତେବେ ଯେଉଁ ଷ୍ଟ୍ରଙ୍ଗରୁମରେ ଇଭିଏମ୍ ରଖାଯାଇଛି, ସେଠାରେ ବାରମ୍ବାର ବିଜୁଳି ବିଭ୍ରାଟ ଦେଖାଦେଇଛି। କେବଳ ଏତିକି ନୁହେଁ, ସିସିଟିଭି ଏବଂ କ୍ୟାମେରା ମଧ୍ୟ କାମ କରୁନି। ଏଗୁଡ଼ିକୁ ଅଚଳ କରିଦିଆଯାଇଛି। ଟିଏମସି ପ୍ରାର୍ଥୀ ଆଜି ଏଭଳି ଅଭିଯୋଗ କରିଛନ୍ତି। ସେମାନେ କହିଛନ୍ତି ଯେ ଟିଏମସିକୁ ହରାଇବା ଲାଗି କେନ୍ଦ୍ରୀୟ ବାହିନୀ ସହାୟତାରେ ବିଜେପି ଇଭିଏମରେ ଜାଲିଆତି ଚଳାଇଛି। ସେମାନେ ଏସଂପର୍କରେ ଅଭିଯୋଗ କରିଥିଲେ ମଧ୍ୟ କେନ୍ଦ୍ରୀୟ ଫୋର୍ସ ଶୁଣୁନଥିବା ବେଳେ ନିର୍ବାଚନ ଅଧିକାରୀ ମଧ୍ୟ ଚୁପ ରହିଛନ୍ତି। ସାଗରଦିଘି ବିଧାୟକ ତଥା ଟିଏମସି ନେତା ଏହି ଅଭିଯୋଗ ଆଣିଛନ୍ତି। ଜଙ୍ଗିପୁର ପଲିଟେକନିକ୍ କଲେଜ ଷ୍ଟ୍ରଙ୍ଗରୁମରେ ୪ଟି ନିର୍ବାଚନମଣ୍ଡଳୀର ଇଭିଏମ୍ ରଖାଯାଇଛି ଏବଂ ଏହି ଷ୍ଟ୍ରଙ୍ଗରୁମରେ ଏଭଳି ବିଭ୍ରାଟ ଦେଖାଦେଇଛି ବୋଲି ସେ ଅଭିଯୋଗ କରିଛନ୍ତି। ସେହିଭଳି ମୁର୍ଶିଦାବାଦ ଜିଲ୍ଲାର ଡୋମକାଲ ଗାର୍ଲସ କଲେଜ ଷ୍ଟ୍ରଙ୍ଗରୁମରେ ମଧ୍ୟ ଏଭଳି ବିଭ୍ରାଟ ନେଇ ମିଳିତ ଅଭିଯୋଗ କରିଛନ୍ତି ଟିଏମ୍‌ସି, କଂଗ୍ରେସ ଏବଂ ବାମ ସାମ୍ମୁଖ୍ୟ। ସେମାନେ ଏହି କଲେଜ କ୍ୟାମ୍ପସରେ ନିଜ ଆଡୁ ସିସିଟିଭି ଏବଂ କ୍ୟାମେରା ଲଗାଇବା ସହିତ ଷ୍ଟ୍ରଙ୍ଗରୁମ ଉପରେ ୨୪ ଘଣ୍ଟା ନଜର ରଖିବା ଲାଗି ଦଳୀୟ କର୍ମୀମାନଙ୍କୁ ନିୟୋଜିତ କରିଛନ୍ତି। ଏହି ଷ୍ଟ୍ରଙ୍ଗରୁମରେ ତିନିଟି ନିର୍ବାଚନମଣ୍ଡଳୀର ଇଭିଏମ୍ ରହିଛି। ଆସନ୍ତା ୪ ତାରିଖରେ ଭୋଟ ଗଣତି ସହ ଫଳାଫଳ ଘୋଷଣା କରାଯିବ।

## ମଣିପୁରରେ ଥମୁନି ହିଂସା
### ପୁଲିସ-ବିକ୍ଷୋଭକାରୀ ମୁହାଁମୁହିଁ

ଇମ୍ଫାଲ, ୨୫।୪(ଏଜେନ୍ସି): ମଣିପୁରର ରାଜଧାନୀ ଇମ୍ଫାଲରେ ଶନିବାର ଏକ ବୃହତ ବିକ୍ଷୋଭ ରାଲି ଅନୁଷ୍ଠିତ ହେବା ସମୟରେ ପରିସ୍ଥିତି ଅତ୍ୟନ୍ତ ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଛି। କୋଅର୍ଡିନେଟିଂ କମିଟି ଅନ୍ ମଣିପୁର ଇଣ୍ଟିଗ୍ରିଟି ପକ୍ଷରୁ ଆୟୋଜିତ ଏହି ରାଲି ସମୟରେ ବିକ୍ଷୋଭକାରୀ ଏବଂ ସୁରକ୍ଷା ବଳଙ୍କ ମଧ୍ୟରେ ସଂଘର୍ଷ ଘଟିଛି। ଫଳରେ ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ପକ୍ଷରୁ ଲୁହବୁହା ଗ୍ୟାସ ପ୍ରୟୋଗ କରାଯାଇଛି। ଶନିବାର ଅପରାହ୍ଣ ପ୍ରାୟ ୧ଟା ସମୟରେ ଉପତ୍ୟକା ଜିଲ୍ଲାଗୁଡ଼ିକର ବିଭିନ୍ନ ସ୍ଥାନରୁ ବହୁ ସଂଖ୍ୟାରେ ଲୋକ ଏକତ୍ରିତ ହୋଇ ଏହି ରାଲି ଆରମ୍ଭ କରିଥିଲେ। ପ୍ରଦର୍ଶନକାରୀମାନେ ମୁଖ୍ୟମନ୍ତ୍ରୀ ୟୁମ୍ନାମ ଖେମଚାନ୍ଦ ସିଂଙ୍କ ବାସଭବନ ଅଭିମୁଖେ ଯାଇ ରାଜ୍ୟର ଶାନ୍ତି ପ୍ରତିଷ୍ଠା ପାଇଁ ୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଥିଲେ। ତେବେ ରାଲି ଆଗକୁ ବଢ଼ିବା ସହିତ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷ ହୋଇଥିଲା। ବିଶେଷ କରି ମହିଳାମାନଙ୍କ ଦ୍ୱାରା ପରିଚାଳିତ ଖ୍ୱାଇରାମବନ୍ଦ ଇମା କେଥେଲ ମଦର୍ସ ମାର୍କେଟ ନିକଟରେ ସ୍ଥିତି ଗମ୍ଭୀର ହୋଇପଡ଼ିଥିଲା। ପୁଲିସ ଭିଡ଼ ନିୟନ୍ତ୍ରଣ ପାଇଁ ଲୁହବୁହା ଗ୍ୟାସ ପ୍ରୟୋଗ କରିଥିଲା। ଫଳରେ ବ୍ୟବସାୟୀ ଏବଂ ଗ୍ରାହକଙ୍କ ଧାଁ ଧପଡ଼ ହୋଇଥିଲା। ଏହି ଘଟଣାରେ ଅନେକ ଆହତ ହେବାର ଖବର ମିଳିଛି।

## ୩ ବର୍ଷର ପୁଅକୁ ହତ୍ୟା କରି ଆତ୍ମହତ୍ୟା କଲା ମଦ୍ୟପ ପିତା

ଝାନ୍ସି, ୨୫।୪(ଏଜେନ୍ସି): ଉତ୍ତର ପ୍ରଦେଶର ଝାନ୍ସି ଜିଲ୍ଲାରେ ଏକ ହୃଦୟବିଦାରକ ଘଟଣା ସାମ୍ନାକୁ ଆସିଛି। ଜଣେ ବ୍ୟକ୍ତି ମଦ୍ୟପାନ କରି ପରିବାର ସହ ଝଗଡ଼ା କରିବା ପରେ ନିଜର ୩ ବର୍ଷର ନିଷ୍ପାପ ପୁଅକୁ ହତ୍ୟା କରି ନିଜେ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଝାନ୍ସିର ଧୀମରପୁରା ଗାଁର ବାସିନ୍ଦା ପ୍ରେମ ସିଂ (୩୮) ଗତକାଲି ରାତିରେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଘରକୁ ଫେରିଥିଲେ। ସେ ଅତ୍ୟଧିକ ମଦ୍ୟପାନ କରିଥିଲେ। ଏହାକୁ ନେଇ ପରିବାରେ ତାଙ୍କର ଯୁକ୍ତିତର୍କ ହୋଇଥିଲା। ତାଙ୍କ ପତ୍ନୀ ଆଶାଙ୍କ କହିବା ଅନୁସାରେ, ମଦ୍ୟପାନକୁ ନେଇ ତାଙ୍କ ଶାଶୁ ମଧ୍ୟ ପ୍ରେମ ସିଂଙ୍କୁ ଗାଳିଗୁଲଜ କରିଥିଲେ। ଏହାପରେ, ରାତି ଅଧରେ ପ୍ରେମ ସିଂ ନିଜର ସବୁଠାରୁ ସାନ ପୁଅ ଭରତ (୩)କୁ ଧରି ଅନ୍ୟ ଏକ କୋଠରୀକୁ ଚାଲିଯାଇଥିଲେ ଏବଂ ଭିତରୁ କବାଟ ବନ୍ଦ କରିଦେଇଥିଲେ। ମାତ୍ର କିଛି ଘଣ୍ଟା ପରେ ପତ୍ନୀ ଆଶା ସନ୍ଦେହ ହେବାରୁ ସେ ଝରକା ବାଟେ ଚାହିଁ ଦେଖିଥିଲେ ଯେ ତାଙ୍କ ସ୍ୱାମୀ ଫାଶୀରେ ଝୁଲୁଛନ୍ତି ଏବଂ ପୁଅ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ି ରହିଛି। ଖବର ପାଇ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି କବାଟ ଭାଙ୍ଗି ମୃତଦେହ ଗୁଡ଼ିକୁ ଉଦ୍ଧାର କରିଥିଲା। ତଦନ୍ତରୁ ଜଣାପଡୁଛି ଯେ ବ୍ୟକ୍ତିଜଣକ ପ୍ରଥମେ ପୁଅକୁ ଏକ ଧାରୁଆ ଅସ୍ତ୍ରରେ ହତ୍ୟା କରିବା ପରେ ନିଜେ ଆତ୍ମହତ୍ୟା କରିଛନ୍ତି।

## ୟୁକ୍ରେନ୍‌ରେ ରୁଷ ଆକ୍ରମଣ: ୭ ମୃତ

କିଭ୍, ୨୫।୪(ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଭୟଙ୍କର ରୂପ ଧାରଣ କରିଛି। ଗତକାଲି ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ଡ୍ରୋନ୍ ଆକ୍ରମଣରେ ୭ ଜଣ ପ୍ରାଣ ହରାଇଥିବା ଜଣାପଡ଼ିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କିଙ୍କ ଅନୁଯାୟୀ, ରୁଷ ୬୦୦ରୁ ଅଧିକ ଡ୍ରୋନ୍ ଆକ୍ରମଣ କରିଥିଲା। ସାଧାରଣ ନାଗରିକ ରହୁଥିବା ଅଞ୍ଚଳ ଏବଂ ଭିତ୍ତିଭୂମିକୁ ଟାର୍ଗେଟ କରାଯାଇଛି। ଦନିପ୍ରୋ ସହରରେ ଏକ ଆପାର୍ଟମେଣ୍ଟରେ ଡ୍ରୋନ୍ ମାଡ଼ରେ ୫ ଜଣଙ୍କର ମୃତ୍ୟୁ ଘଟିଛି। ଉତ୍ତର ଚେର୍ନିହିଭ ଅଞ୍ଚଳରେ ଆଉ ୨ ଜଣ ପ୍ରାଣ ହରାଇଛନ୍ତି। ଓଡେସା ଏବଂ ଖାର୍କିଭ ଭଳି ପ୍ରମୁଖ ସହରରେ ମଧ୍ୟ ରୁଷର ମିସାଇଲ ଓ ଡ୍ରୋନ୍ ମାଡ଼ ହୋଇଛି।

## 'ନିତି ଆୟୋଗ' ପୁନର୍ଗଠିତ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): କେନ୍ଦ୍ର ସରକାର ଦେଶର ସର୍ବୋଚ୍ଚ ନୀତି ନିର୍ଦ୍ଧାରକ ସଂସ୍ଥା 'ନିତି ଆୟୋଗ'ର ପୁନର୍ଗଠନ କରିଛନ୍ତି। ବିଶିଷ୍ଟ ଅର୍ଥନୀତିଜ୍ଞ ତଥା ଭାରତ ସରକାରଙ୍କ ପୂର୍ବତନ ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଅଶୋକ କୁମାର ଲାହିରିଙ୍କୁ ନିତି ଆୟୋଗର ଉପାଧ୍ୟକ୍ଷ ଭାବେ ନିଯୁକ୍ତ କରାଯାଇଛି। ଶ୍ରୀ ଲାହିରି ୧୫ତମ ଅର୍ଥ କମିଶନର ଜଣେ ସଦସ୍ୟ ଥିଲେ ଏବଂ ବର୍ତ୍ତମାନ ପଶ୍ଚିମବଙ୍ଗର ଜଣେ ବିଧାୟକ ଅଛନ୍ତି। ନିଯୁକ୍ତି ପରେ ଶନିବାର ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୂତନ ସଦସ୍ୟମାନଙ୍କୁ ଶୁଭକାମନା ଜଣାଇବା ସହ ଆୟୋଗର ଭବିଷ୍ୟତର ରଣନୀତି ସମ୍ପର୍କରେ ସୂଚନା ଦେଇଛନ୍ତି। ଏହା ସହିତ ସରକାର ୫ ଜଣ ପୂର୍ଣ୍ଣକାଳୀନ ସଦସ୍ୟଙ୍କ ନାମ ଘୋଷଣା କରିଛନ୍ତି। ଏହି ସଦସ୍ୟମାନେ ହେଲେ, ପୂର୍ବତନ କ୍ୟାବିନେଟ ସଚିବ ରାଜୀବ ଗୌବା, ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର କେ.ଭି. ରାଜୁ, ବୈଜ୍ଞାନିକ ପ୍ରଫେସର ଗୋବର୍ଦ୍ଧନ ଦାସ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ପ୍ରଫେସର ଅଭୟ କରନ୍ଦିକର, ଏମ୍ସର ନିର୍ଦ୍ଦେଶକ ଡଃ ଏମ. ଶ୍ରୀନିବାସ।

## ଦୁଇ ମାସ ପରେ ଇରାନରୁ ବିମାନ ସେବା ଆରମ୍ଭ

ତେହେରାନ, ୨୫।୪(ଏଜେନ୍ସି): ପ୍ରାୟ ଦୁଇ ମାସର ବ୍ୟବଧାନ ପରେ ଇରାନ ଏହାର ତେହେରାନ ସ୍ଥିତ ଇମାମ ଖୋମେନି ଅନ୍ତର୍ଜାତୀୟ ବିମାନବନ୍ଦରରୁ ପୁଣିଥରେ ବାଣିଜ୍ୟିକ ବିମାନ ସେବା ଆରମ୍ଭ କରିଛି। ଆମେରିକା ଏବଂ ଇସ୍ରାଏଲ ସହିତ ଯୁଦ୍ଧ ଆରମ୍ଭ ହେବା ପରେ ପ୍ରଥମ କରି ଶନିବାର ଇସ୍ତାନବୁଲ, ମସ୍କାଟ ଏବଂ ମଦିନା ଅଭିମୁଖେ ବିମାନଗୁଡ଼ିକ ଯାତ୍ରା ଆରମ୍ଭ କରିଛନ୍ତି। ଆମେରିକା ସମର୍ଥିତ ଏକ ଅସ୍ଥାୟୀ ଯୁଦ୍ଧ ବିରତି ମଧ୍ୟରେ ଏହି ବିମାନ ଚଳାଚଳ ପୁନଃ ଚାଲୁ କରାଯାଇଛି। ଇରାନର ବୈଦେଶିକ ମନ୍ତ୍ରୀ ଆବାସ ଆରାଗଚି ବର୍ତ୍ତମାନ ପାକିସ୍ତାନ ଗସ୍ତରେ ଅଛନ୍ତି। ସେଠାରେ ସେ ଶାନ୍ତି ପ୍ରତିଷ୍ଠା ପାଇଁ ପାକିସ୍ତାନର ଶୀର୍ଷ ସାମରିକ ଓ ରାଜନୈତିକ ନେତୃତ୍ୱଙ୍କ ସହ ଆଲୋଚନା କରୁଛନ୍ତି। ହ୍ୱାଇଟ୍ ହାଉସର ସୂଚନା ଅନୁଯାୟୀ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ବିଶେଷ ଦୂତ ଷ୍ଟିଭ୍ ୱିଟକଫ ଏବଂ ଜାରେଡ୍ କୁଶନରଙ୍କୁ ମଧ୍ୟ ପାକିସ୍ତାନ ପଠାଇବାକୁ ସ୍ଥିର କରିଛନ୍ତି, ଯାହାଫଳରେ ଇରାନ ସହିତ ପରୋକ୍ଷ ଭାବେ ଆଲୋଚନା କରି ଯୁଦ୍ଧ ବିରତିକୁ ସ୍ଥାୟୀ କରାଯାଇପାରିବ।

## 'ଶୀଷ ମହଲ-୨'କୁ ନେଇ ଦିଲ୍ଲୀ ରାଜନୀତି ସରଗରମ

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଆବାହକ ଅରବିନ୍ଦ କେଜ୍ରିୱାଲଙ୍କ ନୂଆ ସରକାରୀ ବାସଭବନକୁ ନେଇ ବିଜେପି ଏବଂ ଆପ୍ ମଧ୍ୟରେ ରାଜନୈତିକ ବିବାଦ ସୃଷ୍ଟି ହୋଇଛି। କେଜ୍ରିୱାଲ ତାଙ୍କର ନୂତନ ବାସଭବନ ୯୫ ଲୋଧି ଇଷ୍ଟେଟ୍‌କୁ ସ୍ଥାନାନ୍ତରିତ ହେବାର ମାତ୍ର ଦିନକ ପରେ ବିଜେପି ଏହାକୁ 'ଶୀଷ ମହଲ ୨' ବୋଲି ଅଭିହିତ କରିଛି। ବିଜେପି ନେତା ତଥା ଦିଲ୍ଲୀ ମନ୍ତ୍ରୀ ପ୍ରବେଶ ବର୍ମା ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ କେଜ୍ରିୱାଲଙ୍କ ନୂଆ ବଙ୍ଗଳାର କିଛି ଫଟୋ ଏବଂ ନକ୍ସା ଜାରି କରିଛନ୍ତି। ବର୍ମା ଅଭିଯୋଗ କରିଛନ୍ତି ଯେ ଏହି ବାସଭବନ ଅତି ଉଚ୍ଚମାନର ଏବଂ ବିଳାସପୂର୍ଣ୍ଣ ହୋଇଛି। ଏଥିରେ ବିଭିନ୍ନ ସୁବିଧା ସୁଯୋଗ ପାଇଁ ବିପୁଳ ପାଣ୍ଠି ବ୍ୟବହାର କରାଯାଇଛି। ତାଙ୍କ କହିବା ଅନୁଯାୟୀ, ସାଧାରଣତଃ ସରକାର ନେତାମାନଙ୍କ ବଙ୍ଗଳା ପାଇଁ ଏତେ ବିପୁଳ ପରିମାଣର ଅର୍ଥ ଖର୍ଚ୍ଚ କରନ୍ତି ନାହିଁ। କେଜ୍ରିୱାଲଙ୍କୁ ଦିଲ୍ଲୀର 'ରହମାନ ଡକାୟତ' ବୋଲି କହି କଟାକ୍ଷ କରିଛନ୍ତି। ଏହାସହ ଏହି ବିଳାସପୂର୍ଣ୍ଣ ସାମଗ୍ରୀ ପାଇଁ ଅର୍ଥ କେଉଁଠାରୁ ଆସିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ବର୍ମା ଆହୁରି ମଧ୍ୟ ଦାବି କରିଛନ୍ତି ଯେ କେଜ୍ରିୱାଲ ନିଜର ସରଳ ଜୀବନଶୈଳୀର ଭାବମୂର୍ତ୍ତିକୁ



ସମ୍ପୂର୍ଣ୍ଣ ପରିତ୍ୟାଗ କରି ଏବେ ଅତ୍ୟନ୍ତ ବିଳାସପୂର୍ଣ୍ଣ ଜୀବନ ବିତାଉଛନ୍ତି। ସେପଟେ ଏହି ଅଭିଯୋଗକୁ ଆପ୍ ପ୍ରତ୍ୟାଖ୍ୟାନ କରିଛି। ଆପ୍ ନେତ୍ରୀ ଅତିଶୀ ବିଜେପି ଦ୍ୱାରା ଜାରି କରାଯାଇଥିବା ଫଟୋଗୁଡ଼ିକୁ ନକଲି ବୋଲି କହିଛନ୍ତି। ଏହି ଚିତ୍ରଗୁଡ଼ିକୁ ସୋସିଆଲ ମିଡିଆ ସାଇଟ୍‌ରୁ ଡାଉନଲୋଡ୍ କରାଯାଇଛି ବୋଲି ସେ କହିଛନ୍ତି। ଅତିଶୀ ବିଜେପି ଉପରେ ପାଲଟା ଆକ୍ରମଣ କରିଛନ୍ତି। ଯଦି ବିଜେପିକୁ ପ୍ରକୃତରେ ତୁଳନା କରିବାର ଅଛି, ତେବେ ଦିଲ୍ଲୀ ଉପରାଜ୍ୟପାଳ ଏବଂ ବିଜେପି ନେତା ରେଖା ଗୁପ୍ତା ନିଜ ନିଜ ଘରର ଦ୍ୱାର ଜନସାଧାରଣଙ୍କ ପାଇଁ ଖୋଲିଦିଅନ୍ତୁ, ଯାହାଦ୍ୱାରା ଲୋକେ ନିଜେ ନିଷ୍ପତ୍ତି ନେଇପାରିବେ କାହାର ଘର ଅଧିକ ବିଳାସପୂର୍ଣ୍ଣ ବୋଲି ସେ କହିଛନ୍ତି।

ଏହା ପୂର୍ବରୁ ସିଭିଲ୍ ଲାଇନ୍ସ ସ୍ଥିତ କେଜ୍ରିୱାଲଙ୍କର ସରକାରୀ ବାସଭବନର ନବୀକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ ହୋଇଥିବା ନେଇ ବିଜେପି ଅଭିଯୋଗ କରିଥିଲା। ସେହି ସମୟରେ ମଧ୍ୟ ବିଜେପି ଏହାକୁ ଶୀଷ ମହଲ ବୋଲି କହିଥିଲା। ଏପରିକି ଏହି ପ୍ରସଙ୍ଗକୁ ବିଜେପି ନିର୍ବାଚନୀ ପ୍ରଚାରର ଏକ ମୁଖ୍ୟ ଅସ୍ତ୍ର ଭାବେ ବ୍ୟବହାର କରିଥିଲା।

## ୨୪ ଘଣ୍ଟାରେ ୧୫ ଲକ୍ଷ ଫଲୋଅର୍ସ ହରାଇଲେ ରାଘବ ଚଢ଼ା

ନୂଆଦିଲ୍ଲୀ, ୨୫।୪(ଏଜେନ୍ସି): ଆମ୍ ଆଦମୀ ପାର୍ଟି (ଆପ୍) ଛାଡି ବିଜେପିରେ ସାମିଲ ହେବା ପରେ ରାଜ୍ୟସଭା ସାଂସଦ ରାଘବ ଚଢ଼ାଙ୍କ ଲୋକପ୍ରିୟତାରେ ଦ୍ରୁତ ହ୍ରାସ ପରିଲକ୍ଷିତ ହୋଇଛି। ବିଶେଷ କରି ଯୁବପିଢ଼ି ବା ଜେନ ଜେଡ ମଧ୍ୟରେ ତାଙ୍କ ପ୍ରତି ଥିବା ଅସନ୍ତୋଷ ସ୍ପଷ୍ଟ ଦେଖାଦେଇଛି। ମାତ୍ର ୨୪ ଘଣ୍ଟା ମଧ୍ୟରେ ସେ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରୁ ପ୍ରାୟ ୧୫ ଲକ୍ଷ ଫଲୋଅର୍ସଙ୍କୁ ହରାଇଛନ୍ତି। ସୂଚନା ଅନୁଯାୟୀ, ଶୁକ୍ରବାର ୩୭ ବର୍ଷୀୟ ଏହି ସାଂସଦଙ୍କର ୧୪.୬ ନିୟୁତ ଫଲୋଅର୍ସ। କିନ୍ତୁ ଶନିବାର ଅପରାହ୍ଣ ସୁଦ୍ଧା ଏହି ସଂଖ୍ୟା ହ୍ରାସ ପାଇ ୧୩.୧ ନିୟୁତରେ ପହଞ୍ଚିଛି। ରାଜନୈତିକ ବିଶ୍ଳେଷଜ୍ଞଙ୍କ ମତରେ, ଏହି ଅନଫଲୋ ଅଭିଯାନ ମୁଖ୍ୟତଃ ଯୁବପିଢ଼ିଙ୍କ ଦ୍ୱାରା ପରିଚାଳିତ ହେଉଛି। ରାଘବ ଚଢ଼ା ପୂର୍ବରୁ ଯୁବପିଢ଼ିଙ୍କ ସହ ଜଡିତ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଯଥା- ପିତୃତ୍ୱ ଛୁଟି, ଟେଲିକମ୍ ଡାଟା ସୀମା ଏବଂ ଗିଗ୍ ୱାର୍କର୍ସଙ୍କ ଅଧିକାର ଭଳି ବିଷୟ ସଂସଦରେ ଉଠାଇ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ଏପରିକି ସେ ଦିନକ ପାଇଁ ଜଣେ ଡେଲିଭରି ପାର୍ଟନର ଭାବେ କାମ କରି ସାଧାରଣ ଶ୍ରମିକଙ୍କ ସମସ୍ୟା ବୁଝିବାକୁ ଚେଷ୍ଟା କରିଥିଲେ। କିନ୍ତୁ ବିଜେପିରେ ସାମିଲ ହେବା ପରେ ତାଙ୍କର ଏହି ଭାବମୂର୍ତ୍ତି ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସୋସିଆଲ ମିଡିଆରେ ବର୍ତ୍ତମାନ 'ଅନଫଲୋ ରାଘବ ଚଢ଼ା' ହ୍ୟାସଟ୍ୟାଗ୍ ଟ୍ରେଣ୍ଡ କରୁଛି। ସେ ବିଜେପିରେ ଯୋଗଦେବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବିଜେପି ବିରୋଧରେ ଥିବା ନିଜର ସମସ୍ତ ପୁରୁଣା ପୋଷ୍ଟଗୁଡିକୁ ଡିଲିଟ୍ କରିଦେଇଥିବା ଅନେକ କହିଛନ୍ତି। ସେହିପରି ପ୍ରସିଦ୍ଧ ପର୍ବତାରୋହୀ ରୋହତାଶ ଖିଲେରୀ ମଧ୍ୟ ତାଙ୍କୁ ଅନଫଲୋ କରିଥିବା ଜଣାପଡ଼ିଛି।

### ହରଭଜନଙ୍କ ଘରେ କଳା ବୋଳିଲେ ଆପ୍ କର୍ମୀ

ଭାରତୀୟ କ୍ରିକେଟର ତଥା ରାଜ୍ୟସଭା ସାଂସଦ ହରଭଜନ ସିଂହ ଆପ୍ ଛାଡି ବିଜେପିରେ ସାମିଲ ହେବା ପରେ ପଞ୍ଜାବ ରାଜନୀତିରେ ଝଡ଼ ସୃଷ୍ଟି ହୋଇଛି। ଶନିବାର ଜଳନ୍ଧର ସ୍ଥିତ ତାଙ୍କ ବାସଭବନ ବାହାରେ ଆପ୍ କର୍ମକର୍ତ୍ତାମାନେ ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରି ନିଜ ଅସନ୍ତୋଷ ଜାହିର କରିଛନ୍ତି। ବିକ୍ଷୋଭ ସମୟରେ ଉତ୍ତ୍ୟକ୍ତ କର୍ମୀମାନେ ହରଭଜନଙ୍କ ବାସଭବନ କାନ୍ଥରେ କଳା ରଙ୍ଗରେ ଗଦ୍ଦାର ବା ବିଶ୍ୱାସଘାତକ ବୋଲି ଲେଖିଥିବା ଦେଖିବାକୁ ମିଳିଛି। ଉଲ୍ଲେଖଯୋଗ୍ୟ, ହରଭଜନଙ୍କ ସମେତ ଆଉ ୬ ଜଣ ଆପ୍ ସାଂସଦ ଦଳ ଛାଡ଼ି ବିଜେପିରେ ସାମିଲ ହୋଇଛନ୍ତି। ଏହି




ଘଟଣାକୁ ନେଇ ଦଳୀୟ କର୍ମକର୍ତ୍ତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆଜି ପ୍ରଦର୍ଶନକାରୀମାନେ କଳା ପଟି ବାନ୍ଧି ଏକ ନିଆରା ଶୈଳୀରେ ହରଭଜନଙ୍କ ଏହି ପଦକ୍ଷେପକୁ ବିରୋଧ କରିଥିଲେ। ତେବେ ବିକ୍ଷୋଭ ସମୟରେ ହରଭଜନ ସିଂହ ଘରେ ଉପସ୍ଥିତ ନଥିଲେ ବୋଲି ଜଣାପଡ଼ିଛି।

# ଜ୍ଞାନ ବୃଦ୍ଧି ପାଇଁ ହିନ୍ଦୀକୁ ପ୍ରୋତ୍ସାହିତ କରିବା ଜରୁରୀ: କୁଳପତି

## ଅଣ-ହିନ୍ଦୀ ଭାଷା ପାଇଁ ହିନ୍ଦୀ ନୂତନ ଲେଖକ ଶିବିର ଉଦ୍‌ଘାଟିତ

ସମ୍ବଲପୁର, ୨୫।୪ (ସମିସ)

କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟ, ଶିକ୍ଷା ମନ୍ତ୍ରଣାଳୟ, ଉଚ୍ଚଶିକ୍ଷା ବିଭାଗ, ଭାରତ ସରକାରଙ୍କ ନୂଆଦିଲ୍ଲୀ ଏବଂ ହିନ୍ଦୀ ବିଭାଗ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଛଅଦିନିଆ ହିନ୍ଦୀ ଅଣ-ହିନ୍ଦୀ ଭାଷା ନୂତନ ଲେଖକ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ ବେହେରା କହିଛନ୍ତି ଯେ, ନୂତନ ପିଢ଼ି ଯଥାସମ୍ଭବ ପୁସ୍ତକ ପଢ଼ିବା ଏବଂ ଲେଖିବା ଉଚିତ। ଲେଖାରେ ସ୍ଥାନୀୟ ଭାଷା, ସଂସ୍କୃତି ଏବଂ ପରିସ୍ଥିତି ଭଳି ନୂତନ ବିଷୟ ଉପରେ ଲେଖା ମଧ୍ୟ ଅନ୍ତର୍ଭୁକ୍ତ ହେବା ଉଚିତ। କାର୍ଯ୍ୟକ୍ରମ ଅଧ୍ୟକ୍ଷ, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ କହିଛନ୍ତି ଯେ, ଜ୍ଞାନ ବୃଦ୍ଧି ପାଇଁ ହିନ୍ଦୀକୁ ପ୍ରୋତ୍ସାହିତ କରିବା ଏବଂ



ଜନସାଧାରଣଙ୍କ ସହିତ ଯୋଡ଼ିବା ଆବଶ୍ୟକ। ଯଦି ଭାରତକୁ ଆଗକୁ ବଢ଼ିବାକୁ ହୁଏ, ତେବେ ହିନ୍ଦୀକୁ ପ୍ରୋତ୍ସାହିତ କରିବାକୁ ପଡ଼ିବ, କାରଣ ଅଧିକାଂଶ ଲୋକ ଏହାକୁ କହନ୍ତି ଏବଂ ବୁଝନ୍ତି। ହିନ୍ଦୀରେ ଲେଖିବା ଦ୍ୱାରା ଅଧିକ ଲୋକ ଏହାକୁ ପଢ଼ିପାରିବେ ଏବଂ ସେମାନେ ସେମାନଙ୍କର ଚିନ୍ତାଧାରା ବ୍ୟାପକ ପାଠକଙ୍କ ନିକଟରେ ପହଞ୍ଚାଇପାରିବେ। ଓଏସଓୟୁର ପୂର୍ବତନ କୁଳସଚିବ ଡ. ଜୟନ୍ତ କରଶର୍ମା କହିଛନ୍ତି ଯେ, ଲେଖାଲେଖି ପ୍ରଗତି ହେଲେ ହିଁ ହିନ୍ଦୀ ସାହିତ୍ୟ ସମୃଦ୍ଧ ହେବ। ତିରୁବର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ତାମିଲନାଡୁର ସମ୍ମାନିତ ଅତିଥି ପ୍ରଫେସର ଏସ.ଭି.ଏସ.ଏସ. ନାରାୟଣ ରାଜୁ ମଧ୍ୟ ହିନ୍ଦୀ ଲେଖା ପାଇଁ ଆହ୍ୱାନ ଦେଇଥିଲେ।

ପ୍ରାରମ୍ଭରେ, ଶିବିର ପ୍ରଭାରୀ କେନ୍ଦ୍ରୀୟ ହିନ୍ଦୀ ନିର୍ଦ୍ଦେଶାଳୟର ସହାୟକ ନିର୍ଦ୍ଦେଶକ ଡ. ବବିତା ଶ୍ରୀବାସ୍ତବ ଶିବିରର ଉଦ୍ଦେଶ୍ୟ ଏବଂ ଦିଗ ବିଷୟରେ ସୂଚନା ପ୍ରଦାନ କରିଥିଲେ। ଶିବିର ସଂଯୋଜକ ଡ. ରଞ୍ଜନ ସେଠୀ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଶିବିର ସଂଯୋଜକ ଡ. ଦାଶରଥି ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିର ସହସଂଯୋଜକ ଡ. ପ୍ରଣତି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଶିବିରକୁ ସହସଂଯୋଜକ ଡା. ସ୍ମୃତି ସ୍ମରଣିକ ଜେନା ସହିତ ଓଡିଆ ତଥା ସଂସ୍କୃତ ବିଭାଗର ଅଧ୍ୟାପିକ, ଅଧ୍ୟାପିକା, ଗବେଷକ, ଛାତ୍ରଛାତ୍ରୀମାନେ ସହଯୋଗ କରୁଛନ୍ତି। ୨୫-୩୦ ଏପ୍ରିଲ ୨୦୨୬ ପର୍ଯ୍ୟନ୍ତ ସମ୍ବଲପୁରର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହେବାକୁ ଥିବା ଏହି ଶିବିରରେ, ଓଡ଼ିଶା ଏବଂ ମହାରାଷ୍ଟ୍ର ଭଳି ଅଣ-ହିନ୍ଦୀ ଭାଷାଭାଷୀ ରାଜ୍ୟରୁ ୨୫ ରୁ ଅଧିକ ନୂତନ ଲେଖକ ଲେଖିକାମାନେ ଅଂଶଗ୍ରହଣ କରିଛନ୍ତି।

ମହିଳା କଲେଜରେ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ପ୍ରସଙ୍ଗ

# କାର୍ଯ୍ୟାନୁଷ୍ଠାନ ହେଲାନି, ବଦଳି ହେଲା

ସମ୍ବଲପୁର, ୨୫।୪ (ସମିସ): ସମ୍ବଲପୁର ମହିଳା ମହାବିଦ୍ୟାଳୟରେ ଛାତ୍ରୀଙ୍କୁ ଅଶାଳୀନ ମନ୍ତବ୍ୟ ଦେବା ଏବଂ ସମ୍ପୃକ୍ତ ଛାତ୍ରୀଙ୍କ ସମ୍ମାନ ପ୍ରତି ଆଞ୍ଚ ଆସିବା ଅଭିଯୋଗ ହୋଇଥିଲା। ଏହାପରେ ନିୟମାନୁଯାୟୀ ମହାବିଦ୍ୟାଳୟରେ ଅନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରାଯାଇଥିଲା। ଏହି ଘଟଣାକୁ ମାସେରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଅନ୍ୟପକ୍ଷରେ ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କୁ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୨୧୮୧୮ ତା. ୨୪ ଏପ୍ରିଲ ୨୦୨୬ ଜରିଆରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବଦଳି କରି ଦିଆଯାଇଛି। ଯାହାକୁ ନେଇ ଛାତ୍ରୀ ତଥା ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁଯାୟୀ, ଗତ ମାର୍ଚ୍ଚ ୧୯ ତାରିଖରେ ମହିଳା ମହାବିଦ୍ୟାଳୟର ପାଞ୍ଚ ଜଣ ଛାତ୍ରୀ ସେମାନଙ୍କୁ ସମ୍ପୃକ୍ତ ଇଂରାଜୀ ବିଭାଗ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ କରି ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରିଥିଲେ। ଏହାର ଦୁଇଦିନ ପୂର୍ବରୁ ହୋଇଥିବା ସେମିନାର ସମୟରେ ଏବଂ ଶ୍ରେଣୀ କକ୍ଷରେ ମଧ୍ୟ ଉକ୍ତ ଅଧ୍ୟାପକ ଅଶ୍ଳୀଳ ଟିପ୍ପଣୀ ଦେଉଥିବା ଅଭିଯୋଗ ହୋଇଥିଲା। ଏପରିକି ଇଂରାଜୀ ବିଭାଗର ଜଣେ ଅଧ୍ୟାପିକା ମଧ୍ୟ ସମ୍ପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଅଧ୍ୟକ୍ଷଙ୍କୁ ଅଭିଯୋଗ କରିଥିଲେ। ସମ୍ପୃକ୍ତ ଅଧ୍ୟାପକଙ୍କୁ ସମାନ ଅଭିଯୋଗ ହେବାପରେ ସୁନ୍ଦରଗଡ଼ କଲେଜରୁ ସମ୍ବଲପୁରକୁ ବଦଳି କରାଯାଇଥିଲା। ପୁଣି ମହିଳା ମହାବିଦ୍ୟାଳୟରେ ଯୋଗ ଦେବାର ବର୍ଷକ ମଧ୍ୟରେ ଜଣେ ଛାତ୍ରୀ ଅଧ୍ୟାପକଙ୍କ ବ୍ୟବହାରକୁ ନେଇ ମୌଖିକ ଅଭିଯୋଗ କରିଥିଲେ ସୁଦ୍ଧା ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାହାକୁ ଗୁରୁତ୍ୱର ସହ ନେଇ ନ ଥିଲେ। ଗତ ୧୯ ତାରିଖ ଅଭିଯୋଗ ପାଇବାପରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷ ତାହାକୁ ତଦନ୍ତ କରିବା ପାଇଁ ୪ଟି କମିଟିକୁ ଦାୟିତ୍ୱ ଦେଇଥିଲେ। ଏହି ରିପୋର୍ଟ ପାଇବାପରେ ସରକାର ଏବଂ ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କୁ ପଠାଯାଇଥିବା କଲେଜ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ତେବେ, ସମ୍ପୃକ୍ତ ଇଂରାଜୀ ଅଧ୍ୟାପକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମହାବିଦ୍ୟାଳୟର ଛାତ୍ରୀମାନେ ଏକ ଭୟର ବାତାବରଣ ମଧ୍ୟରେ ରହୁଥିବା ଏବଂ ଆଇସିସି ରିପୋର୍ଟରେ ସେମାନଙ୍କ ମତାମତ ଏବଂ ଅଭିଯୋଗକୁ ସଠିକ୍ ଭାବେ ସ୍ଥାନିତ ନ କରିବା ନେଇ ଗତଦିନରେ ଛାତ୍ରୀମାନେ ଜିଲ୍ଲାପାଳ ତଥା ଉଚ୍ଚ ଶିକ୍ଷା ବିଭାଗର ଆଞ୍ଚଳିକ ନିର୍ଦ୍ଦେଶକଙ୍କଠାରେ ଅଭିଯୋଗ କରିଥିଲେ। ଏହାସହ ମହାବିଦ୍ୟାଳୟରେ ଛାତ୍ରୀମାନଙ୍କୁ ଏକ ସୁରକ୍ଷିତ ଓ ଭୟ-ଶୂନ୍ୟ ବାତାବରଣ ପ୍ରଦାନ କରିବାକୁ ଅନୁରୋଧ କରାଯାଇଥିଲା। ତେବେ, ସମ୍ପୃକ୍ତ ଅଧ୍ୟାପକଙ୍କୁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବଦଳି କରି ଦିଆଯାଇ ଥିବାବେଳେ ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ଜଣାପଡ଼ିଛି।

# ଜିଏମ୍‌ୟୁରେ ପୁସ୍ତକ ଲୋକାର୍ପିତ

ସମ୍ବଲପୁର, ୨୫।୪ (ସମିସ) : ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟରେ ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ୧୨୫ତମ ନୃସିଂହ ଗୁରୁଙ୍କ ଜୟନ୍ତୀ ଅବସରରେ ଉଦ୍‌ଘାଟନୀ ଉତ୍ସବ ଏବଂ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାରୋହରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଭାଷା ସାହିତ୍ୟ ଛାତ୍ରୀ ତୃଷ୍ଣା ଦାଶଙ୍କ ଓଡ଼ିଆ ପ୍ରବନ୍ଧ ସଂକଳନ 'ସରୁ ଏକ ସ୍ରୋତ' ଉନ୍ମୋଚିତ ହୋଇଛି। ଏହା ଓଡ଼ିଆ ବାଣୀଭଣ୍ଡାରକୁ ସମର୍ପିତ ତାଙ୍କର ପ୍ରଥମ ଅର୍ଘ୍ୟ। ଏହି ପ୍ରବନ୍ଧ ସଙ୍କଳନରେ ୩୧ଟି ଭିନ୍ନ ରୁଚିର ଭାଷା ସାହିତ୍ୟ ସମ୍ବଳିତ ଉଚ୍ଚକୋଟୀର ମୂଲ୍ୟବୋଧଧର୍ମୀ ପ୍ରବନ୍ଧ ସ୍ଥାନ ପାଇଛି। ପୁସ୍ତକ ଲୋକାର୍ପଣ ଉତ୍ସବରେ ଲୋକକବି ପଦ୍ମଶ୍ରୀ ହଳଧର ନାଗ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା, 'ସ୍ୱୀକାର' ପତ୍ରିକାର ବରିଷ୍ଠ ସମ୍ପାଦକ ହେମନ୍ତ କୁମାର ମହାପାତ୍ର, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ଜିଏମ୍‌ୟୁ ଓଡ଼ିଆ ବିଭାଗର ପ୍ରାକ୍ତନ ମୁଖ୍ୟ ଡଃ ଲକ୍ଷ୍ମୀପ୍ରିୟା ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲାସ୍ତରୀୟ ବିଶ୍ୱ ମ୍ୟାଲେରିଆ ଦିବସ



ସମ୍ବଲପୁର, ୨୫।୪ (ସମିସ): ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୋଲବଜାର ନିକଟସ୍ଥ ଜେପି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ବିଶ୍ୱ ମ୍ୟାଲେରିଆ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷ ଥିମ୍ ରହିଛି'ମ୍ୟାଲେରିଆ ଶେଷ କରିବା ପାଇଁ ସଂକଳ୍ପବଦ୍ଧ-ଏବେ ଆମେ କରିପାରିବା, ଏବେ ଆମକୁ କରିବାକୁ ହେବ'। ସଭାରେ ଏହି ପ୍ରସଙ୍ଗକୁ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରି ତାହାର କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପୂର୍ବତନ ସ୍ୱାସ୍ଥ୍ୟ ଅଧିକାରୀ ଡା. ମହେନ୍ଦ୍ର ନନ୍ଦ ସ୍ୱାଗତ ଭାଷଣ ଦେବାସହ ସମ୍ବଲପୁର ସହରକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ପରାମର୍ଶ ଦେଇଥିଲେ। ଡ. ସୁଧାଂଶୁ ସାହୁ ମଶାରୀର ବ୍ୟବହାର କରିବା ପାଇଁ ଆଶା କର୍ମୀମାନଙ୍କୁ ସଚେତନତ। ଆଣିବା ପାଇଁ ଆହ୍ୱାନ ଦେଇଥିଲେ। ଏଡିପିଏଚ୍‌ଓ (କୁଷ୍ଠ) ଡ. ପ୍ରମୋଦ ଚନ୍ଦ୍ର ବିଶ୍ୱାଳ ରୋଗର କାରଣ, ନିରାକରଣ ଏବଂ ଚିକିତ୍ସା ବାବଦରେ ବିସ୍ତୃତ ଭାବେ ବୁଝାଇଥିଲେ। ସଭାକୁ ପିଏଚ୍‌ଏମ୍ ଭାରତୀ ସ୍ୱରାଜ ସାହୁ, ଅରୁଣାକ୍ଷ ପ୍ରଧାନ, ସରୋଜ ଧଳ, ଚାର୍ଲି ଗୁରୁ ପରିଚାଳନା କରିଥିଲେ। ଶେଷରେ ଭିବିଡି ପରାମର୍ଶଦାତା ଯଶୋବନ୍ତ ହୋତା ଶପଥ ପାଠ କରାଇଥିଲେ।

## ଜିଲ୍ଲାରେ ୧୩ ବର୍ଷରେ ୬ ମୃତ

ସମ୍ବଲପୁର ଜିଲ୍ଲାରେ ଗତ ୧୩ ବର୍ଷରେ୬ ଜଣମ୍ୟାଲେରିଆ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଛି। ୨୦୧୩ ଓ ୨୦୧୪ ମସିହାରେ ଜଣେ ଲେଖାଏ ଆକ୍ରାନ୍ତ ମୃତ୍ୟୁବରଣ କରିଥିବାବେଳେ ୨୦୧୫ରେ ୨ ଜଣ, ୨୦୧୬ରେ ଜଣେ ଏବଂ ୨୦୨୪ ଜଣେ ମୃତ୍ୟୁବରଣ କରିଛନ୍ତି। ମିଳିଥିବା ତଥ୍ୟ ଅନୁଯାୟୀ, ୨୦୨୫ ମସିହାରେ ଜିଲ୍ଲାରେ ୧୭୮୦୫୯ ଜଣଙ୍କ ରକ୍ତ ପରୀକ୍ଷା କରାଯାଇଥିଲା, ସେଥିରୁ ୧୯୭ ଜଣ ମ୍ୟାଲେରିଆ ପଜିଟିଭ ବାହାରିଥିଲା। ତନ୍ମଧ୍ୟରେ ୧୨୭ ଜଣଙ୍କୁ ସାଂଘାତିକ ମ୍ୟାଲେରିଆ (ପିଏଫ୍) ହୋଇଥିଲା। ତେବେ, ୨୦୨୫ରେ କୌଣସି ଆକ୍ରାନ୍ତଙ୍କ ମୃତ୍ୟୁ ହୋଇନାହିଁ। ଜିଲ୍ଲା ମ୍ୟାଲେରିଆ ବିଭାଗ ପକ୍ଷରୁ ସମସ୍ତ ଆଦିବାସୀ ଆବାସିକ ସ୍କୁଲ ଗୁଡ଼ିକରେ ବର୍ଷକ ଦୁଇଥର ପୂଜା ଛୁଟି ଓ ଖରା ଛୁଟି ପରେ ବିଦ୍ୟାର୍ଥୀ ମାନଙ୍କ ସାମୂହିକ ଯାଞ୍ଚ (ସ୍କାନିଂ) କରାଯାଇଥାଏ। ଏହାସହ ପ୍ରଭାବିତ ଗ୍ରାମ ଗୁଡ଼ିକରେ ଦୁର୍ଗମ ଅଞ୍ଚଳରେ ମ୍ୟାଲେରିଆ ନିରାକରଣ (ଦମନ) ଯୋଜନାରେ କାର୍ଯ୍ୟ ଜାରି ରହିଛି। ଗତବର୍ଷ ଜିଲ୍ଲାର ୧୬୦ଟି ସବ୍‌ସେଣ୍ଟରରୁ ୨୬ଟି ସବ୍‌ସେଣ୍ଟରରେ ଅଧିକ ଆକ୍ରାନ୍ତ ଚିହ୍ନଟ ହୋଇ ଆଭ୍ୟନ୍ତରୀଣ କୀଟନାଶକ ସିଞ୍ଚନ (ଆଇଆର୍‌ଏସ୍) କରାଯାଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ।

୫ ପାଉଁଶ ଭର୍ତ୍ତି ହାଇୱା ଜବତ

# ୧ ଲକ୍ଷ, ୭୭ ହଜାର, ୭୨୦ଜରିମାନା



କୁଚିଣ୍ଡା, ୨୫।୪(ସମିସ): ଶନିବାର ପୂର୍ବାହ୍ନରେ କୁଚିଣ୍ଡା ସହର ଦେଇ ୫ଟି ୧୨ଚକିଆ ହାଇୱା ଆସ ଭର୍ତ୍ତି କରି ମନ୍ଦିର ଛକ ପଟକୁ ଯାଉଥିବା ବେଳେ କୁଚିଣ୍ଡା ପୁଲିସ ଗାଡି ଗୁଡିକ ଥାନାକୁ ଆଣି ଅଟକ ରଖି ସମ୍ବଲପୁର ଆର୍‌ଟିଓଙ୍କୁ ଖବର ଦେଇଥିଲେ। ଆର୍‌ଟିଓ ପକ୍ଷରୁ ଗାଡି ଓଭର ଲୋଡିଂ ଓ ସହର ଭିତରେ ଯିବା ଯୋଗୁଁ ମୋକଦମା ରୁଜୁ କରି ୧ ଲକ୍ଷ ୭୭ ହଜାର ୭୨୦ ଟଙ୍କା ଜରିମାନା କରାଯାଇଛି। କୁଚିଣ୍ଡା ଅଞ୍ଚଳରେ ବେଆଇନ ଭାବରେ ଆସ ଆସି କୁଚିଣ୍ଡା ଅଭ୍ୟନ୍ତର ଅଞ୍ଚଳରେ ପକାଉଥିବା ପୂର୍ବରୁ ଅଭିଯୋଗ ରହିଛି। କୁଚିଣ୍ଡା ପୁଲିସ ଗାଡି ଗୁଡ଼ିକୁ ଜବତ କରି ଥାନାରେ ଅଟକ ରଖି ତଦନ୍ତ କରୁଛନ୍ତି। ପୂର୍ବରୁ ଏକ ଆସ ଗାଡି ଥାନାରେ ଅଟକ ରଖାଯାଇଛି। ସୁନ୍ଦରଗଡ଼ ଅଞ୍ଚଳ ରାଧେଶ୍ୟାମ ଟ୍ରାନ୍ସପୋର୍ଟ ନାମରେ ଗାଡି ଗୁଡିକରେ ଲେଖାଯାଇଛି। କୁଚିଣ୍ଡା ଅଞ୍ଚଳରେ ରାତ୍ରି ସମୟରେ ଆସ ଗାଡି ଆସି ଜଙ୍ଗଲ ଭିତରେ ରାସ୍ତା କଡରେ ଆସ ପକାଉଥିବା ଅଭିଯୋଗ ରହିଛି।

# ଜାତୀୟ ପଞ୍ଚାୟତିରାଜ ଦିବସ

କୁଚିଣ୍ଡା, ୨୫।୪(ସମିସ):ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ ବକ୍ସମା ପଞ୍ଚାୟତ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ ହୋଇଥିଲା। ବକ୍ସମା ରାଜୀବ ଭବନରେ ସରପଞ୍ଚ ସରସ୍ୱତୀ ଠାକୁରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅତିଥି ଭାବେ ସ୍ଥାନୀୟ ସମିତି ସଭ୍ୟ ରଶ୍ମି କୁସୁମ ଓ ବରିଷ୍ଠ ସାମ୍ବାଦିକ ସଞ୍ଜୟ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ଜାତୀୟ ପଞ୍ଚାୟତିରାଜ ଦିବସ ବାବଦରେ ଉଦ୍‌ବୋଧନ ଦେଇଥିଲେ। ପରେ ଏକ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକର ନୋଡାଲ ଅଫିସର ଦୁଷ୍ମନ୍ତ କିସାନ ଯୋଗ ଦେଇ ନ ଥିବାରୁ ସଭାରେ ପ୍ରବଳ ହଟ୍ଟଗୋଳ ହୋଇଥିଲା। ଏହା ବ୍ୟତୀତ ଉପଯୁକ୍ତ ସର୍ଭେ ନ କରି ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ ବ୍ଲକ ପକ୍ଷରୁ ଘର ବଣ୍ଟନ କରାଯାଇ ଥିବାରୁ ସଭାରେ ୱାର୍ଡ ମେମ୍ବରମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଗ୍ରାମସଭାରେ ପଞ୍ଚାୟତର ଉନ୍ନତି ପାଇଁ ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ଶେଷରେ ଏଡିଇଓ ସରୋଜ ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।ଗ୍ରାମସଭାରେ ବିଭିନ୍ନ ଗ୍ରାମର ଗ୍ରାମବାସୀ, ଏସଏଚଜିର ମହିଳା ସଦସ୍ୟା ଏବଂ ୱାର୍ଡ ମେମ୍ବରମାନେ ଯୋଗ ଦେଇଥିଲେ।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ



ସମ୍ବଲପୁର, ୨୫।୪ (ସମିସ) : ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସୁବାସ ଚନ୍ଦ୍ର ଚୌଧରୀ ସମ୍ବଲପୁର ରେଳମଣ୍ଡଳର ସମ୍ବଲପୁର-ଜରପଡ଼ା ସେକ୍ସନ ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ସମୟରେ, ମଣ୍ଡଳ ରେଳ ପ୍ରବନ୍ଧକ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ପ୍ରକଳ୍ପଗୁଡ଼ିକ ଉପରେ ବିଶେଷ ଗୁରୁତ୍ୱଦେଇ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଥିଲେ। ଶ୍ରୀ ଚୌଧରୀ ଜରପଡ଼ା, ବଇଣ୍ଡା ଏବଂ ରେଢ଼ାଖୋଲ ଷ୍ଟେସନ ପରିଦର୍ଶନ କରିଥିଲେ, ଯେଉଁଠାରେ ସେ ଯାତ୍ରୀ ସୁବିଧା, ସ୍ଥାୟୀ ସମ୍ପତ୍ତି ଏବଂ କାର୍ଯ୍ୟକ୍ଷମ ପ୍ରତିଷ୍ଠାନଗୁଡ଼ିକୁ ଯାଞ୍ଚ କରିଥିଲେ। ସେ ରେଳ କର୍ମଚାରୀଙ୍କ ସହିତ ଆଲୋଚନା ମଧ୍ୟ କରିଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ କାର୍ଯ୍ୟ ସ୍ଥିତି ସମୀକ୍ଷା କରିଥିଲେ ଏବଂ ଦକ୍ଷତା, ସୁରକ୍ଷା ଏବଂ ଯାତ୍ରୀ ସେବାର ଉଚ୍ଚ ମାନ ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ। ମଣ୍ଡଳ ରେଳ ପ୍ରବନ୍ଧକ ଚାଲୁଥିବା କାର୍ଯ୍ୟଗୁଡ଼ିକୁ ସମୟସୀମା ମଧ୍ୟରେ ସମାପ୍ତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ।

# ଓଡ଼ିଶୀ ନୃତ୍ୟରେ ତ୍ରିୟା ବାଗଙ୍କ ସଫଳତା

ସମ୍ବଲପୁର, ୨୫।୪(ସମିସ): ବୁର୍ଲାର ତ୍ରିୟା ବାଗ ଓଡ଼ିଶୀ ନୃତ୍ୟ ଶ୍ରେଣୀରେ ଭାରତ ସରକାରଙ୍କ ସଂସ୍କୃତି ବିଭାଗର ସିସିଆରଟି ଦ୍ୱାରା ପ୍ରଚଳିତ କଲ୍‌ଚରାଲ୍ ଟାଲେଣ୍ଟ ସର୍ଚ୍ଚ ସ୍କଲାରଶିପ୍ ଯୋଜନାରେ ମନୋନୀତ ହୋଇଛନ୍ତି। ତ୍ରିୟା ଗୁରୁ ଡ. ବିଶ୍ୱଜିତ ଦାଶଙ୍କ ତତ୍ତ୍ୱାବଧାନରେ ଓଡ଼ିଶୀ ନୃତ୍ୟର ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଡ. ଭବାନୀ ପ୍ରସାଦ ବାଗ ଓ କଳ୍ପନା ମାର୍ଥାଙ୍କ କନ୍ୟା ତ୍ରିୟା ସମ୍ବଲପୁରର ସେଣ୍ଟ୍ ଜୋସେଫ୍‌ସ କନଭେଣ୍ଟ୍ ସ୍କୁଲର ସପ୍ତମ ଶ୍ରେଣୀର ଛାତ୍ରୀ। ତାଙ୍କର ଏହି ସଫଳତା ତାଙ୍କ ପରିବାର, ଗୁରୁଜନ, ସ୍କୁଲ ଏବଂ ଅଞ୍ଚଳ ପାଇଁ ଗୌରବର ବିଷୟ ହୋଇଛି। ଭବିଷ୍ୟତରେ ତ୍ରିୟା ପଦ୍ମଶ୍ରୀ ସଂଯୁକ୍ତା ପାଣିଗ୍ରାହୀଙ୍କ ଭଳି ଜଣେ ସୁଦକ୍ଷ ନୃତ୍ୟଶିଳ୍ପୀ ହେବାକୁ ଆଶା ରଖିଥିବା କହିଛନ୍ତି।

# କର୍ମୀଙ୍କ ବିୟୋଗରେ ବିଜେଡି ପକ୍ଷରୁ ଶୋକସଭା



ରେଢ଼ାଖୋଲ, ୨୫।୪(ସମିସ): ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ବିଜେଡି କାର୍ଯ୍ୟାଳୟରେ ଶନିବାର ବିଜେଡିର ସକ୍ରିୟ କର୍ମୀ ଆଶିଷ କୁମାର ପ୍ରଧାନଙ୍କ ହୃଦଘାତ ଯୋଗୁଁ ଅକାଳ ବିୟୋଗରେ ବିଜେଡି ପକ୍ଷରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ତାଙ୍କ ଅକାଳ ବିୟୋଗରେ ବିଜୁ ଜନତା ଦଳ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ଦଳର ବରିଷ୍ଠ କର୍ମୀମାନେ କହିଛନ୍ତି। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ମଧ୍ୟ ଶୋକ ବାର୍ତ୍ତା ପ୍ରଦାନ କରିଥିଲେ। ଶୋକସଭାରେ ଆଶିଷଙ୍କ ଆତ୍ମାର ସଦଗତି କାମନା କରି ନିରବ ପ୍ରାର୍ଥନା କରାଯାଇଥିଲା। ଶୋକସଭାରେ ବିଜେଡି ଜିଲ୍ଲା ଉପସଭାପତି ଅନାଦି ଚରଣ ସାହୁଙ୍କ ସଭାପତିତ୍ୱରେ ପୂର୍ବତନ ଏନ୍‌ଏସି ଉପାଧ୍ୟକ୍ଷ ସୁନୀଲ ପ୍ରଧାନ, ବରିଷ୍ଠ କର୍ମକର୍ତ୍ତା ଅରୁଣ କୁମାର ପ୍ରଧାନ, ବିଜେଡ଼ି ଛାତ୍ର ସଭାପତି ଶିବ ଶମ୍ଭୁ ନନ୍ଦ, ପୂର୍ବତନ କାଉନସିଲର ରାଜୀବ ଲୋଚନ ପ୍ରଧାନ, ଦତ୍ତ ବିଶ୍ୱାଳ, ଖେଳାନିଧି ପ୍ରଧାନ, ବୁବୁ ରାଉତ, ଶଶାଙ୍କ ଗିରି, ପ୍ରଶାନ୍ତ ପ୍ରଧାନ, ବୁବୁନ ଦାସ, କୁନା ସାହୁ, ସୁନୀଲ ସାହୁ ପ୍ରମୁଖ ସମେତ ଅନ୍ୟ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

# ବିବାହ ଅବସରରେ ସହାୟତା

ସମ୍ବଲପୁର, ୨୫।୪ (ସମିସ): ସମ୍ବଲପୁର ମହାନଗର ୱାର୍ଡ ନଂ. ୨୭, ଦେହେରିପାଲିର ଅସହାୟ ଝିଅ ଦୀପା ବେହେରାଙ୍କ ବିବାହ ଅବସରରେ ଏକ ମାନବିକ ଦୃଶ୍ୟ ଦେଖିବାକୁ ମିଳିଥିଲା। ସମାଜସେବୀ ଓ ବିଜେଡି ନେତା ହରଦୀପ ସିଂହ ଭୂର୍ଜୀ ଆଗେଇ ଆସି ଦୀପାଙ୍କ ମା' ମନ୍ଦାକିନୀ ବେହେରା ଓ ବାପା ନୁରୁ ବେହେରାଙ୍କ ପରିବାରକୁ ସହଯୋଗର ହାତ ବଢ଼ାଇଥିଲେ। ବିବାହ ମାତ୍ର ଏକ ଉତ୍ସବ ନୁହେଁ, ଏହା ଦୁଇଟି ପରିବାରର ଆଶା ଓ ସ୍ୱପ୍ନର ଆରମ୍ଭ। ଏହି ମୁହୂର୍ତ୍ତକୁ ସୁନ୍ଦର କରିବା ପାଇଁ ଘରୋଇ ପ୍ରୟୋଜନୀୟ ସାମଗ୍ରୀ ଯଥା ମିକ୍ସର୍ ଗ୍ରାଇଣ୍ଡର, ପ୍ରେସର କୁକର୍, ଇଡଲି ମେକର, ଆଇରନ୍, ହଟ୍‌କେସ ସେଟ, ଟି-ସେଟ, ଡିନର ସେଟ୍, ଡ୍ରେସ୍ ମେଟେରିଆଲ୍, ଘଡ଼ି, କମ୍ବଳ ଇତ୍ୟାଦି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଜୁ ଜନତା ଦଳର ବରିଷ୍ଠ ନେତା ବେଣୁଧର ଦାଶ, ସତ୍ୟେନ୍ଦ୍ର କୁମାର ଦାଶ, ଯୁବ ନେତା ପ୍ରଦୋଷ ମହାନ୍ତି, ହରିହର ପାଣି, ମନୋଜ ଖୁଣ୍ଟିଆ, ପ୍ରହଲ୍ଲାଦ ଗୁରୁ, ରବି ସେନାପତି, ସୁକେଶ ସିଂ ପ୍ରମୁଖ ଉପସ୍ଥିତରହି ଦୀପାଙ୍କୁ ଆଶୀର୍ବାଦ ଦେଇଥିଲେ।

# ନୃସିଂହ ଗୁରୁଙ୍କ ବର୍ଷବ୍ୟାପୀ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

ସମ୍ବଲପୁର, ୨୫।୪ (ସମିସ): 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ରୂପେ ପରିଚିତ ପ୍ରବୀଣ ସ୍ୱାଧୀନତା ସଂଗ୍ରାମୀ ତଥା ପ୍ରଖ୍ୟାତ ସାମ୍ବାଦିକ ସ୍ୱର୍ଗତ ନୃସିଂହ ଗୁରୁଙ୍କ ୧୨୫ତମ ବର୍ଷ ବ୍ୟାପୀ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଶନିବାର ନୃସିଂହ ଗୁରୁ ସ୍ମୃତି ସମିତି ପକ୍ଷରୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ଲୋକ କବିରତ୍ନ ହଳଧର ନାଗ ବର୍ଷବ୍ୟାପୀ ଜୟନ୍ତୀ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହି ଉପଲକ୍ଷେ ଶ୍ରୀ ନାଗ ନୃସିଂହ ଗୁରୁଙ୍କ ନାମ ଉଲ୍ଲେଖ ଥିବା ସ୍ୱରଚିତ 'ବୀର୍ ସୁନ୍ଦର ସାଏ' କାବ୍ୟର ପଦାବଳୀ ଗାନ କରି ସ୍ୱର୍ଗତ ଗୁରୁଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ମୁଖ୍ୟ ଅତିଥି ରୂପେ ଯୋଗଦେଇ ନୃସିଂହ ଗୁରୁଙ୍କ ଉପରେ ଏକ ବୃତ୍ତଚିତ୍ର ନିର୍ମାଣ କରିବା ପାଇଁ ଯୋଜନା କରିବାକୁ ପରାମର୍ଶ ଦେଇଥିଲେ। ଲୋକସେବକ ମଣ୍ଡଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଦୀପକ ମାଳବ୍ୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଦୀପକ କୁମାର ବେହେରା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଯୁବ ସାହିତ୍ୟିକ ମାନସ କୁମାର ଷଡ଼ଙ୍ଗୀ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ମୃତି ସମିତିର ଉପସଭାପତି ଅରବିନ୍ଦ ମହାପାତ୍ର ନୃସିଂହ ଗୁରୁଙ୍କ ତ୍ୟାଗପୂତ ଜୀବନ ବିଷୟରେ ଆଲୋକପାତ କରିଥିଲେ। ସ୍ମୃତି ସମିତିର ସମ୍ପାଦକ ହେମନ୍ତ କୁମାର ମହାପାତ୍ର ସ୍ୱାଗତ ଭାଷଣ ଏବଂ ଯୁଗ୍ମ ସମ୍ପାଦକ କାର୍ତ୍ତିକ ପ୍ରସାଦ ବହିଦାର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ କେନ୍ଦ୍ର ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟର ସିସିଆର୍‌ଟି ପକ୍ଷରୁ ସମ୍ବଲପୁରୀ ଲୋକନୃତ୍ୟରେ ଶିଶୁ କଳାକାର ବୃତ୍ତି ପାଇବା ପାଇଁ ମନୋନିତ ହୋଇଥିବା ଅମୃତୋୟା ସାହୁ ଓ ଏକ ଘରୋଇ ଓଡିଆ ଟିଭି ଚ୍ୟାନେଲ୍‌ରେ ପ୍ରସାରିତ ନୃତ୍ୟ କାର୍ଯ୍ୟକ୍ରମରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ସମୃଦ୍ଧି ସାହୁଙ୍କୁ ସ୍ମୃତି ସମିତି ତରଫରୁ ସମ୍ମାନିତ କରାଯାଇଥିଲା। ସଭା ପ୍ରାରମ୍ଭରେ ନୃସିଂହ ଗୁରୁଙ୍କ ଜୀବନୀ ଆଧାରିତ ମୋହନ ସାହୁଙ୍କ ଲିଖିତ ଏକ ଗୀତକୁ ପ୍ରଫୁଲ୍ଲ ମିତ୍ରଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ ୧୩ ଜଣ ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପରିବେଷଣ କରିଥିଲେ। ଏହାଛଡ଼ା ତୃଷ୍ଣା ଦାଶଙ୍କ ଲିଖିତ ପୁସ୍ତକ 'ସରୁ ଏକ ସ୍ରୋତ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ ବିଶିଷ୍ଟ ସଞ୍ଚାର ଶିଳ୍ପୀ ଦୁଃଖନାଶନ ବେହେରାଙ୍କ ବିୟୋଗରେ ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଉଦ୍‌ଘାଟନୀ ଉତ୍ସବ ପରେ ଏକ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ମାନସ ଷଡ଼ଙ୍ଗୀ, ଅଶ୍ୱିନୀ ବାରିକ, ଅନୁପମା ବିଶ୍ୱାଳ, ମମତା ନାଥ, ପଙ୍କଜିନୀ ନାୟକ ଓ ଅନନ୍ୟା ବେହେରାଙ୍କ ମିଳିତ ସଂଯୋଜନାରେ ଅନୁଷ୍ଠିତ ଏହି କବିତା ପାଠୋତ୍ସବରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆସିଥିବା କବିମାନେ ନୃସିଂହ ଗୁରୁଙ୍କ ଜୀବନୀ ଆଧାରିତ କବିତା ପାଠ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରାଜେନ୍ଦ୍ର ସତନାମୀ, ବଂଶୀଧର କର, ଦେବାଶିଷ ସାହୁ, ଗଣେଶ ନାହାକ ପ୍ରମୁଖ ସହଯୋଗ କରିଥିଲେ।

# ବସ୍‌ରେ ଧୂଆଁ, ଯାତ୍ରୀ ଆତଙ୍କିତ

ସମ୍ବଲପୁର, ୨୫।୪(ସମିସ): ଆଜି ସନ୍ଧ୍ୟାରେ ସମ୍ବଲପୁର ବସଷ୍ଟାଣ୍ଡରେ ଏକ ଯାତ୍ରୀବାହୀ ବସ ଛିଡା ହୋଇଥିବା ବେଳେ ପ୍ରବଳ ଧୂଆଁ ବାହାରିଥିଲା, ଲୋକେ ଆତଙ୍କିତ ହୋଇ ଏଣେତେଣେ ଦୌଡିଥିଲେ। ପରେ ଅଗ୍ନି ନିର୍ବାପକ ଯନ୍ତ୍ର ଖୋଲିଯିବାରୁ ଧୂଆଁ ବାହାରିଥିବା ଜଣାପଡିଥିଲା।



ସୂଚନା ଅନୁଯାୟୀ, ଇବଥର୍ମାଲ ରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ଏକ ଯାତ୍ରୀବାହୀ ବସ (ଓଡି-୦୨-ବିଟି-୨୫୪୪) ସମ୍ବଲପୁରଠାରେ ପହଞ୍ଚି ସରକାରୀ ବସଷ୍ଟାଣ୍ଡରେ ଛିଡ଼ା ହୋଇଥିଲା। ଏହି ସମୟରେ ବସରୁ ପ୍ରବଳ ଧୂଆଁ ବାହାରିବା ସହ ସମ୍ପୂର୍ଣ୍ଣ ବସଟି ଧୂଆଁମୟ ହୋଇଯାଇଥିଲା। ବସରେ ନିଆଁ ଲାଗିଗଲା ବୋଲି ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। ଯିଏ ଯୁଆଡ଼େ ପାରିଲେ ବସରୁ ବାହାରି ଦୌଡ଼ିବାକୁ ଲାଗିଲେ। ପରେ ଜଣାପଡିଲା ଯେ, ବସରେ ଯାତ୍ରୀଙ୍କ ସୁରକ୍ଷା ପାଇଁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖା ଯାଇଥିବା ଅଗ୍ନି ନିର୍ବାପକ ଯନ୍ତ୍ରର ପିନ ଖୋଲିଯିବାରୁ ସେଥିରୁ ପ୍ରବଳ ଧୂଆଁ ବାହାରି ବସଟି ଧୂଆଁମୟ ହୋଇଯାଇଥିଲା। ତୁରନ୍ତ ବସର କବାଟ ଓ ଝରକା ଖୋଲି ଦିଆଯିବାରୁ ଧୂଆଁ ବାହାରକୁ ଚାଲିଯାଇଥିଲା ଏବଂ ସ୍ଥିତି ନିୟନ୍ତ୍ରଣାଧୀନ ହୋଇଥିବା ସୂଚନା ମିଳିଛି। ଅଗ୍ନିନିର୍ବାପକ ଯନ୍ତ୍ରର ସଠିକ ସ୍ଥାନରେ ନ ଥିବାରୁ କୌଣସି କାରଣବଶତଃ ପିନ୍ ଖୋଲିଯାଇ ସେଥିରୁ ପ୍ରବଳ ଧୂଆଁ ବାହାରିଥିବା କୁହାଯାଉଛି।

ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ବାଳକରେ ହୀରାକୁଦ ଓ ବାଳିକାରେ ମେହେର ଆସୋସିଏସନ ଚାମ୍ପିଅନ

ସମ୍ବଲପୁର, ୨୫।୪ (ସମିସ)

ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ୍‌ରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ ଜିଲ୍ଲା କ୍ରୀଡ଼ା ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲ୍ଲାସ୍ତରୀୟ ୧୪ ବର୍ଷରୁ କମ ଆନ୍ତଃ କ୍ଲବ ମୁଖ୍ୟମନ୍ତ୍ରୀ କପ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ବାଳକ ବର୍ଗରେ ଫାଇନାଲ ମ୍ୟାଚ୍ ହୀରାକୁଦ ଆଥେଲେଟିକ ଏସୋସିଏସନ ଏବଂ ମେହେର ଆସୋସିଏସନ ମଧ୍ୟରେ ହୋଇଥିବାବେଳେ ହୀରାକୁଦ ଆଥଲେଟିକ୍ ଆସୋସିଏସନ୍ ୫-୧ ଗୋଲରେ ବିଜୟୀ ହୋଇ ଚମ୍ପିଆନ ହୋଇଛି। ସେହିପରି ବାଳିକା ବର୍ଗରେ ମେହେର ଆସୋସିଏସନ ଓ ଏଞ୍ଜେଲ ଫୁଟବଲ୍ ଏକାଡେମୀ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିବାବେଳେ ମେହେର ଆସୋସିଏସନ୍ ବିଜୟୀ ହୋଇ ଚଳିତବର୍ଷର ଚମ୍ପିଆନ ହୋଇଛି। ରେଫରୀ ଭାବେ ମ୍ୟାଚ ଗୁଡ଼ିକୁ ଅରୁଣ ଭୋଇ, ଅସିତ କୁମାର ସାହୁ, ପରେଶ ପଧାନ, ଜୟନ୍ତ କୁମାର ପିଙ୍ଗ, ବିଜୟ ଓରାମ, ଭାରତୀ ଓରାମ ଓ ଅନୀତା ଓରାମ ପରିଚାଳନା କରିଥିଲେ।

ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଯୋଗଦେଇ ଚମ୍ପିଆନ ଓ ରନର୍ସଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହାସହ ଶ୍ରେଷ୍ଠ ଖେଳାଳି ଓ ଅନ୍ୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ସମୀର ରଞ୍ଜନ ବାବୁ, ଡଃ ପ୍ରମୋଦ ରଥ, ସୁଶାନ୍ତ ପୁରୋହିତ, ପ୍ରବୀଣ ସିଂଦେଓ, ସୂର୍ଯ୍ୟ ପାଣିଗ୍ରାହୀ, କ୍ରୀଡ଼ା ସଂଘ ସାଧାରଣ ସମ୍ପାଦକ ସୁନୀଲ କୁମାର ସାହୁ, ବିକାଶ ମିଶ୍ର, କୃଷ୍ଣଚନ୍ଦ୍ର ଶତପଥୀ, ଉମାପତି ତ୍ରିପାଠୀ, ଲକ୍ଷ୍ମଣ ନାଥ, ସୁବ୍ରତ ଚାନ୍ଦ, ସାହେବ ଖମାରୀ, ଲକ୍ଷ୍ମୀ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ଜିଲ୍ଲା କ୍ରୀଡ଼ା ସଂଘ ଫୁଟବଲ ସମ୍ପାଦକ ଅବଦୁଲ ଗଫାର, ସୁବାଷ ଚନ୍ଦ୍ର ରାଉତ, ପଦ୍ମନାଭ ନାୟକ, ମହମ୍ମଦ ଜିଦା, ମହମ୍ମଦ ବରକତ ପ୍ରମୁଖ ସହଯୋଗ କରିଥିଲେ।



# ୧୬ ଚକିଆ ଧକ୍କାରେ ଅଟୋ ଚୁର୍‌ମାର୍, ଚାଳକ ଆହତ



**ବଣାଇଁ, ୨୫।୪ (ସମିସ):** ବଣାଇଁ ଉପଖଣ୍ଡ ଟିକାୟତ ପାଲି ଥାନା ଅଧୀନ ବଣାଇଁ ବାରକୋଟ ୧୪୩ ନମ୍ବର ଜାତୀୟରାଜପଥର ବିଜାକୁଳି ଗ୍ରାମ ନିକଟରେ ଶନିବାର ସକାଳେ ଏକ ୧୬ ଚକିଆ ଟ୍ରକ୍ ଧକ୍କାରେ ଅଟୋ ଚୁରମାର୍ ହୋଇଯାଇଛି। ସୂଚନା ଅନୁସାରେ ଟ୍ରକ୍‌ଟି ବାରକୋଟ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ଧକ୍କା ହୋଇଥିଲା। ଟ୍ରକ୍‌ର ବେଗ କମ୍ ଥିବାରୁ ଅଟୋ ଚାଳକ ଆହତ ହୋଇଥିଲେ ମଧ୍ୟ ଏକ ବଡ଼ ଦୁର୍ଘଟଣାରୁ ଅଳ୍ପକେ ରକ୍ଷା ପାଇଛନ୍ତି। ଅଟୋ ଚାଳକ ବଣାଇଁ ଥାନା କେନ୍ଦ୍ରିକଳା ଗ୍ରାମପଞ୍ଚାୟତ ଅଧୀନ ଉପରପଡ଼ା ଗ୍ରାମର କ୍ଷୀରେଶର ପତି (୪୫) ବୋଲି ଜଣାପଡ଼ିଛି। ଖବର ପାଇ ଅଟୋ ଚାଳକଙ୍କ ପରିବାର ଲୋକେ ଓ ଟିକାୟତ ପାଲି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆହତ ଅଟୋ ଚାଳକଙ୍କୁ ଉଦ୍ଧାର କରି ବଣାଇଁ ଡାକ୍ତରଖାନାକୁ ପଠାଇଥିଲେ। ପୁଲିସ ଉଭୟ ଗାଡ଼ିକୁ ଜବତ୍ କରିବା ସହ ଟ୍ରକ ଡ୍ରାଇଭରକୁ ଥାନାରେ ଅଟକ ରଖି ତଦନ୍ତ କରୁଥିବା ଜଣାପଡ଼ିଛି।

# ବଣାଇଁରେ ଆଇନ ସଚେତନତା



**ବଣାଇଁ, ୨୫।୪ (ସମିସ):** ବଣାଇଁ ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲାଜଜ୍ ଆଶୁତୋଷ ଦାଶଙ୍କ ତତ୍ତ୍ୱାବଧାନରେ ବଣାଇଁ ସିଭିଲ କୋର୍ଟ ପରିସରରେ ଥିବା ସଭାଗୃହରେ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ମନୁଷ୍ୟ ଓ ବନ୍ୟଜନ୍ତୁ ଲଢେଇର ଅବସାନ, ଯୌନ ଉତ୍ପୀଡ଼ନ ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ସବ୍‌ଜଜ୍ ରଞ୍ଜନ କୁମାର ପ୍ରଧାନ, ଏସ୍‌ଡିଜେଏମ୍ ଅଭିନନ୍ଦନ ନନ୍ଦ, ଜେଏମ୍‌ଏଫ୍‌ସି କୋଇଡା ଶୁଭଲକ୍ଷ୍ମୀ ପ୍ରୀୟଦର୍ଶିନୀ, ଶିଶୁ ବିକାଶ ସୁପରଭାଇଜର ଅରୁଣା ବାଳା ମିଶ୍ର, ରିଟେନର ମାନସ ରଞ୍ଜନ ପତି, ବରିଷ୍ଠ ଆଇନଜୀବୀ ବିନୟ କୁମାର ଦାସ, ଧୀରୋଜ କୁମାର ସାହୁ, ଝାଡେଶ୍ୱର ବେହେରା, ପ୍ରଭାତ କୁମାର ସାହୁ, ତହସିଲଦାର ପାତ୍ର, ଅର୍ଜୁନ କୁମାର ମାହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

# ନବ ବିବାହିତାଙ୍କ ଆତ୍ମହତ୍ୟା

**କୋଇଡା, ୨୫।୪ (ସମିସ):** କୋଇଡ଼ା ବ୍ଲକ କେବଲାଙ୍ଗ ଥାନା ଅଧୀନ ହାତୀକୁଚା ଗ୍ରାମର ବିର୍ଜୁ ଲୁହୁରା ଗତ ଦୁଇ ମାସ ତଳେ କୋଇଡା ପଞ୍ଚାୟତ ତେହେରେଇ ଗ୍ରାମର ଡୁଗୀ ମୁଣ୍ଡା (୧୭)କୁ ନେଇଆସି ବିବାହ କରିଥିଲେ। ତାଙ୍କ ମଧ୍ୟରେ କିଛି କଥାକୁ ନେଇ ଝଗଡ଼ା ଲାଗି ରହୁଥିଲା। ଏମିତିକି ଏହା ପୂର୍ବରୁ ମଧ୍ୟ ଡୁଗୀ ଦୁଇଥର ଆତ୍ମହତ୍ୟା କରିବାକୁ ଉଦ୍ୟମ କରିଥିଲେ; ହେଲେ ପରିବାର ଲୋକ ବଞ୍ଚାଇଥିଲେ। ଗତକାଲି ବିର୍ଜୁ ନିକଟସ୍ଥ ନାଳ ନିକଟକୁ ଶୌଚ ଯାଇଥିବା ବେଳେ ସୁଯୋଗ ପାଇ ଡୁଗୀ ଘରପାଖ ଥିବା ଗଛରେ ନିଜ ଚୁନି ସାହାଯ୍ୟରେ ଝୁଲି ପଡ଼ି ଆତ୍ମହତ୍ୟା କରିଥିଲେ। ଶୌଚରୁ ଫେରି ସ୍ୱାମୀ ବିର୍ଜୁ ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଡୁଗୀ ମୁଣ୍ଡାଙ୍କ ବାପା ମାଆଙ୍କୁ ଖବର ଦେଇଥିଲେ। ବାପାଙ୍କ ଏତଲା କ୍ରମେ ମାମଲା ରୁଜୁକରି ଶବ ବ୍ୟବଚ୍ଛେଦ କରିବା ସହ ଘଟଣାର ତଦନ୍ତ ଚଳାଇଛନ୍ତି।

# ରାଧାକୃଷ୍ଣ ଗୋପାଳ ସମାଜର ପଞ୍ଚମ ବାର୍ଷିକ ଉତ୍ସବ



**କୋଇଡ଼ା, ୨୫।୪ (ସମିସ):** କୋଇଡ଼ାର ରାଧାକୃଷ୍ଣ ଗୋପାଳ ସମାଜ ପକ୍ଷରୁ ପଞ୍ଚମ ବାର୍ଷିକ ଉତ୍ସବ ଓ ପବିତ୍ର ଗୀତାଯଜ୍ଞ ତେହେରେଇ ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପବିତ୍ର ଗୀତା ପାଠ, ଯଜ୍ଞ ଓ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଆୟୋଜିତ ସଭାରେ ମୁଖ୍ୟ ଅତିଥିଭାବେ ବଣାଇଁ ରାଜା ସାହେବ ବୀରକେଶରୀ ଇନ୍ଦ୍ର ଦେବ ଯୋଗ ଦେଇଥିଲାବେଳେ ସମ୍ମାନିତ ଅତିଥି ଭାବେ ଚତୁର୍ଭୂଜ ନନ୍ଦ, ଗୋପାଳ ସମାଜ ସଭାପତି ମିତ୍ରଭାନୁ ମହାକୁଡ, ସମ୍ପାଦକ ଡ. ବାଦଲ ବାରିକ, ସମାଜସେବୀ ଦଶରଥ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ରାଧାକୃଷ୍ଣ ଗୋପାଳ ସମାଜ, କୋଇଡାର ସଭାପତି ମିତ୍ରଭାନୁ ପଲେଇ, ସମ୍ପାଦକ ବାଞ୍ଛାନିଧି ଘଣା, କୋଷାଧ୍ୟକ୍ଷ ଆନନ୍ଦ ବାରିକ୍, ଉପସଭାପତି ମୋହନ ମହାକୁଡ, ଅନାଦି ପଲେଇ, ଲକ୍ଷ୍ମଣ ମହାକୁଡ଼, ଅର୍ଜୁନ ଆପଟ, ଚରଣ ବେହେରା, ଗୟା ବାରିକ, କପିଳାସ ପଲେଇ, ପାତୁ ବାରିକ ପରିଚାଳନାରେ ସହଯୋଗ କରିଥିଲେ।

## ସାଧୁ ବେଶରେ ମହିଳାଙ୍କଠାରୁ ଲୁଟିଲେ ଟଙ୍କା ଓ ଅଳଙ୍କାର

# ୫ ଗିରଫ; ୩୬ ହଜାର ଟଙ୍କା, ରଙ୍ଗ ପଥର, ତାବିଜ୍ ଜବତ

**ରାଉରକେଲା, ୨୫।୪(ସମିସ)**

ପୁଣି ସାଧୁ ବେଶରେ ଲୁଟ୍। ଗତ କିଛିଦିନ ପୂର୍ବେ ରାଉରକେଲାର ବାସନ୍ତୀ କଲୋନୀରେ ଜଣେ ମହିଳାଙ୍କଠାରୁ ୨ ଜଣ ଦୁର୍ବୃତ୍ତ ସାଧୁ ବେଶରେ ସୁନା ଅଳଙ୍କାର ଲୁଟ୍ ନେଇଥିଲାବେଳେ ଏବେ ପୁଣି ସମାନ ଖବର ଆସିଛି ସୁନ୍ଦରଗଡ଼ ଜିଲ୍ଲାର ଲଙ୍କାହୁଡା ଗାଁରୁ। ସଦର ଥାନା ଅଧୀନ ଲଙ୍କାହୁଡା ଗାଁରେ ଗୋବର୍ଦ୍ଧନ ଓରାମ ଏବଂ ତାଙ୍କପତ୍ନୀ ସୁମିତ୍ରାଙ୍କୁ ଗ୍ରହ ଖରାପ ରହିଥିବାରୁ ଘରେ ଅନିଷ୍ଟ ହେବାସହ ସ୍ୱାମୀଙ୍କ ଶରୀର ଅସୁସ୍ଥ ହେବ ବୋଲି ଭୟ ଦେଖାଇ ୫ ଭଣ୍ଡ ସାଧୁ ମହିଳାଙ୍କ ଠାରୁ ସୁନା ଅଳଙ୍କାର ଟଙ୍କା ଲୁଟି ନେଇଯାଇଥିବା ଅଭିଯୋଗ ହୋଇଥିଲା। ସଦରଥାନା ପୁଲିସ ୫ ଜଣ ଦୁର୍ବୃତ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଭଣ୍ଡମାନେ ହେଲେ ଗୁଗୁ ପଣ୍ଡା (୪୬), ଦୁଲାର ପଣ୍ଡା(୩୧), ବିଶାଲ ପଣ୍ଡା (୩୬), ଧନୁ ପଣ୍ଡା (୨୦), ଡକ୍ଟର ପଣ୍ଡା (୨୦)। ସେମାନେ ସମସ୍ତେ ବିହାର ରାଜ୍ୟ ଅଉରଙ୍ଗାବାଦ ଅଞ୍ଚଳର ବୋଲି ଜଣାପଡ଼ିଛି। ସେମାନଙ୍କ ନିକଟରୁ ୩୬ ହଜାର ୧୭୦ ଟଙ୍କା, ସୁନା ଅଳଙ୍କାର, ବିଭିନ୍ନ ଡେଉଁରିଆ, ତାବିଜ, ବିଭିନ୍ନ ରଙ୍ଗର ପଥର, ଜଡିବୁଟି ଆଦି ଜବତ କରାଯାଇଛି। ଗୋବର୍ଦ୍ଧନ ଓରାମଙ୍କ ରିପୋର୍ଟ ମୁତାବକ ସେ ଘରେ ନ ଥିବା ବେଳେ ୪/୫ ଜଣ ଦୁର୍ବୃତ୍ତ ସାଧୁବେଶରେ ତାଙ୍କ ଘରକୁ ଆସିଥିଲେ। ସେମାନେ ନିଜକୁ କୌଣସି ଏକ ସିଦ୍ଧପୀଠର ସାଧୁ ବୋଲି ତାଙ୍କ ପତ୍ନୀ ସୁମିତ୍ରା ଓରାମଙ୍କୁ ପରିଚୟ ଦେଇ ତାଙ୍କ ଘରେ ଗ୍ରହ ଅଶାନ୍ତି ରହିଥିବାରୁ ତାଙ୍କ ଘରପ୍ରତି ଘୋର ଅନିଷ୍ଟ ମାଡ଼ି ଆସୁଛି। ତାଙ୍କ ସନ୍ତାନ ଏବଂ ସ୍ୱାମୀଙ୍କ ଶରୀର ଗୁରୁତର ଭାବେ ଅସୁସ୍ଥ ହୋଇଯିବ ବୋଲି କହି ଭୟଭୀତ କରାଇଥିଲେ। ରିଷ୍ଟ ଖଣ୍ଡନ ପାଇଁ ଗ୍ରହଶାନ୍ତି ନିମିତ୍ତ ପୂଜା କରିବା ପଡ଼ିବ। ଏଥିପାଇଁ ଘରେ ଯାହା ଟଙ୍କା ଓ ସୁନା ଗହଣା ଅଛି ତାକୁ ଦେଇ ଦେବାକୁ ସୁମିତ୍ରାଙ୍କୁ କହିଥିଲେ। ସେମାନଙ୍କ କଥାରେ ବିଶ୍ୱାସ କରି ସୁମିତ୍ରା ଟଙ୍କା ଓ ସୁନା କାନଫୁଲ ସେମାନଙ୍କୁ ଦେଇ ଦେଇଥିଲେ। ଏହାପରେ ବିଭିନ୍ନ ବାହାନା କରି ସେମାନେ ଟଙ୍କା ଓ ସୁନା କାନଫୁଲ ନେଇ ସେଠାରୁ ଚମ୍ପଟ ହୋଇ ଯାଇଥିଲେ। ପରେ ଗାଁ ଲୋକଙ୍କ ସହ କଥା ହେବା ପରେ ସୁମିତ୍ରା ଠକାମୀର ଶିକାର ହୋଇଥିବା ଜାଣି ସ୍ୱାମୀ ଗୋବର୍ଦ୍ଧନଙ୍କୁ ଜଣାଇଥିଲେ। ଏହାପରେ ଗୋବର୍ଦ୍ଧନ ଓରାମ ସଦର ଥାନାରେ ଏ ନେଇ ଏତାଲା ଦେବାରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏନେଇ ସୁନ୍ଦରଗଡ଼ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଏହି ମାମଲା ରୁଜୁ ପରେ ଘଟଣାର ତଦନ୍ତ ପାଇଁ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ସଦର ଥାନା, ଭସ୍ମା ଥାନା ଓ ଟାଉନ ଥାନା ପୁଲିସକୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ସହରର ବିଭିନ୍ନ ସ୍ଥାନରେ ଚଢଉ କରାଯାଇଥିଲା। ଏହି ଚଢ଼ଉ ବେଳେ ଉପରୋକ୍ତ ଏହି ୫ ଜଣ ଭଣ୍ଡ ସାଧୁଙ୍କୁ ଗିରଫ କରାଯିବା ସହ ସେମାନଙ୍କ ନିକଟରୁ



୩୬, ୧୭୦ ଟଙ୍କା ଓ ଲୁଟ ସୁନା ମୁଦି ତଥା ବିଭିନ୍ନ ୧୦ ଟି ତାବିଜ, ଡେଉଁରିଆ ସହ ଧାତବ ହନୁମାନ ମୂର୍ତ୍ତି, ବ୍ରୋଞ୍ଜ ଶିବ, କାଳି, ଲକ୍ଷ୍ମୀ, ରାଧାକୃଷ୍ଣ ମୂର୍ତ୍ତି, ୨ଟି କାନ ଫୁଲ, ସିଲଭର ଚେନ ଲକେଟ, ରୁଦ୍ରାକ୍ଷ ମାଳ ୨ଟି, ସିଲଭର ଚେନ, ହନୁମାନ ଲକେଟ, ହନୁମାନ ଚାଳିଶା, ସତ୍ୟନାରାୟଣ ବ୍ରତ କଥା ବହି, ବିଭିନ୍ନ ରଙ୍ଗର ୩୮ଟି ପଥର, ୨୦ଟି ଧାତବ ମୁଦି ଏବଂ ୬ଟି ମୋବାଇଲ ଫୋନ ଜବତ କରାଯାଇଛି। ପୁଲିସ ସମ୍ପ୍ରତି ପଡୋଶୀ ଜିଲ୍ଲା ଝାରସୁଗୁଡ଼ା, ସମ୍ବଲପୁର ପୁଲିସକୁ ସେମାନଙ୍କ ଫଟୋ ପଠେଇ ସେମାନେ ଅନ୍ୟ କୌଣସି ଅନୁରୂପ ଅପରାଧରେ ସମ୍ପୃକ୍ତ ଅଛନ୍ତି କି ନାହିଁ ତଦନ୍ତ କରୁଛି ବୋଲି ଏସଡିପିଓ ଶ୍ରୀ ମହାପାତ୍ର କହିଛନ୍ତି।

## ୨୫ ଦିନ ହେଲା ଛାତ୍ରୀ ନିଖୋଜ

# ପୁଲିସ କାର୍ଯ୍ୟାନୁଷ୍ଠାନ ଉପରେ ପରିବାରର ଅସନ୍ତୋଷ

**ରାଉରକେଲା, ୨୫।୪(ସମିସ):** କମ୍ପ୍ୟୁଟର କ୍ଲାସ ପାଇଁ ଘରୁ ବାହାରିଥିବା ଜଣେ ଛାତ୍ରୀ ନିଖୋଜ ହୋଇଛନ୍ତି। ପରିବାର ପୁଲିସ ନିକଟକୁ ଦୌଡ଼ି ଦୌଡ଼ି ଅସନ୍ତୋଷ ପ୍ରକାଶ କରିଛନ୍ତି। ଘଟଣାର ୨୫ ଦିନ ପରେ ମଧ୍ୟ ଛାତ୍ରୀଙ୍କ କୌଣସି ପତ୍ତା ମିଳିନାହିଁ। ଅଭିଯୋଗ ମୁତାବକ, ମାଲଗୋଦାମର ଖଟାଲ ବସ୍ତି ନିକଟରେ ରହୁଥିବା ସନ୍ତୋଷ ସାହୁ ଓ ସଞ୍ଜୁ ଦେବୀଙ୍କ ୧୮ ବର୍ଷୀୟା ଝିଅ ଅଞ୍ଜଳି ସାହୁ ମାର୍ଚ୍ଚ ୩୧ରେ କମ୍ପ୍ୟୁଟର କ୍ଲାସ ପାଇଁ ଘରୁ ବାହାରିଥିଲେ। ହେଲେ ଅଞ୍ଜଳି ବହୁତ ସମୟ ପର୍ଯ୍ୟନ୍ତ ଘରକୁ ଫେରି ନଥିଲେ। ଯାହା ପରିବାର ପାଇଁ ଚିନ୍ତାର କାରଣ ହୋଇଥିଲା। ତାଙ୍କ ମାଆ ସଞ୍ଜୁ ମୋବାଇଲ୍ ଫୋନ୍‌ରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ। ହେଲେ ତାହା ସମ୍ଭବ ହୋଇପାରି ନଥିଲା। ଘରୁ ବାହାରିବା ସମୟରେ ସେ ଗୋଲାପୀ ପୋଷାକ ପିନ୍ଧିଥିଲେ। ପରିବାର ଲୋକେ ନିଜେ ବହୁତ ଖୋଜାଖୋଜି କରିଥିଲେ। କିନ୍ତୁ ଅଞ୍ଜଳିର କୌଣସି ପତ୍ତା ମିଳିଲା ନାହିଁ। ପରଦିନ ଉଦିତନଗର ଥାନାରେ ଏକ ରିପୋର୍ଟ ଦାଖଲ କରାଯାଇଥିଲା। ଘଟଣାର ତୃତୀୟ ଦିନ ଏପ୍ରିଲ୍ ୨ ତାରିଖରେ ପୁଲିସ ଏକ ନିଖୋଜ ମାମଲା ରୁଜୁ କରିଥିଲା। କିନ୍ତୁ ନିଖୋଜ ଛାତ୍ରୀ ଅଞ୍ଜଳିକୁ ଉଦ୍ଧାର କରିବାରେ ପୁଲିସ ଆଶାନୁରୂପ ସହାୟତା ଯୋଗାଇ ପାରିନଥିଲା। ପୁଲିସ ଏଦିଗ ପ୍ରତି ଗୁରୁତ୍ୱ ଦେବାକୁ ପରିବାର ଲୋକେ ଗୁହାରି କରିଛନ୍ତି। ବର୍ତ୍ତମାନ୍ ପରିବାର ଚିନ୍ତାରେ ଥିବା ଜଣାପଡ଼ିଛି।

# ଆରଏସ୍‌ପି ରାଷ୍ଟ୍ରୀୟ କର୍ମଯୋଗୀ କାର୍ଯ୍ୟକ୍ରମ ଅଧୀନରେ କର୍ମଚାରୀ ଦକ୍ଷତା

**ରାଉରକେଲା, ୨୫।୪ (ସମିସ):** ରାଉରକେଲା ଇସ୍ପାତ କାରଖାନା କ୍ଷମତା ବିକାଶ କମିଶନ (ସିବିସି) ଏବଂ ଇସ୍ପାତ ମନ୍ତ୍ରଣାଳୟ (ଏମଓଏସ) ଦ୍ୱାରା ମାର୍ଗଦର୍ଶିତ ରାଷ୍ଟ୍ରୀୟ କର୍ମଯୋଗୀ ବୃହତ୍ତର ଜନସେବା କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ବିକାଶରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି। ଆର୍‌ଏସ୍‌ପି ଜଣେ ଲିଡ୍ ଟ୍ରେନର ସହ ୫୩ ଜଣ ମାଷ୍ଟର ଟ୍ରେନ୍‌ର ବିକଶିତ କରିଛି, ଯେଉଁମାନେ ପ୍ରାୟ ୨୦୮୫ ରୁ ଅଧିକ କର୍ମଚାରୀଙ୍କୁ ଏକ ଦିବସୀୟ ତାଲିମ ପ୍ରଦାନ କରିଛନ୍ତି। କାରଖାନା ଆଇଗଟ୍ (ଆଇ ଜିଓଟି) ପୋର୍ଟାଲରେ ଶତ ପ୍ରତିଶତ କର୍ମଚାରୀଙ୍କୁ ସାମିଲ କରିପାରିବା ସହିତ ଏହାର ସମୁଦାୟ କର୍ମଚାରୀଙ୍କ ମଧ୍ୟରୁ ପ୍ରାୟ ୬୪ ପ୍ରତିଶତ କର୍ମଚାରୀ ଅନିବାର୍ଯ୍ୟ ଛଅଟି ସିବିସି ପାଠ୍ୟକ୍ରମ ଏ ସମୟ ପର୍ଯ୍ୟନ୍ତ ସମାପ୍ତ କରିଛନ୍ତି। ଉଲ୍ଲେଖନୀୟ ଯେ ଆଇଗଟ, ସମନ୍ୱିତ ସରକାରୀ ଅନଲାଇନ୍ ତାଲିମକୁ ବୁଝାଏ, ଯାହା ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ବ୍ୟାପକ ଡିଜିଟାଲ୍ ଶିକ୍ଷଣ ପ୍ଲାଟଫର୍ମ। ଏହା ପ୍ରଶାସନିକ କର୍ମଚାରୀ ଏବଂ ଅଗ୍ରଣୀ କର୍ମଚାରୀମାନଙ୍କୁ ଶାସନ ଏବଂ ସାର୍ବଜନୀନ ସେବାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ପାଇଁ ଦକ୍ଷତା-ଚାଳିତ ଅନଲାଇନ୍ ତାଲିମ ସହିତ ସଜ୍ଜିତ କରିଥାଏ। ଆର୍‌ଏସ୍‌ପିର ନେତୃତ୍ୱ କର୍ମଚାରୀ ବିକାଶକୁ ପ୍ରାଥମିକତା ଦେଇ କାରଖାନାକୁ ଆଧୁନିକ ଇସ୍ପାତ ଶିଳ୍ପରେ ଅଗ୍ରଣୀ କରିବା ଦିଗରେ ପ୍ରୟାସରତ ଓ ଏହି ପଦକ୍ଷେପଗୁଡ଼ିକ ଜାତୀୟ କ୍ଷମତା-




ନିର୍ମାଣ ଲକ୍ଷ୍ୟ ସହିତ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ, ସୁରକ୍ଷା ଏବଂ ନିରନ୍ତର ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଆରଏସପିର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି।

# ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଅଶୋକ ବଳଙ୍କୁ ଶ୍ରଦ୍ଧାଞ୍ଜଳି



**ରାଉରକେଲା, ୨୫।୪(ସମିସ):** ବିଶିଷ୍ଟ ଅଭିନେତା, ସୁନାମଧନ୍ୟ ନିର୍ଦ୍ଦେଶକ, ଦକ୍ଷ ସଂଗଠକ, ଟେଲିଫିଲ୍ମ ଅଭିନେତା ତଥା ସାଂସ୍କୃତିକ କଳାପରିଷଦ ସଂକଳ୍ପ ସମେତ ବିଭିନ୍ନ ନାଟ୍ୟାନୁଷ୍ଠାନ, ସାମାଜିକ, ସାଂସ୍କୃତିକ ଓ ସାହିତ୍ୟ ଅନୁଷ୍ଠାନ ସହିତ୍ ସଂଶ୍ଳିଷ୍ଟ ଅଶୋକ ବଳଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ସେକ୍ଟର -୬ ସ୍ଥିତ ମା' ଶାରଳା ମନ୍ଦିର ପରିସରରେ ପରିବାର ପକ୍ଷରୁ ଆୟୋଜିତ ଏକ ଶ୍ରଦ୍ଧାଞ୍ଜଳି ସଭାରେ ସହରର ବିଭିନ୍ନ ଅନୁଷ୍ଠାନର ପ୍ରମୁଖ ବ୍ୟକ୍ତିବିଶେଷ ଯୋଗଦେଇ ଥିଲେ। ତାଙ୍କର ତ୍ୟାଗ ଓ ସାଂଗଠନିକ ଦକ୍ଷତା ଯୋଗୁଁ ଅନେକ ଅନୁଷ୍ଠାନର ଉନ୍ନତି ସଂଭବ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରଫେସର ସମର ମୁଦାଲି, ସୁଶାନ୍ତ ଖୁଣ୍ଟିଆ, ରାଧାମୋହନ ନାୟକ, ଅକ୍ଷୟ ଧଳ, କୁଞ୍ଜନଲାଲ ବୋଷ, ପ୍ରିୟଦର୍ଶନ ରାଉତ, ଦିପ୍ତି ରଞ୍ଜନ ବାରିକ, ପ୍ରଫୁଲ୍ଲ ସେଠୀ, ଗଙ୍ଗାଧର ପୁହାଣ, ଶରତ ଧଳ, ଆଲୋକ ବୋଷ, ଅକ୍ଷୟ ସାମଲ, ସୁକାନ୍ତ ମହାପାତ୍ର, ପ୍ରଭାକର ପାତ୍ର, ଇଂ ଅଭୟ କୁମାର ଦାସ, କାର୍ତ୍ତିକ ପାଣ୍ଡବ, ପଶୁପତିନାଥ ଚାଟାର୍ଜୀ, ଭଗବାନ ମହାପାତ୍ର, ଶ୍ରୀବତ୍ସ କୁଅଁର, ଜଗନ୍ନାଥ ରାଉତ, ଅରକ୍ଷିତ ପାତ୍ର, ଆର୍ତ୍ତ ମହାରଣା, ମନୁ ସାମଲ, ସତ୍ୟାନନ୍ଦ ବେହେରା, ପର୍ଶୁରାମ ପଟ୍ଟନାୟକ, ଅରବିନ୍ଦ ସ୍ୱାଇଁଙ୍କ ସମେତ ସେକ୍ଟର-୬ସ୍ଥିତ ଶାରଳା ମନ୍ଦିର ପରିଚାଳନା କମିଟି, ସେକ୍ଟର-୬ ମାର୍କେଟ କମିଟି, ଇସ୍ପାତ କାରଖାନା ଅବସରପ୍ରାପ୍ତ କର୍ମଚାରୀ ସଂଘ, ଶ୍ରଦ୍ଧା, ଆଦର୍ଶ ପାଠାଗାର ସହିତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଓ ପ୍ରତିନିଧିମାନେ ଯୋଗ ଦେଇ ଶ୍ରଦ୍ଧାସୁମନ ଅର୍ପଣ ସହିତ ସ୍ମୃତିଚାରଣ କରିଥିଲେ। ପରିବାର ପକ୍ଷରୁ ପତ୍ନୀ ମେନକା, ଭାଇ ମନୋଜ, ପୁତ୍ର ଅମିତ୍‌ଙ୍କ ସହିତ ପୁତ୍ରବଧୂ, କନ୍ୟା ଓ ଜାମାତା ଆୟୋଜନ କରିଥିଲେ।

# ଲହୁଣୀପଡ଼ାରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ

**ଲହୁଣୀପଡ଼ା, ୨୫।୪(ସମିସ):** ସ୍ଥାନୀୟ ବ୍ଲକ ପଡ଼ିଆଠାରେ ଶୁକ୍ରବାର ସନ୍ଧ୍ୟାରେ ଆଭାସି ମାଧ୍ୟମରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ପାଇଁ ଲହୁଣୀପଡ଼ା ବ୍ଲକ ପଡ଼ିଆ ଠାରେ ଅଭାସି ମାଧ୍ୟମରେ ଦେଖିବା ପାଇଁ ଆୟୋଜନ କରାଯାଇଥିଲା। ଏଥିରେ ବଣାଇଁ ଉପଜିଲ୍ଲାପାଳ ଡ.ଅଶୋକ ଦାସ, ସହକାରୀ ନିର୍ବାହୀ ଯନ୍ତ୍ରୀ ସତ୍ୟବ୍ରତ ପଟ୍ଟନାୟକ, ଲହୁଣୀପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ଅଧିକାରୀ ଭଗବାନ ବଙ୍କିରା ଉଦ୍‌ଘାଟନ କରିଥିଲେ। ବ୍ଲକର ସମସ୍ତ ଯନ୍ତ୍ରୀ, କନିଷ୍ଠ ଯନ୍ତ୍ରୀ ସମସ୍ତ ପଞ୍ଚାୟତର ପିଇଓ, ଏଡିଇଓ ପ୍ରମୁଖ ଉପସ୍ଥିତ ଥିବାବେଳେ ଏବିଡିଓ ବିନୋଦ ଲାକ୍ରା ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ମନରେଗା ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶଶ୍ୟକଳା ପଞ୍ଚାୟତ ପ୍ରଥମ, ବଡ଼ ପୁରୁଣା ପାଣି ପଞ୍ଚାୟତ ଦିତୀୟ, ଦର୍ଜି ପଞ୍ଚାୟତ ତୃତୀୟ ସ୍ଥାନ ଅଧିକାର କରିଥିବାରୁ ତାଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିଭଳି ରୁରାଲ ହାଉସିଙ୍ଗ ଯୋଜନାରେ ବଡ଼ ପୁରୁଣା ପାଣି, ହଳଦୀ କୁଦର, ଡଲେଇସରା ପଞ୍ଚାୟତକୁ ସମ୍ମାନିତ କରାଯାଇଥିଲା। ବେଷ୍ଟ କନିଷ୍ଠ ଯନ୍ତ୍ରୀ, ବେଷ୍ଟ ପିଇଓ, ବେଷ୍ଟ ସରପଞ୍ଚ, ବେଷ୍ଟ ଯୋଗାଣ ସହାୟକ ଏବଂ ବେଷ୍ଟ ସଂୟ ସହାୟୀକା ଗୋଷ୍ଠୀମାନଙ୍କୁ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ସମ୍ମାନିତ କରାଯାଇଥିଲା।



# ବ୍ଲକ୍‌ସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ



**ବଣାଇଁ, ୨୫।୪ (ସମିସ);** ବଣାଇଗଡ଼ ବ୍ଲକ କାର୍ଯ୍ୟାଳୟ ପରିସରରେ ବଣାଇଗଡ଼ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିବ୍ୟଶଙ୍କର ଜୟପୁରିଆଙ୍କ ତତ୍ତ୍ୱାବଧାନରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ତଥା ପଞ୍ଚାୟତି ରାଜଦିବସ ପାଳନର ତାତ୍ପର୍ଯ୍ୟ ଉପରେ ଶ୍ରୀ ଜୟପୁରିଆ ସଂକ୍ଷେପରେ ବିଭିନ୍ନ ଜନ କଲ୍ୟାଣ ଯୋଜନାର ସୁପରିଚାଳନା ଯୋଗୁଁ ଜନସାଧାରଣ ତଥା ଯୋଗ୍ୟ ହିତାଧିକାରୀ କିପରି ଉପକୃତ ହୋଇପାରିଛନ୍ତି ଏବଂ ଆଗକୁ ମଧ୍ୟ ଲାଭବାନ ହୋଇ ପ୍ରଗତିରେ ଉନ୍ନତି ହୋଇପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ମୁଖ୍ୟଅତିଥି ଭାବେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡା, ବଣାଇଁ ଉପଜିଲ୍ଲାପାଳ ଅଶୋକକୁମାର ଦାସ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ଅଭିରାମ ମହାକୁଳ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଦକ୍ଷ କର୍ମଚାରୀ ଭାବେ ରୋମ୍ୟ ରଞ୍ଜନ ପ୍ରଧାନଙ୍କୁ ବ୍ଲକସ୍ତରରେ ତଥା ଜିଲ୍ଲାସ୍ତରରେ ସମ୍ମାନିତ କରାଯାଇଥିଲା। ସେହିଭଳି ବ୍ଲକ କାର୍ଯ୍ୟାଳୟର ସକ୍ରିୟ ଦକ୍ଷ କର୍ମଚାରୀ ଓ ସରପଞ୍ଚ, ସମିତି ସଭ୍ୟ, ବ୍ୟାଙ୍କ ସାଥୀ ପ୍ରମୁଖଙ୍କୁ ବ୍ଲକସ୍ତରରେ ସମ୍ମାନିତ କରାଯାଇଥିଲା। ଇ.କେ.ୱାଇ. ସି ମାଧ୍ୟମରେ ସଂଶୋଧନ କରାଯାଇ ଓଡ଼ିଶାର ବହୁତ ହିତାଧିକାରୀଙ୍କୁ ରାସନକାର୍ଡ ପ୍ରଦାନ ପ୍ରକ୍ରିୟା ଏହି ଜାତୀୟ ଦିବସରେ ଆରମ୍ଭ ହୋଇଛି। ବଣାଇଁଗଡ଼ ବ୍ଲକର ସର୍ବଶ୍ରେଷ୍ଠ ପଞ୍ଚାୟତ ଭାବେ କେନାଭେଟା ପଞ୍ଚାୟତ ପୁରସ୍କୃତ କରାଯାଇଥିଲା। ବଣାଇଗଡ଼ ବ୍ଲକର ୧୩ଟି ପଞ୍ଚାୟତ ସାମାଜିକ ଭତ୍ତା, ରାସନ କାର୍ଡ, ଅନ୍ତ୍ୟୋଦୟ ଗୃହ ଯୋଜନା ବିତରଣ କରାଯାଇଥିଲା। ସହକାରୀ ବିଡିଓ ସାରିଆ ଲାକ୍ରା, ସରପଞ୍ଚ, ସମିତି ସଭ୍ୟ/ ସଭ୍ୟା ୱାର୍ଡମେମ୍ବରଙ୍କ ସମେତ ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ତଥା ଜନ ସାଧାରଣ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରାମୀଣ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ବିକାଶ ସିଂ ଦଣ୍ଡପାଟ ମଞ୍ଚ ପରିଚାଳନା କରିଥିଲେ।

# ଅବହେଳିତ ବର୍ଗର ଛାତ୍ରଛାତ୍ରୀଙ୍କୁ ୨୪ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ

**ରାଉରକେଲା, ୨୫।୪(ସମିସ)**

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ଗତ ୨୦୨୪-୨୫ ଶିକ୍ଷାବର୍ଷ ନିମନ୍ତେ ପାର୍ଶ୍ୱାଞ୍ଚଳ ଗ୍ରାମ ସହ ରାଉରକେଲା ଏବଂ ଏହାର ଆଖପାଖରେ ଥିବା ପୁନର୍ବାସ କଲୋନୀର ଅବହେଳିତ ବର୍ଗର ୨୦୦ ଜଣ ଛାତ୍ରଛାତ୍ରୀଙ୍କୁ ୨୪ ଲକ୍ଷ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରିଛି। ଏହି ଅବସରରେ ଗତ ୨୦୨୫ ଏପ୍ରିଲ ୨୪ ତାରିଖରେ ସିଏସ୍‌ଆର୍ ବିଭାଗର ଇନଷ୍ଟିଚ୍ୟୁଟ୍ ଅଫ୍ ପେରିଫେରାଲ୍ ଡେଭଲପମେଣ୍ଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଆର୍‌ଏସ୍‌ପିର ସିଏସ୍‌ଆର ବିଭାଗର ଜିଏମ୍ ଇନଚାର୍ଜ ମୁନମୁନ୍ ମିତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବାବେଳେ ରାଉରକେଲାର ଡେପୁଟି କଲେକ୍ଟର ପି.ବଡ଼ପଣ୍ଡା ସମ୍ମାନିତ




ଅତିଥି ଭାବେ ଯୋଗ ଦେଇଥିଲେ। ସିଏସଆର ବିଭାଗର ଡିଜିଏମ ଆର ଏସ୍ ବାରା, ଡିଜିଏମ ପି.ସାହୁଙ୍କ ସମେତ ସିଏସ୍‌ଆର୍ ବିଭାଗର ଅନ୍ୟ ବହୁ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ପ୍ରଶଂସା ପତ୍ର ଏବଂ ଡମି ଚେକ୍ ପ୍ରଦାନ କରିଥିଲେ। ଉଲ୍ଲେଖନୀୟ ଯେ ଛାତ୍ରବୃତ୍ତି ଟଙ୍କା ସମସ୍ତ ଛାତ୍ରଛାତ୍ରୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତରିତ କରାଯିବ। ଛାତ୍ରମାନଙ୍କୁ ସମ୍ବୋଧିତ କରି ମିତ୍ର ଶିକ୍ଷାର ପ୍ରୋତ୍ସାହନ ଉପରେ ଗୁରୁତ୍ୱ ଦେଇ ଆରଏସପି ଦ୍ୱାରା ଗ୍ରହଣ କରାଯାଇଥିବା ବିଭିନ୍ନ ସିଏସଆର କାର୍ଯ୍ୟକଳାପ ଉପରେ ଏକ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆରଏସ୍ ବାରା ସମାବେଶକୁ ସ୍ୱାଗତ କରିବା ସହିତ ଉକ୍ତ ଯୋଜନା ବିଷୟରେ ଏକ ସଂକ୍ଷିପ୍ତ ବିବରଣୀ ଉପସ୍ଥାପନ କରିଥିଲେ। ପରିଶେଷରେ ପି.ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ସିଏସ୍‌ଆର ବିଭାଗର ସେକ୍‌ସନ୍ ଅଫିସର ବି ଏକ୍କା ସଂଯୋଜନା କରିଥିଲେ। ଉଲ୍ଲେଖନୀୟ ଯେ, ୨୦୦୭-୮ ବର୍ଷରେ ଆରମ୍ଭ ହୋଇଥିବା ଏହି ଛାତ୍ରବୃତ୍ତି ଯୋଜନାରେ ବିଦ୍ୟାର୍ଥୀମାନଙ୍କୁ ରାଉରକେଲା ଏଡିଏମଙ୍କ କାର୍ଯ୍ୟାଳୟ ଦ୍ୱାରା ମନୋନୀତ କରାଯାଇଥାଏ। ଏହା ଅଧୀନରେ ଉଚ୍ଚ ମାଧ୍ୟମିକ ଏବଂ ମାଧ୍ୟମିକ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିବର୍ଷ ୧୨, ୦୦୦ ଟଙ୍କା ଏବଂ ପ୍ରାଥମିକ ଶିକ୍ଷା ଲାଭ କରୁଥିବା ଛାତ୍ରଛାତ୍ରୀମାନଙ୍କୁ ପ୍ରତିବର୍ଷ ୧୦, ୮୦୦ ଟଙ୍କା ପ୍ରଦାନ କରାଯାଏ।

ସୃଜନିକା

ସକାଳ
THE SAKALA
www.sakalaepaper.com



# ଭୋକ ଓ ଭୟ



ମୂଳ ହିନ୍ଦୀ: ଭବତୋଷ ପାଣ୍ଡିୟ

ଅନୁବାଦ: କନକ ମଞ୍ଜରୀ ପଟ୍ଟନାୟକ

ସକାଳେ ବହୁ ସମୟ ଯାଏ ଶାଶୁ ସୁମନ ଓ ବୋହୂ କୁସୁମର ଲଢ଼େଇ ଚାଲିଥିଲା । ଘର ଭିତରେ ଶାଶୁ ଓ ବୋହୂର ଲଢ଼େଇ ସାଧାରଣ କଥା । ଆଜି କିନ୍ତୁ କୌଣସି ବିଶେଷ ପ୍ରସଙ୍ଗକୁ କେନ୍ଦ୍ର କରି ଲଢ଼େଇ ଚାଲିଥିଲା, ଯାହାକି ଦୀର୍ଘ ସମୟ ଯାଏ ଲମ୍ବି ଥିଲା ।

"ତାଙ୍କର ତ ମେମ୍ ସାହେବମାନଙ୍କ ଘରଗୁଡ଼ିକରେ ହାଲୁଆ, ପୁରି, ଲହୁଣି, ପାଉଁରୁଟି ଖାଇବା ଅଭ୍ୟାସ ହୋଇଗଲାଣି । ସେଥିପାଇଁ ସେ ସକାଳ ହେଉ ହେଉ କାମ କରିବାକୁ ଦୌଡ଼ି ଯାଆନ୍ତି । ଘରର କୌଣସି କାମ ଉପରେ ତ ନଜର ହିଁ ନାହିଁ ।" କୁସୁମ ଗୁଜୁ ଗୁଜୁ ହେଉଥିଲା ।

ସୁମନ ନିଜ ଘରଠାରୁ କିଛି ଦୂର ସହରରେ ଥିବା ଗୋଟାଏ ସୋସାଇଟିରେ ବାସନ ମଜା ଓ ଝାଡୁ ପୋଛା କାମ କରେ । ସେ ଦିନ ମନ ଫଟା ଫଟି ହେତୁ ସେ ଦାନା ଖାନା ଛାଡ଼ି ଶୀଘ୍ର ଶୀଘ୍ର ସହର ଆଡ଼କୁ ଦୌଡ଼ିଲା ।

"ଆଜି କାମବାଲୀ ଆଚ୍ଛା ବିଳମ୍ବ କଲା । ମନେ ହେଉଛି ନିତି ନିତି ଜଳଖିଆ ଟା' ପାଇଁ ତା'ର ଡର ନାହିଁ । ଆସୁ ତାକୁ ଜଳଖିଆ ଖୁଆଇବି ।"

ବିଳମ୍ବ ହେବା କାରଣରୁ ସୁମନ ଡରି ଡରି ଶ୍ରୀମତୀ ଅଗ୍ରୱାଲଙ୍କ ଘରେ ପହଞ୍ଚି ବାସନ ଧୋଇବା କାମରେ ଲାଗିଗଲା ।

"କେଉଁଠି ମରି ପଡ଼ିଥିଲୁ, ଏତେବେଳେ ଯାଏ? ତୁ' ମୋ ଘରକୁ ସକାଳୁ ସକାଳୁ ଆସେ । ବେଶୀ ବେଳ ଯାଏ ଘରେ ବାସନ ଅମଜା ହୋଇ ପଡ଼ି ରହିଲେ, ଘର ପୋଛା ନ ହେଲେ ମତେ ଭଲ ଲାଗେନା । କାଲିଠୁ ଡେରିରେ ଆସିବୁ ନାହିଁ । ନ ହେଲେ ମୁଁ ଅନ୍ୟ କାମବାଲୀ ଖୋଜିବି ।"

ସୁମନକୁ ଜଳଖିଆ କିଏ ଦେବ ? ସେ ତ କାମ ଚାଲିଯିବା ବିପଦକୁ ନେଇ ଚିନ୍ତିତ ।

"ବାର ବାଜିବାକୁ ହେଲାଣି । ମ୍ୟାଡମ୍ ଏତେ ବେଳ ଯାଏ ଆସି ନାହାଁନ୍ତି, ଯାହା ଜଣାପଡୁଛି ଶ୍ରୀମତୀ ଅଗ୍ରୱାଲ ଘରେ ଛପନ ଭୋଗ ଖାଉଛି ।" ଶ୍ରୀମତୀ ବର୍ମା ଶ୍ରୀମତୀ ସିଦ୍ଧିକଙ୍କ ଘରକୁ ଫୋନ୍ କରି କହିଲେ ।

ଶୀଘ୍ର ଶୀଘ୍ର କାମ ସାରି ସୁମନ ଶ୍ରୀମତୀ ବର୍ମାଙ୍କ ଘରେ ପହଞ୍ଚିଲା ।

"ତୁ ଶ୍ରୀମତୀ ଅଗ୍ରୱାଲଙ୍କ ଘରେ ଏତେବେଳ ଯାଏ କ'ଣ କରୁଥିଲୁ? ବେତନ ସାଙ୍ଗକୁ ସେ ତତେ ପିଜା, ବର୍ଗର ନିତି ଖାଇବାକୁ ଦେଉଛନ୍ତି ନା କ'ଣ?"

ଶ୍ରୀମତୀ ବର୍ମାଙ୍କ ମୁରବି ପଣ ଦେଖି ସୁମନ ବୁଝି ପାରିଥିଲା, ଆଜି ଏଠୁ କିଛି ମିଳିବା କଷ୍ଟ । ସେ ମନେ ମନେ ଙ୍ଗପିଲା ।

ଭୋକିଲା ସୁମନ ଦୁଇ-ତିନି ଘରେ ଦିନ ତିନିଟା ଯାଏ କାମ କରି ଚାଲିଥିଲା । ସେ ଦିନ ତା' ଭାଗ୍ୟରେ କେଉଁଠୁ ବି କିଛି ଖାଇବା ମିଳିଲା ନାହିଁ ।

ନିଜ ବୋହୂ ଉପରେ ରାଗ ଓ ନିଜର ନିତି ଦିନିଆ କମାଣି ହାତଛଡ଼ା ଭୟ ମନର ଅବସ୍ଥାକୁ ନେଇ ସୁମନ ତା' ଗାଁ ଆଡ଼କୁ ବଢ଼ିବାକୁ ଲାଗିଲା ।

ଭୋକରେ ବ୍ୟାକୁଳ ଦୁଇ-ତିନି କୋଶ ପାଦରେ ଚାଲି ଚାଲି ଘରେ ପହଞ୍ଚିଲା । ଖାଇବା ପିଇବା ତ ଦୂର କଥା, ବୋହୂ କୁସୁମ ସକାଳେ ଅଧାରେ ଥିବା ଝଗଡ଼ା ପୁଣି ଆରମ୍ଭ କଲା ।

"ସହରରୁ ହାଲୁଆ- ପୁରି ଖାଇ ଆସି ଗଲନା?"

ଅନ୍ୟ ମନସ୍କ ସୁମନ ଭାବୁଥିଲା, କାଲି ମୁଁ ଶୀଘ୍ର ଶୀଘ୍ର ନ ପହଞ୍ଚିଲେ, ମେମ୍ ସାହେବ ମତେ କାମରୁ ବାହାର କରିଦେବେ ।

ଲୁହ ଝରି ଚାଲିଥିଲା ।

ସୁମନ ମନରେ ଘର କରି ଥିବା 'ଭୟ', ଶରୀରରେ ଉପସ୍ଥିତ 'ଭୋକ'କୁ ବାରମ୍ବାର ଆଡ଼େଇ ଚାଲିଥିଲା । ■

ଶିବା କୃପା ସାରଦା-ନନ୍ଦିତା ନିଳୟ
ତଳ ମହଲା, ପ୍ଲଟ୍ ନଂ- ୧୩୮୮
ବ୍ରହ୍ମେଶ୍ୱର ପାରଣା, ବ୍ରହ୍ମେଶ୍ୱର ମନ୍ଦିର ପଛପାଖ
ଭୁବନେଶ୍ୱର - ୭୫୧୦୧୮
ମୋ:୮୭୬୩୪୭୨୧୬୨

## ଯଦି ପୃଥ୍ୱୀ ବିଶ୍ରାମ ନିଏ

ଯଦି ଦିନେ ସକାଳେ ପୃଥ୍ୱୀ କହିବ-
ଆଜି ମୁଁ ଅବକାଶରେ ଅଛି
ତ... ନିଜର ସୁନେଲି ଚିଠିମାନଙ୍କୁ
ପଢ଼ି ଶୁଣାଉଥିବା ସୂରୁଜ
ହଠାତ ନୀରବି ଯିବ ।
ନଦୀମାନେ ସ୍ଥିର ହୋଇ
ନିଜନିଜର ପ୍ରତିବିମ୍ବକୁ ଉଙ୍କି ମାରିବେ
ଆଉ ଗଛମାନେ
ନିଜ ପତ୍ରମାନଙ୍କୁ ପଚାରିବେ -
ଏବେ ପବନ କାହାକୁ ଖୋଜିବ?
'ସ୍ତ୍ରୀ', ଯାହା ପୃଥ୍ୱୀର ଅନ୍ୟ ଏକ ନାମ
ଯଦି ଦିନେ ବସିଯିବ ଚୁପ୍‌ଚାପ୍ -
ତ... ସମୟର ଘଣ୍ଟାଘର
ହଜେଇଦେବ ତା'ର କଣ୍ଟା
ଆଉ, ଆମର ସକଳ ସଭ୍ୟତା
ଅଚାନକ ଡରିଯିବ
ନିଜର ହିଁ ନୀରବତାରେ । ■



ମୂଳ ହିନ୍ଦୀ: ଜୟପ୍ରକାଶ ମାନସ

ଅନୁବାଦ: ବିଜୟ କୁମାର ପ୍ରଧାନ



## ଛତାବାଲା



ଛତା ମରାମତି କରୁଥିବା ସେ ଲୋକଟି
ଯିଏ ଭଙ୍ଗା ଫ୍ରେମ୍ ଉପରେ
ନୂଆ କପଡ଼ାର ଚମକ ଛାଆଣି କରୁଛି
ବାସ୍ତବରେ କେଉଁ ଭଙ୍ଗା-ବିଶ୍ୱାସ ଉପରେ
ସହଜ-ସରଳ ବିଶ୍ୱାସର
କଠିନସ୍ତରଟିଏ ଥାପୁଛି
ତା' ଆଙ୍ଗୁଳିମାନେ
ଛୁଞ୍ଚି ଓ ସୂତାର ସହାୟତାରେ ବୁଣୁଛନ୍ତି
ଭଗ୍ନ ଆଶ୍ରୟମାନଙ୍କର ସ୍ୱପ୍ନ
ପ୍ରତ୍ୟେକ ଛିଦ୍ରକୁ ବୁଜୁଛନ୍ତି
ଖରା ଓ ବର୍ଷାରୁ
ରକ୍ଷା କରିବାର ପ୍ରତିଜ୍ଞାରେ
ସେ କିନ୍ତୁ ଜାଣିଛି ଯେ ଏ ଛତା
ଏବେ ଆଉ ସେତିକି ମଜଭୁତ ନୁହେଁ
ଯେତିକି ପୂର୍ବରୁ ଥିଲା
ଟାଙ୍କ (ସିଲେଇ) ଛିଣ୍ଡିଗଲାଣି ଠାଏଁ-ଠାଏଁ
ତଥାପି ସେ ସିଲାଉଛି ସେମିତି
ଯେମିତି କେଉଁ ଡାକ୍ତର
ବଞ୍ଚାଉଛି ଗୋଟିଏ ପ୍ରାଣ
ଏଇଆ ନ ଭାବି ଯେ
ଏ ପ୍ରାଣଟା ବି ପୁଣି କେବେ ରୋଗଗ୍ରସ୍ତ ହେବ
ତା' ଦୋକାନରେ ରହିଛି
ଭଙ୍ଗାଛତାଙ୍କ ପାହାଡ଼
ଯାହା ପ୍ରମାଣିତ କରୁଛି ଯେ
ଦୁନିଆରେ ଏବେ ବି ବାକି ଅଛି
ଆଶ୍ରୟସ୍ଥଳମାନଙ୍କର ମରାମତି କାମ
ଏବଂ... ସେ ଗୋଟେଗୋଟେ ଟାଙ୍କ ମାରୁଛି
କଳା କପଡ଼ା ଜାଗାରେ
କିଟିମିଟି ଅନ୍ଧାରକୁ ଛୁଞ୍ଚି ଫୋଡୁଛି
ଖୁସି ହେଉଛି
ଯେତେବେଳେ କେଉଁ ଭଙ୍ଗା ଆକାଶ
ପୁଣି କାହାସାଥୀରେ ସଂପର୍କ ଯୋଡୁଛି ।। ■

ଗୌତମ ନଗର (ଷଷ୍ଠ ସରଣୀ),
କୋରାପୁଟ
ମୋ: ୯୪୩୭ ୯୦୯୪୨୮

# 'ସୈରିନ୍ଧ୍ରୀ' କାବ୍ୟରେ ନାରୀ ସଂଘର୍ଷର ପ୍ରତିଫଳନ



ଡକ୍ଟର ନିଖିଳେଶ ମହାନ୍ତି

ଗୁଜରାଟୀ ସାହିତ୍ୟର ସୁପ୍ରସିଦ୍ଧ କାବ୍ୟକାର ବିନୋଦ ଯୋଶୀ । ତାଙ୍କର କବିତାଗୁଡ଼ିକରେ ଗ୍ରାମ୍ୟ ଜୀବନର ଚିତ୍ର ପ୍ରତିଫଳିତ ହୋଇଥାଏ । ବିଶେଷ କରି ନିଜ କାବ୍ୟକବିତାରେ ନାରୀ ମନର ଅନ୍ତର୍ଭାବନାକୁ ରୂପ ଦେବାରେ ସେ ବେଶ୍ ସଫଳ ହୋଇଛନ୍ତି । କବି ବିନୋଦ ଯୋଶୀଙ୍କ ରଚିତ 'ଅଭିପ୍ରେତ', 'ଅମୃତ ଘାୟଲ', 'ବ୍ୟଙ୍ଗ ବିନୋଦ', 'ସୈରିନ୍ଧ୍ରୀ', 'ମୋରପିଚ୍ଛ', 'ସିଙ୍ଗଡ଼ି' ଆଦି ପୁସ୍ତକ ବହୁ ପାଠକୀୟ ଶ୍ରଦ୍ଧା ଲାଭ କରିଛି । ତାଙ୍କ ଲିଖିତ 'ସୈରିନ୍ଧ୍ରୀ' ଏକ ଉଚ୍ଚକୋଟୀର ହୃଦୟସ୍ପର୍ଶୀ ପ୍ରବନ୍ଧ କାବ୍ୟ । ଏହି ପୁସ୍ତକକୁ ଓଡ଼ିଆରେ ଅନୁବାଦ କରିଛନ୍ତି ରେଣୁକା ଶ୍ରୀରାମ ସୋନି ।

ମହାଭାରତର ବିରାଟ ପର୍ବରେ ସୈରିନ୍ଧ୍ରୀ ଚରିତ୍ର ବିଶଦ ଭାବେ ବର୍ଣ୍ଣିତ । ଅଜ୍ଞାତବାସର ଏକ - ବର୍ଷ ମତ୍ସ୍ୟଦେଶର ରାଜା ବିରାଟଙ୍କ ନଗରୀରେ ଗୁପ୍ତ ଭାବେ ଥିବା ସମୟରେ 'ଦ୍ରୌପଦୀ' ସୈରିନ୍ଧ୍ରୀ ନାମରେ ସୁଦେଷ୍ଣା ରାଣୀଙ୍କ ସହଚରୀ ଥିଲେ । ପ୍ରତିକ୍ଷଣ ମରୁଥିବା ନିଜତ୍ୱ; ଖୋଜୁଥିବା ମୁହଁଲୁଚା ଜୀବନର ଅର୍ଥ; ଭ୍ରମ ବିଭ୍ରମର ଦୋଳିରେ ଝୁଲୁଥିବା ନାରୀତ୍ୱ; ନିଜ ଗୌରବ ସହ ନିରନ୍ତର ଯୁଦ୍ଧ କରୁଥିବା ଅସହାୟତା; ନିଜ ବିରୂପ ସହ ନିଜକୁ ଅଲଗା କରିନେଇଥିବା ଚୁକ୍ତିନାମା; ରାଜନନ୍ଦିନୀରୁ ଦାସୀ ପାଲଟି ଯାଇଥିବା ଇଚ୍ଛାକୃତ ଦାସତ୍ୱ, ପରାକ୍ରମୀ, ପତିମାନଙ୍କ ଗହଣରେ କେହି ନୁହେଁର ନିପୁଣ ଅଭିନୟ ଭିତରେ ନିଜକୁ ବାରମ୍ବାର ପ୍ରଶ୍ନର ମାୟାଜାଲରେ ଛନ୍ଦି ହୋଇ କିଛି ବି ଉତ୍ତର ପାଉନଥିବା ନାରୀଟିକୁ ଆମେ ଅବଳା ଦୁର୍ବଳା କହିଦେଲେ ନାରୀଟିଏ ଯେ ଚୁପ ପଡ଼ିଯିବ; ଅନେକ ବନ୍ଧନୀ ଭିତରେ ଏଡ଼େ ଟିକିଏ ଖୁବ୍ ହେୟ ପାଲଟିଯିବ ତାହା କଦାପି ନୁହେଁ । ଏକଥା ଦୃଢ଼ ସ୍ୱରରେ ପ୍ରତିବାଦ କରନ୍ତି ଲେଖକ ବିନୋଦ ଯୋଶୀ ।

ସାତଟି ସର୍ଗରେ ଲିଖିତ 'ସୈରିନ୍ଧ୍ରୀ ପ୍ରବନ୍ଧ କାବ୍ୟ । ଏହି କାବ୍ୟରେ ଆମେ ଜଣେ ଭିନ୍ନ ନାରୀଙ୍କୁ ଦେଖୁ ଯେ, ବ୍ୟାସକୃତ କାହାଣୀଠୁ ଭିନ୍ନ ହୋଇ ଯେ କୌଣସି ନାରୀର ଆଭ୍ୟନ୍ତରରେ ନିଜ ନିଜ ମହାଭାରତକୁ ଭେଟନ୍ତି । ନିଜ ନିଜ କୁରୁକ୍ଷେତ୍ରରେ ପ୍ରତିନିୟତ ଜୀବନ ଯୁଦ୍ଧରେ ଲିପ୍ତ ଥାଆନ୍ତି । ଗୋଟିଏ ସଂଘର୍ଷର ଉଦ୍‌ଗୀରଣ ଏ କାବ୍ୟର ଅନ୍ତସତ୍ତା । 'ଶୃଙ୍ଗାର କରହେ ଦାସୀ, ନୃପ ସଙ୍ଗର ମୁଁ ଅଭିଳାଷୀ" । ଜଣେ କହୁଛି ମୋର ରମ୍ୟରୂପକୁ ବିଭୋର କର । ପ୍ରଗାଢ଼ ରଙ୍ଗ ସୁହାସୀ ମୁଁ, ରାତ୍ରେ ନିବିଡ଼ ହେବ ଅନଙ୍ଗ ପ୍ରପୀଡ଼ିତ ଶିହରିତ ତନୁ; ମାତ୍ର ବେଶକାରିଣୀ କମ୍ ରୂପବାନ୍ ନୁହେଁ କି ରତିକ୍ରୀଡ଼ା ପ୍ରବୀଣା ନୁହେଁ ! ହେଲେ ନିଜ ଭାଗ୍ୟ, ଅନ୍ୟର ଅଯୋଗ୍ୟତା କିମ୍ବା ଅଭିନୟର ପାରଦର୍ଶିତାରେ ନିଜ ମନକୁ ଖାଲି ସଂଯତ ନୁହେଁ, ବରଂ ଭୟର ନିର୍ମୋକକୁ ଲୁଚାଇବାକୁ ପଡୁଛି । ନିଜେ ବିବର୍ଣ୍ଣା ଓ ନିର୍ଲିପ୍ତା ହେବା ଏକ ବାହ୍ୟ ଆଡ଼ମ୍ବର ହୋଇପାରେ । ବାସ୍ତବତା ଏହା ଯେ ସେ ଯୁବତୀ, ପତ୍ନୀ ନାରୀ; ତା'ର ବି ମନ ଅଛି । ନିଜେ କେଳିଦୀପ ପ୍ରଜ୍ୱଳିତ ନ କରି ଦୀପ ହୋଇ ଜଳୁଛି ଓ ଜ୍ୱଳନ ସହୁଛି ।



ଚକ୍ଷୁ ବୁଜି ନିଦ୍ରାକୁ କଲେ ଆମନ୍ତ୍ରଣ ଅସହ୍ୟ ଇଶାରାରେ ପ୍ରାଣ ଜର୍ଜରିତ ହୁଏ । 'କୀଚକ ସ୍ପର୍ଶିଲା ଅଙ୍ଗ ସେହି କ୍ଷଣ' କ'ଣ ସାହାଯ୍ୟ କାହାର ମାଗିହେବ କି ? ଗୋଟିଏ ସ୍ୱପ୍ନଭରା ଅଭିସାର ଘଟିସାରିଛି କର୍ଣ୍ଣ ସହ । ସେହି ସମର୍ଥ ଏ ବିପଦରୁ ଉଦ୍ଧାର କରିପାରିବ । ଏ ଦେହକୁ ପାଞ୍ଚ ଜଣଙ୍କୁ ବାଣ୍ଟିବା ଅପେକ୍ଷା ସୁତପୁତ୍ର, ଯଥେଷ୍ଟ ଯୋଗ୍ୟ; ଯାହା ସ୍ମୃତିରୁ ଫିଙ୍ଗି ହେଉ ନାହିଁ । ନିଶାର୍ଦ୍ଧରେ କୀଚକର ଅଧିକାର ସାବ୍ୟସ୍ତରୁ ନିଜକୁ ବଞ୍ଚାଇବାକୁ ତୀକ୍ଷଣ ଛୁରୀରେ ଆଘାତ କରିଛି । ପରେ ମୃତ୍ୟୁ ଦଣ୍ଡରେ ଅଗ୍ନିରେ ବିସର୍ଜନ ହୋଇଛି । ନିଜକୁ ସଚେତନ, ଭୟମୁକ୍ତା, ଆତ୍ମନିର୍ଭର, ରୁଦ୍ରଭୀଷଣ ମୂର୍ତ୍ତି ସ୍ୱରୂପିଣୀ, ନାରାୟଣୀ ବୋଲି ପ୍ରମାଣିତ କରିଛି । ଜଣେ କୀଚକକୁ ମାରିଲା ସିନା, କିନ୍ତୁ ଅନେକ କୀଚକ । ସେ ମୃତ୍ୟୁ ଦଣ୍ଡ ଲାଭ ପୂର୍ବରୁ ବି କର୍ଣ୍ଣକୁ ମନେ ମନେ ଆଲିଙ୍ଗନ କରିଛି । ଅଶେଷ ବାର ତନୁ ସମର୍ପଣ କରିଛି । ଚକ୍ଷୁ ଭେଦିବାର ସାମର୍ଥ ଯାହାର ଥିଲା ତାକୁ ପରିଚୟ ମାଗି ଯେଉଁମାନେ ସ୍ଥବିର କରିଥିଲେ ସେମାନଙ୍କୁ ବହେ ତିରସ୍କାର କରିଛି । ସୁରକ୍ଷା ଦେଇପାରୁ ନଥିବା ଅଥଚ ପାଖରେ ଥିବା ଅଯୋଗ୍ୟମାନଙ୍କୁ ଯାହା ଖାଲି ଧିକ୍କାର ନକରି ଦୟା ଦେଖାଇଛି ।

ଜନ୍ମରୁ ଅବିରତ ଜଳୁଥିବା, ନିଜ ସଙ୍ଗେ ଛଳ ଓ ଖେଳ ଖେଳୁଥିବା ନାରୀଟିଏ କେତେ ବା ସମ୍ମାନ ପାଇଲା? ତାହା ଏକ ପ୍ରଶ୍ନବାଚୀ । ଏ ଦୁନିଆରେ ସମସ୍ତେ ନିଜଠାରୁ ବିଚ୍ଛିନ୍ନ । ବାହାର ଓ ଭିତରର ଐକ୍ୟତା ଭିନ୍ନ ଫଳତଃ .ମାନସିକ ସ୍ଥିତି ଦ୍ୱନ୍ଦ୍ୱାୟିତ । ସୈରିନ୍ଧ୍ରୀ ଗୋଟେ ଦୁଃଖର ପାହାଡ଼, ଯାହା ଭିତରେ ପ୍ରତିକ୍ରିୟାର ଲାଭା ସଦା ସର୍ବଦା ଲୁକ୍‌କାୟିତ ନୁହେଁ । ଦ୍ରୌପଦୀ ଗୋଟେ ନାରୀ ଯେ ନିଜକୁ ନିଜେ ରକ୍ଷା କରିପାରେ । ପରିଚୟହୀନ ପାଣ୍ଡବ ପତିମାନଙ୍କ ନୀରବ ଅସହାୟତା ଓ କରୁଣ ଚାହାଣି ଆଗରେ ଦ୍ରୌପଦୀ ଦେବୀ ପାଲଟି ଯାଏ । କାଳ୍ପନିକ କାହାଣୀର ଅନ୍ତରାଳରେ ନାରୀମନର ଯେଉଁ ଚେତନସ୍ତରକୁ ଲେଖକ ସ୍ପର୍ଶ କରିଛନ୍ତି, ତାହା ଅଭିନବ ଓ ସଂବେଦନଶୀଳ । 'ସୈରିନ୍ଧ୍ରୀ' କାବ୍ୟରେ ନାରୀ ମନର ଅନ୍ତର୍ବେଦନାକୁ ଲିପିବଦ୍ଧ କରିବାରେ କବି ବିନୋଦ ଯୋଶୀ ବେଶ୍ ସଫଳ ହୋଇଛନ୍ତି । ■

ଓଡ଼ିଆ ଭାଷା ସାହିତ୍ୟ ବିଭାଗ ମୁଖ୍ୟ
ଜେ.ଏନ୍. କଲେଜ, କୁଆଁପାଳ, କଟକ
ମୋ: ୯୪୩୭ ୯୦୫୪୯୦

## ପତ୍ରିକା ପରିଚୟ

### କଥା କଥା କବିତା କବିତା

ସଂପାଦକ: ଅକ୍ଷୟ ବେହେରା




ଏନ୍.-୪/୨୦୮, ଆଇ.ଆର୍.ସି. ଭିଲେଜ
ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫
ମୂଲ୍ୟ: ୨୦୦ ଟଙ୍କା

ଅକ୍ଷୟ ବେହେରାଙ୍କ ସଂପାଦନାରେ 'କଥା କଥା କବିତା କବିତା'ର ସପ୍ତବିଂଶତମ ବର୍ଷ ପ୍ରଥମ ସଂଖ୍ୟା ପ୍ରକାଶ ପାଇଛି । ଏହି ସଂଖ୍ୟାରେ ରାହୁଲ ଗୌତମଙ୍କ 'ଭୟ, ଭବିଷ୍ୟତ ଓ ବିଭୀଷିକାର ଭାଷ୍ୟକାର ହଙ୍ଗେରୀର ଲାସ୍‌ଲୋ କ୍ରିଷ୍ଟା ହୋରକାଇ', ପ୍ରଦୀପ୍ତ ଶ୍ରୀଚନ୍ଦନଙ୍କ 'ୟୁରୋପୀୟ ସାହିତ୍ୟ-ମଞ୍ଚରେ ଭାରତୀୟ ତତ୍ତ୍ୱଚିନ୍ତନର ଦୃଶ୍ୟପଟ', ଡକ୍ଟର ଶ୍ରୀକାନ୍ତ ମହାନ୍ତିଙ୍କ 'ଶବ୍ଦର କୁହୁକ', ଡକ୍ଟର ଫଣୀନ୍ଦ୍ର ଭୂଷଣ ନନ୍ଦଙ୍କ 'ଗୋପବନ୍ଧୁଙ୍କ ଜାତୀୟ ଅନ୍ୱେଷା' ଆଦି ପ୍ରବନ୍ଧ ଓ ଆଲୋଚନାଗୁଡ଼ିକ ଉଚ୍ଚକୋଟୀର ହୋଇଛି । ସେହିପରି ଫନୀ ମହାନ୍ତି, ଗିରିବାଳା ମହାନ୍ତି, ମମତା ଦାଶ, ଅମରେନ୍ଦ୍ର ଖଟୁଆ, ବିପିନ ନାୟକ, ସୌଭାଗ୍ୟବନ୍ତ ମହାରଣା, ରକ୍ଷକ ନାୟକ, ପ୍ରଭାସିନୀ ମହାକୁଡ଼, ପୀତାମ୍ବର ତରାଇ ପ୍ରମୁଖଙ୍କ କବିତାଗୁଡ଼ିକ ହୃଦୟସ୍ପର୍ଶୀ ହୋଇଛି । ଜୟନ୍ତୀ ରଥଙ୍କ 'ଡୋରି', ମନୋଜ କୁମାର ମହାପାତ୍ରଙ୍କ 'ନାଲିଘୋଡ଼ା', ମୋନାଲିସା ମିଶ୍ରଙ୍କ 'ମିଃ ନାୟାର୍ ଆଉ ଗୋଟେ ମୋତି ମାଳ' ପ୍ରଭୃତି ଗପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ଭାବାବେଗର ଚିତ୍ର ପ୍ରତିଫଳିତ । ସଂପାଦକୀୟଠାରୁ ଆରମ୍ଭ କରି ଅନୁବାଦ ପର୍ଯ୍ୟନ୍ତ ପ୍ରତିଟି ବିଭାଗର ଲେଖା ଉଚ୍ଚକୋଟୀର ଓ ମନଛୁଆଁ ହୋଇପାରିଛି । ■

### ଶତରୂପା

ସଂପାଦକ : ମନୋଜ କୁମାର ନାୟକ




ସା: ଅଣ୍ଡେଇଗୋଡ଼ା, ପୋ: ଓଡ଼ିଶୋ
ଧର୍ମଶାଳା, ଜି: ଯାଜପୁର-୭୫୫୦୦୮

'ଉତ୍କଳ ଶତରୂପା ସାହିତ୍ୟାୟନ'ର ମୁଖପତ୍ର 'ଶତରୂପା-୨୦୨୬' ମନୋଜ କୁମାର ନାୟକଙ୍କ ସଂପାଦନାରେ ପ୍ରକାଶ ପାଇଛି । ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ 'ସନ୍ଥ କବି ପରଶୁରାମ ବିହାରୀ : ଗବେଷଣାତ୍ମକ ପୁସ୍ତକ ସଂପର୍କରେ', ଡ. ରୁଦ୍ର ନାରାୟଣ ପୃଷ୍ଟିଙ୍କ 'କୃତ୍ରିମ ବୁଦ୍ଧିମତା: ଏକ ଆକଳନ', ଡକ୍ଟର ରବୀନ୍ଦ୍ର ବିହାରୀଙ୍କ 'ବିବର୍ତ୍ତିତ କବିତା ଓ ସମକାଳ ଅନୁଚିନ୍ତା', ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ରଙ୍କ 'ଆବେଗ ଓ ଅନୁଭବର ରଚନା: ଜିଜ୍ଞାସା ଓ ଅନୁସନ୍ଧିତ୍ସାର ସଂରଚନା' ଆଦି ପ୍ରବନ୍ଧ ତଥ୍ୟ ଭିତ୍ତିକ ଓ ଗବେଷଣାଧର୍ମୀ ହୋଇଛି । ଡକ୍ଟର ରମାକାନ୍ତ ଜେନା, ରାଜକିଶୋର ପାଢ଼ୀ, ପିନାକୀ ମିଶ୍ର, ଡକ୍ଟର ତୁହିନାଂଶୁ ରଥ, ବିମଳ ପତି, ରବି ଶତପଥୀ ପ୍ରମୁଖଙ୍କ କବିତାଗୁଡ଼ିକ ବେଶ୍ ମନଛୁଆଁ ହୋଇଛି । ସେହିପରି ମାୟାଧର ନାୟକ, ଡକ୍ଟର ଚିତ୍ତରଞ୍ଜନ ବେହେରା, ସଚ୍ଚିଦାନନ୍ଦ କର ପ୍ରମୁଖଙ୍କ ଗପଗୁଡ଼ିକରେ ସାମାଜିକ ବାସ୍ତବତା, ମାନବୀୟ ପ୍ରେମ, ଜୀବନର ସଂଘର୍ଷ ଆଦିର ଚିତ୍ର ପ୍ରସ୍ଫୁଟିତ ହୋଇଉଠିଛି । 'ଶତରୂପା'ର ଲେଖାଗୁଡ଼ିକ ପାଠକମାନଙ୍କୁ ଭଲ ଲାଗିବ ବୋଲି ଆଶା କରାଯାଏ । ■

### ବିନୋଦ ଶତବାର୍ଷିକୀ

ସଂପାଦନା : ପ୍ରଫେସର ମଣୀନ୍ଦ୍ର କୁମାର ମେହେର




ଗଙ୍ଗାଧର ମେହେର ପ୍ରତିଷ୍ଠାନ
ଭୁବନେଶ୍ୱର

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ପୌତ୍ର ବିନୋଦ ଚନ୍ଦ୍ର ମେହେରଙ୍କ ୧୦୦ ତମ ଜୟନ୍ତୀ ଅବସରରେ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ସଂପାଦନାରେ 'ବିନୋଦ ଶତବାର୍ଷିକୀ' ସ୍ମରଣିକା ପ୍ରକାଶ ପାଇଛି । କବି ପୌତ୍ର ବିନୋଦ ଚନ୍ଦ୍ର ଏକାଧାରରେ ଥିଲେ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ସଙ୍ଗୀତ ନିର୍ଦ୍ଦେଶକ, ଲେଖକ ଓ ଆଦର୍ଶ ଶିକ୍ଷକ । ଏହି ସ୍ମରଣିକାରେ ଓଡ଼ିଶାର ବହୁ ଲେଖକ, ଲେଖିକା, କବି ପରିବାରର ସଦସ୍ୟ ସ୍ୱର୍ଗତ ବିନୋଦ ଚନ୍ଦ୍ରଙ୍କ ସ୍ମୃତିଚାରଣ କରିଛନ୍ତି । ରଘୁନାଥ ପୂଜାରୀଙ୍କ 'ମନେ ପଡ଼ନ୍ତି ବିନୋଦ ସାର୍', ଡକ୍ଟର ମନୋରମା ବିଶ୍ୱାଳ ମହାପାତ୍ରଙ୍କ 'ସେ ସାଧାରଣ ଭିତରେ ଥିଲେ ଆସାଧାରଣ', ଡକ୍ଟର ଅଶ୍ୱିନୀ କୁମାର ରାୟଙ୍କ 'ମୋ ସ୍ମୃତିର ତନ୍ମୟ ତୀର୍ଥ: କବିପୌତ୍ର ବିନୋଦ ଚନ୍ଦ୍ର', ଗୁରୁ କଲ୍ୟାଣ ମହାପାତ୍ରଙ୍କ 'କବି ଗଙ୍ଗାଧରଙ୍କ ସୁପୌତ୍ର', ନରେନ୍ଦ୍ର କୁମାର ମିଶ୍ରଙ୍କ 'ସଂସ୍କୃତି ପ୍ରେମୀ ବିନୋଦ ଚନ୍ଦ୍ର', ଡ. ରବୀନ୍ଦ୍ର କୁମାର ଗଡ଼ତିଆଙ୍କ 'ସ୍ମୃତି ଅର୍ଘ୍ୟ', ଡକ୍ଟର ଶୁକମୁନି ମେହେରଙ୍କ 'କଳା ଓ ସଙ୍ଗୀତପ୍ରାଣ କବି ପୌତ୍ର ବିନୋଦ ଚନ୍ଦ୍ର' ଆଦି ପ୍ରବନ୍ଧରେ ବିନୋଦଚନ୍ଦ୍ରଙ୍କ ଜୀବନ, ବ୍ୟକ୍ତିତ୍ୱ, ସାହିତ୍ୟ ଓ କଳାଜଗତକୁ ଅବଦାନ ସଂପର୍କରେ ବର୍ଣ୍ଣନା କରାଯାଇଛି । କବି ପୌତ୍ର ବିନୋଦଚନ୍ଦ୍ରଙ୍କୁ ଜାଣିବା ପାଇଁ ଏହି ସ୍ମରଣିକାଟି ସହାୟକ ହେବ ନିଶ୍ଚୟ । ■

# ଖବର ପ୍ରକାଶ ପରେ ସଂଯୋଗ ଦେଲା ବିଦ୍ୟୁତ୍ ବିଭାଗ

ବୌଦ୍ଧ,୨୫।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ସଦର ମହକୁମାର ସୁଚିସ୍ମିତା ସାହୁଙ୍କ ଘରେ ଶେଷରେ ବିଦ୍ୟୁତ ସଂଯୋଗ ହୋଇଛି। ୪ ମାସ ପୂର୍ବେ ସେ ଆବେଦନ କରିଥିଲେ; ହେଲେ ବିଦ୍ୟୁତ ସଂଯୋଗ ହୋଇ ନ ଥିଲା। ଏ ନେଇ ସେ ଅନେକ ଥର ଜିଲ୍ଲାପାଳଙ୍କ ସମେତ ଅନେକ ଥର ବିଦ୍ୟୁତ ବିଭାଗ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ; ହେଲେ ସମାଧାନ ହୋଇ ପାରି ନ ଥିଲା।

- ୪ ମାସ ହେଲା ଆବେଦନ କରିଥିଲେ
- ଜଣେ ବ୍ୟକ୍ତି ୨୦ ହଜାର ଟଙ୍କା ଦାବି କରିଥିଲେ

୨୦ହଜାର ଟଙ୍କା ଦେଲେ ଖୁଣ୍ଟରୁ ବିଦ୍ୟୁତ୍ ସଂଯୋଗ ନେଇହେବ ବୋଲି ଗ୍ରାମର ନେପାଳ ରଣା ନାମକ ଜଣେ ବ୍ୟକ୍ତି ଧମକାଇଥିଲେ। ଏ ନେଇ ମହିଳା ଜଣକ କଣ୍ଟାମାଳଠାରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପାରେ ଜିଲ୍ଲାପାଳ ପୁଲିସ ସୁରକ୍ଷା ନେଇ ବିଦ୍ୟୁତ୍



'ସକାଳ' ପ୍ରଭାବ

ସଂଯୋଗ ଦେବାକୁ ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ; କିନ୍ତୁ ବିଦ୍ୟୁତ୍ ବିଭାଗ କର୍ମଚାରୀ ବିନା କୌଣସି ପୁଲିସ୍ ସୁରକ୍ଷାରେ ଯାଇ ବିଦ୍ୟୁତ୍ ସଂଯୋଗ ନଦେଇ ଫେରି ଯାଇଥିଲେ। ଏ ନେଇ 'ସକାଳ'ରେ ଖବର ପ୍ରକାଶ ପରେ ଖବରକୁ ବରଗଡ଼ ଜିଲ୍ଲାର ରମେଶ ମେହେର, ବିନୋଜ କନ୍ଧେର,ଅତାବିରାର ରିଙ୍କୁ ଜଗଦଲା, କେନ୍ଦୁଝର ଜିଲ୍ଲାର ବିକ୍ରମ କେଶରୀ ମହନ୍ତ, ବଲାଙ୍ଗୀର ଜିଲ୍ଲାର ସୁଶାନ୍ତ ପ୍ରଧାନ, ସୁବର୍ଣ୍ଣପୁର ଜିଲ୍ଲାର ସର୍ଜନ ପାଣ୍ଡେ, ବୌଦ୍ଧ ଜିଲ୍ଲା କଣ୍ଟାମାଳର ଆଜାଦ କଲତା, ଅନନ୍ତ ମିଶ୍ର ଓ ମନଧର କର୍ମୀ ପ୍ରମୁଖ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ମୁଖ୍ୟମନ୍ତ୍ରୀ ସହ ବିଦ୍ୟୁତ ବିଭାଗ ଅଧିକାରୀଙ୍କୁ ଅବଗତ କରିଥିଲେ। ଶେଷରେ ବିଦ୍ୟୁତ ବିଭାଗ ପକ୍ଷରୁ ଶୁଚିସ୍ମିତାଙ୍କ ଘରେ ବିଦ୍ୟୁତ ସଂଯୋଗ ଦିଆ ଯାଇଛି। ଦୀର୍ଘ ୪ ମାସ ପରେ ବିଦ୍ୟୁତ ସଂଯୋଗ ପାଇ ଶୁଚିସ୍ମିତା ଖୁସିବ୍ୟକ୍ତ କରିବା ସହ 'ସକାଳ'କୁ ଧନ୍ୟବାଦ ଜଣାଇଛନ୍ତି।

## କିଡ୍‌ନୀ ରୋଗରେ ଜଣେ ମୃତ

ବୀରମହାରାଜପୁର,୨୫।୪(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଆମରପାଲି ଗ୍ରାମରେ ଜଣେ ପୁଣି କିଡ୍‌ନୀ ରୋଗରେ ଆକ୍ରାନ୍ତ ହୋଇ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଆମରପାଲି ଗ୍ରାମର ବାବୁ ବଗର୍ତ୍ତି। ସେ ଦୀର୍ଘ ୧୫ବର୍ଷ ହେଲା କିଡ୍‌ନି ରୋଗରେ ଆକ୍ରାନ୍ତ ହୋଇ ବୀରମହାରାଜପୁର, ସୁବର୍ଣ୍ଣପୁର, ବୁର୍ଲା, ଭୁବନେଶ୍ୱରର ବିଭିନ୍ନ ଡାକ୍ତର ଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସା ପାଇଁ ଘରେ ଥିବା ସମସ୍ତ ସୁନା ରୂପା, କଂସା ବାସନ, ଗାଈଗୋରୁ ସବୁ ବିକି ଦେଇଥିଲେ। ଜଣେ ଭୂମିହୀନ ଏବଂ ଦିନମଜୁରିଆ ଥିଲେ। ଅବଶ୍ୟ ସରକାର ତାଙ୍କୁ ରହିବା ପାଇଁ ସିଲିଂ ଜମି ଖଣ୍ଡେ ଦେଇଥିଲେ। ସେହି ଜମିକୁ ମଧ୍ୟ ସେ ବନ୍ଧା ପକାଇ ଦେଇଥିଲେ।

## ଗାଁ ଛାଡୁ ନାହାନ୍ତି ହାତୀ ପଲ; ବନ ବିଭାଗ ନୟାନ୍ତ

ବୀରମହାରାଜପୁର,୨୫।୪(ସମିସ): ବୀରମହାରାଜପୁର ବନାଞ୍ଚଳରେ ଗତ ୪ଦିନ ହେବ ବିଭିନ୍ନ ସ୍ଥାନରେ ୧୫ଟି ହାତୀ ଉତ୍ପାତ ଚଳାଇଛନ୍ତି। ୪ଟି ଦନ୍ତା, ୫ଟି ମାଈ ହାତୀ ସହ ୬ ଶାବକ ଆଠମଲ୍ଲିକ ଅଞ୍ଚଳରୁ ପଶି ଆସିଛନ୍ତି। ବନ କର୍ମଚାରୀ ଘଉଡାଇବାକୁ ନୟାନ୍ତ ହେଲେଣି। ଶନିବାର ଦିନ ସାରା ଏମାନେ ବୀରମହାରାଜପୁର-ଚାରମାଲ ରାସ୍ତାର ମୃଶୁଣ୍ଡି ନିକଟସ୍ଥ ମୁଖ୍ୟ ରାସ୍ତାରେ ଥିବାରୁ ଲୋକଙ୍କ ଯିବା ଆସିବା ବନ୍ଦ ହୋଇ ଯାଇଥିଲା। ତେବେ ଏହି ହାତୀପଲ ଏକର ଏକର ଧାନ ଫସଲ ନଷ୍ଟ କରିବା ସହ ତରଭୁଜ ଓ ବିଭିନ୍ନ ପନିପରିବା, ଆଖୁ କଦଳୀ ଆଦି ଫସଲ ନଷ୍ଟ କରିଛନ୍ତି। ହାତୀ କିପରି ସୁରକ୍ଷିତ ଭାବେ ଜଙ୍ଗଲକୁ ଯିବେ ସେ ନେଇ ବନ ବିଭାଗ ଦୃଷ୍ଟି ରଖିଛି ବୋଲି ଏସିଏଫ ତଥା ଭାରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅବିନାଶ ବିରିହା କହିଛନ୍ତି। ସୁବଲୟା ବନପାଳ ନିରଞ୍ଜନ ପଧାନ, ହାତଲିମୁଣ୍ଡା ବନପାଳ ଶଙ୍କର ବାଗଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ହାତୀଙ୍କୁ ସୁରକ୍ଷିତ ରଖିବା ସହ ଜନସାଧାରଣ ମଧ୍ୟ ସୁରକ୍ଷିତ ରହିବା ଉପରେ ପ୍ରାଥମିକତା ଦେଉଛନ୍ତି।

## ସୋମନାଥପୁରରେ ଜଳିଗଲା ଛତୁଫାର୍ମ

ବୌଦ୍ଧ,୨୫।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବାମଣ୍ଡା ପଞ୍ଚାୟତ ସୋମନାଥପୁର ଅଗ୍ନିକାଣ୍ଡ ଘଟି ଜଣେ ଚାଷୀଙ୍କ ଛତୁ ଫାର୍ମ ଜଳି ଯାଇଛି। ଶନିବାର ଦ୍ୱିପ୍ରହରରେ କେହି ବିଲରେ ନିଆଁ ଲଗାଇ ଦେବାରୁ ତାହା ଆଶୁତୋଷ ମିଶ୍ରଙ୍କ ଛତୁ ଫାର୍ମକୁ ବ୍ୟାପିଥିଲା। ନିକଟରେ ଛତୁ ବେଡ୍ ନିର୍ମାଣ ପାଇଁ ରଖା ଯାଇଥିବା ନଡ଼ ଓ କିଛି ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଥିଲା। ତା ସହ ନିକଟରେ ଅମଳ ହୋଇ ରଖା ଯାଇଥିବା ହରଡ଼ ଓ ଗହମ ମଧ୍ୟ ପୋଡ଼ି ଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ସବୁ ଭସ୍ମୀଭୂତ ହୋଇ ସାରିଥିଲା।

## ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଲା କୁମ୍ଭୀର

ବୌଦ୍ଧ,୨୫।୪(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ପୁରୁଣାକଟକ ବନାଞ୍ଚଳ ଅଧୀନ ପାଣିଘରା ମହାନଦୀ ଘାଟରେ ମତ୍ସ୍ୟଜୀବୀଙ୍କ ଜାଲରେ ପଡ଼ିଥିବା ଏକ ଘଡିଆଳ କୁମ୍ଭୀରକୁ ବନ ବିଭାଗ ଉଦ୍ଧାର କରିଛି।



ଶୁକ୍ରବାର ରାତିରେ ପାଣିଘରା ନିକଟ ମହାନଦୀରେ ମତ୍ସ୍ୟଜୀବୀମାନେ ମାଛ ଧରୁଥିଲେ। ଏହି ସମୟରେ ଜାଲରେ କୁମ୍ଭୀରଟି ପଡ଼ିଥିଲା। ଏ ନେଇ ଜନୈକ ମତ୍ସ୍ୟଜୀବୀ ବନ ବିଭାଗକୁ ଖବର ଦେଇଥିଲେ। ଶନିବାର ସକାଳେ ପୁରୁଣାକଟକ ରେଞ୍ଜ ଅଧିକାରୀ ଜୟନ୍ତ ଦାଶ, ହରଭଙ୍ଗା ବନପାଳ ଦିଗାମ୍ବର ପ୍ରଧାନ ପ୍ରମୁଖ ପହଞ୍ଚି କୁମ୍ଭୀରକୁ ଉଦ୍ଧାର କରିଥିଲେ। କୁଶଙ୍ଗ ମହାନଦୀ ବନ୍ୟପ୍ରାଣୀ ଅଧୀନ ସୁନାଖଣିଆ ମହାନଦୀର ସାତକୋଶିଆ ପ୍ରାକୃତିକ ଗଣ୍ଡରେ ଏହାକୁ ଛଡ଼ାଯିବ।

## ଇନୋଭା ଗୁପ୍ତ ଚାମ୍ବରରୁ ମିଳିଲା ୬୦ କେଜି ଗଞ୍ଜେଇ

- ଗାଡ଼ି ଜବତ; ଅଭିଯୁକ୍ତ ଫେରାର

ତରଭା,୨୫।୪(ସମିସ): ତରଭା ପୁଲିସ ବସାଣକର-ଚାରଭଟା ରାସ୍ତାରେ ଏକ ଇନୋଭାରୁ ୬୦ କେଜି ୧୮ ୮ ଗ୍ରାମ ଗଞ୍ଜେଇ ଜବତ କରିଛି। ଏହା ସହ ଗାଡ଼ି ମଧ୍ୟ ଜବତ ହୋଇଛି। ପୁଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋଟିଏ ଧଳା ଇନୋଭା (ଓଡି୦୩ ସି ୧୧୩୭)କୁ ସନ୍ଦେହରେ ଅଟକାଇଥିଲା। ତେବେ ପୁଲିସକୁ ଦେଖି ଅତି ଚତୁରତାର ସହ ଗାଡି ଛାଡି ଡ୍ରାଇଭର ସେଠାରୁ ଖସି ପଳାଇଥିଲା। ମାଜିଷ୍ଟ୍ରେଟ୍ (ତରଭା ଅତିରିକ୍ତ ତହସିଲଦାର) ଦୀପ୍ତିମୟୀ ଭୋଇଙ୍କ ଉପସ୍ଥିତିରେ ଗାଡି ଯାଞ୍ଚ କରାଯାଇଥିଲା। ଗାଡିର ବିଭିନ୍ନ ଗୁପ୍ତ ଚାମ୍ବରରେ ଗଞ୍ଜେଇ ରଖାଯାଇ ଚାଲାଣ କରାଯାଉଥିବା ଦେଖିବାକୁ ମିଳିଥିଲେ। ଏହା ପୁଲିସକୁ ଆଶ୍ଚର୍ଯ୍ୟ କରିଥିଲା। ଏଏସ୍‌ଆଇ ପ୍ରେମରାଜ ସାହୁ, ଏଏସ୍‌ଆଇ ବିଭୁଦେନ୍ଦ୍ର ବରାଳ, କନେଷ୍ଟବଳ ଧ୍ରୁବେନ୍ଦ୍ରନାଥ ବେହେରା, ଗ୍ରାମରକ୍ଷୀ ସତ୍ୟବାନ ପୋଢ ଓ କୃତିବାସ ଷାଣ୍ଢ ପ୍ରମୁଖ ଏହି ଚଢଉରେ ସାମିଲ ଥିଲେ ବୋଲି ଆଇଆଇସି ଅନିତା କିଡ଼ୋ ସୂଚନା ଦେଇଛନ୍ତି।

## ବୌଦ୍ଧରେ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ବୌଦ୍ଧ,୨୫।୪(ସମିସ): ବୌଦ୍ଧ ମାରୱାଡି ଧର୍ମଶାଳାରେ ଜିଲ୍ଲାସ୍ତରୀୟ ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ପାଳିତ ହୋଇଛି। ଏହି ଅବସରରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସନା, ହରଭଙ୍ଗା ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ ପ୍ରଧାନ ଓ ତହସିଲଦାର ବଳଦେବ ବେହେରା ମଞ୍ଚାସୀନ ଥିଲେ। ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା ରାମା ରାଓ ପାଲୋ ସଭାପତିତ୍ୱ କରିଥିଲେ। ବୌଦ୍ଧ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟ ଉପ ନିର୍ଦ୍ଦେଶକ ଡା ଶୁଭେନ୍ଦୁ ଶେଖର ସାହୁ ପରିଚାଳନା କରିଥିବାବେଳେ ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡା ଅଭିମନ୍ୟୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଉପସ୍ଥିତ ଥିବା ବିଭିନ୍ନ ଚାଷୀ ନିଜ ନିଜର ସମସ୍ୟା ଉପରେ ଉପସ୍ଥାପନା କରିଥିଲେ। ମାହେଶ୍ୱରୀ ଗୋଶାଳା ଅଧ୍ୟକ୍ଷ ନିର୍ଗୁଣ ମହାକୁଡ଼ ନିଜ ଗୋଶାଳାରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଜିଲ୍ଲାରେ ଯେତିକି ସଂଖ୍ୟକ ଚିକିତ୍ସକ ଓ କର୍ମଚାରୀ ରହିବା କଥା ସେତିକି ସଂଖ୍ୟକ ନ ଥିବାରୁ ଆଶାନୁରୂପ ଭାବେ ପ୍ରାଣୀ ସେବା ହୋଇପାରୁ ନ ଥିବା ଉପସ୍ଥିତ ଚାଷୀ ପ୍ରକାଶ କରିଥିଲେ। ରାଜ୍ୟ ସରକାରଙ୍କ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ତୁରନ୍ତ ପଦକ୍ଷେପ ନିଆଯିବା ପାଇଁ ଚାଷୀମାନେ ଅନୁରୋଧ କରିଥିଲେ।

## ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

ବୌଦ୍ଧ,୨୫।୪(ସମିସ): ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବ ବ୍ୟାପାର ବିଭାଗ ଆନୁକୂଲ୍ୟରେ ବୌଦ୍ଧ ଜିଲ୍ଲାରେ ଗତ ଅପ୍ରେଲ ୧୦ ତାରିଖରୁ ଆରମ୍ଭ ହୋଇଥିବା ସିଏମ୍ ଟ୍ରଫି କ୍ରୀଡା ମହୋତ୍ସବ ସଂପନ୍ନ ହୋଇଛି। କବାଡି ପ୍ରତିଯୋଗିତା ବାଳକ ବର୍ଗରେ ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ହୋଇଥିବାବେଳେ ହରଭଙ୍ଗା ବ୍ଲକ ରନର୍ସଅପ୍ ହୋଇଛି। ବାଳିକା ବର୍ଗରେ ହରଭଙ୍ଗା ବ୍ଲକ ଚାମ୍ପିଅନ ହୋଇଥିବାବେଳେ କଣ୍ଟାମାଳ ବ୍ଲକ୍ ରନର୍ସଅପ ହୋଇଥିଲା। ଭଲିବଲ (ବାଳକ ବର୍ଗ)ରେ ମଣିପୁର ଆଦର୍ଶ ବିଦ୍ୟାଳୟ ଚାମ୍ପିଅନ ହୋଇଥିବାବେଳେ ରାମଗଡ଼ ହାଇସ୍କୁଲ ରନର୍ସଅପ ହୋଇଛି। ବାଳିକା ବର୍ଗରେ ବଡ଼ବନ୍ଧ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଚାମ୍ପିଅନ ହୋଇଥିବାବେଳେ ହରଭଙ୍ଗା ବ୍ଲକ୍ ରନର୍ସଅପ ହୋଇଥିଲା। ଖୋଖୋ ବାଳକ ବର୍ଗରେ ଲୋକାପଡା ସରକାରୀ ଅପର ପ୍ରାଇମେରୀ ସ୍କୁଲ ଚାମ୍ପିଅନ ହୋଇଥିବାବେଳେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରନର୍ସଅପ ହୋଇଛି। ବାଳିକା ବିଭାଗରେ ହରଭଙ୍ଗା ବ୍ଲକ୍ ଚମ୍ପିୟାନ ହୋଇଥିବାବେଳେ କଣ୍ଟାମାଳ ଦଳ ରନର୍ସଅପ ହୋଇଥିଲେ। ଫୁଟବଲ ବାଳକ ବର୍ଗରେ ମନୁପାଲି ଭିଏସଏସ ଚାମ୍ପିଅନି ହୋଇଥିବାବେଳେ ହରଭଙ୍ଗା ବ୍ଲକ୍ ରନର୍ସଅପ ହୋଇଛି। ବାଳିକା ବିଭାଗରେ ବଡ଼ବନ୍ଧ ସିଜିଏଚଏସ ଚାମ୍ପିଅନ ହୋଇଛି। ହରଭଙ୍ଗା ବ୍ଲକ୍ ରନର୍ସଅପ ହୋଇଛି। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା କ୍ରୀଡା ଅଧିକାରୀ ଜ୍ୟୋତିରଞ୍ଜନ ଭୁଏ, ବରିଷ୍ଠ କ୍ରୀଡ଼ାବିତ ଶ୍ୟାମସୁନ୍ଦର ମହାପାତ୍ର, ଦିବ୍ୟରଞ୍ଜନ ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ।




## ବୌଦ୍ଧରେ ମହିଳା ସମାବେଶ

ବୌଦ୍ଧ,୨୫।୪(ସମିସ): ବୌଦ୍ଧ ଜିଲ୍ଲା ଭାରତୀୟ ଜନତା ପାର୍ଟି ପକ୍ଷରୁ ଏକ ମହିଳା ସମାବେଶ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ''ନାରୀ ଶକ୍ତି ବନ୍ଦନ ଅଧିନିୟମ'କୁ ନେଇ ସଚେତନତା ସୃଷ୍ଟି କରିବା ମୁଦ୍ଦାକୁ ନେଇ ଆଜି ଜିଲ୍ଲା ମୁଖ୍ୟାଳୟରେ ମହିଳାମାନଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ସକାଳୁ ଜିଲ୍ଲାର କୋଣ ଅନୁକୋଣରୁ ହଜାର ହଜାର ମହିଳା କର୍ମୀ ଓ ସାଧାରଣ ଜନତା ସହରରେ ଉପସ୍ଥିତ ଥିଲେ। ହାତରେ କଳା ପତାକା ଏବଂ ନାରୀ ସଶକ୍ତିକରଣର ପ୍ଲାକାର୍ଡ ଧରି ମହିଳାମାନେ ଏକ ବିଶାଳ ପଦଯାତ୍ରାରେ ବାହାରିଥିଲେ। ବୌଦ୍ଧ ସହରର ଜଗନ୍ନାଥ ମନ୍ଦିରଠାରୁ ବାହାରି ମୁଖ୍ୟ ରାସ୍ତା ଦେଇ ଭୈରବି ଛକ ଏବଂ ଗାନ୍ଧୀଛକ ଦେଇ ଏହି ପଦଯାତ୍ରା ଯାଇଥିଲା। ଟାଉନ ହଲଠାରେ ପହଞ୍ଚିବା ପରେ ସେଠାରେ ବିଶାଳ ସମାବେଶ ହୋଇଥିଲା। ବୌଦ୍ଧ ବିଧାୟକ ସରୋଜ ପ୍ରଧାନ, ଜିଲ୍ଲା ସଭାପତି ପ୍ରେମାନନ୍ଦ ମିଶ୍ର, ଜୟନ୍ତୀ ପଢିଆରି, ସଂଯୁକ୍ତା ନାଏକ, ମିନାରାଣି ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। କଣ୍ଟାମାଳ ଜିଲ୍ଲା ପରିଷଦ ସଦସ୍ୟା ପଦ୍ମାଳୟା ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ। ମିନାରାଣି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରତ୍ନ ଭଣ୍ଡାରରୁ ଅଳଙ୍କାର ଚୋରିର ତଦନ୍ତ ଦାବି

ବୌଦ୍ଧ,୨୫।୪(ସମିସ): ବୌଦ୍ଧ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ପୁରୀ ଜଗନ୍ନାଥଙ୍କ ରତ୍ନ ଭଣ୍ଡାରରୁ ୩ଟି ଅଳଙ୍କାର ଚୋରିକୁ ନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ପୁରୀ ଜଗନ୍ନାଥଙ୍କ ମନ୍ଦିରର ରତ୍ନ ଭଣ୍ଡାର ଗଣତି ମଣତି ଚାଲିଥିବା ବେଳେ ୩ଟି ରତ୍ନ ଅଳଙ୍କାର ନିଖୋଜ ବା ଚୋରି ହୋଇଥିବା ନେଇ ନ୍ୟାୟମୂର୍ତ୍ତି ବିଶ୍ୱନାଥ ରଥ ବିଭିନ୍ନ ଗଣ ମାଧ୍ୟମରେ ବିବୃତ୍ତି ଦେବାପରେ କୋଟି କୋଟି ଓଡ଼ିଆ ଓ ଜଗନ୍ନାଥ ପ୍ରେମୀଙ୍କ ଧାର୍ମିକ ଭାବନାରେ ଆଘାତ ପହଞ୍ଚିଛି। ଏ ସମ୍ପର୍କରେ ଶ୍ରୀ ମନ୍ଦିର ପ୍ରଶାସନ ଦୋଷୀକୁ ଘଣ୍ଟ ଘୋଡ଼ାଇବାକୁ ଯାଇ ହାଇକୋର୍ଟ ଓ ସୁପ୍ରିମକୋର୍ଟରେ ରତ୍ନ ଭଣ୍ଡାର ସୁରକ୍ଷିତ ଅଛି ବୋଲି ମିଥ୍ୟା ସତ୍ୟପାଠ ଦାଖଲ କରିଥିବା କଂଗ୍ରେସ ଅଭିଯୋଗ କରିଛି। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲା କଂଗ୍ରେସ କମିଟି ସଭାପତି ଅବଦୁଲ କଲିମ୍ ଖାଁ ଅନୁରୋଧ କରିଛନ୍ତି। ଦେବରାଜ ପଟ୍ଟନାୟକ, ତପନ ରାଉତରାୟ, ସନ୍ଧ୍ୟାରାଣୀ ସିଂ, ପ୍ରଦୀପ ମହାନନ୍ଦ, ମହେଶ୍ୱର ପ୍ରଧାନ, ପ୍ରିୟଦତ୍ତ ଦେହୁରୀ, ପ୍ରତ୍ୟୁଷ ମହାନନ୍ଦ, ଜେନି ମହାପାତ୍ର, ପ୍ରଭାତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ଅଇଁଲାଚୁଆଁ ଆଦର୍ଶ ବିଦ୍ୟାଳୟରେ ହାକାଥନ କାର୍ଯ୍ୟକ୍ରମ

କଣ୍ଟାମାଳ,୨୫।୪(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅଇଁଲାଚୂଆଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପକ୍ଷରୁ ହାକାଥନ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଉପ ଜିଲ୍ଲାପାଳ ବିନୟ ଭୋଇ, ନିରଞ୍ଜନ ବଘାର, ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଚୁଡ଼ାମଣି ବାରିକ, କଣ୍ଟାମାଳ ବ୍ଲକ ଶିକ୍ଷା ଅଧିକାରୀ ଅଶୋଭା ରଞ୍ଜନ ମାଳି, ହରଭଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ହାଡ଼ିବନ୍ଧୁ ବେହେରା, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଅଧ୍ୟକ୍ଷ ଶାନ୍ତନୁ ଦାଶ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଜୟନ୍ତ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ୨୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଶାକ୍ୟସିଂହ ମହାପାତ୍ର ଏବଂ ବିନିକା ସିଦ୍ଧାର୍ଥ ମହାବିଦ୍ୟାଳୟର ରସାୟନ ବିଜ୍ଞାନ ଅଧ୍ୟାପକ ମନୀଶ ଆଚାର୍ଯ୍ୟ ବିଚାରକ ଭାବେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ସ୍ୱାଗତିକା ପାଣିଗ୍ରାହୀ ସଭା ପରିଚାଳନା କରିଥିବାବେଳେ ଶିକ୍ଷକ ଅଶ୍ରୁମୋଚନ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ଏଲଇଡି ଡିସ୍‌ପ୍ଲେ ଉଦ୍‌ଘାଟିତ

ବୀରମହାରାଜପୁର,୨୫।୪(ସମିସ): ବୀରମହାରାଜପୁରରେ ଏକ ଏଲଇଡି ଡିସପ୍ଲେ ଉଦ୍‌ଘାଟିତ ହୋଇଛି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାଗୁଡିକ ଏହା ମାଧ୍ୟମରେ ଜନସାଧାରଣଙ୍କୁ ଅବଗତ କରାଯିବ। ବିଧାୟକ ଉନ୍ନୟନ ପାଣ୍ଠିରୁ ଉଧକଦ ୨୦ ଲକ୍ଷ ଟଙ୍କା ଏଥି ପାଇଁ ଖର୍ଚ୍ଚ ହୋଇଛି। ଏହା ନିର୍ମିତ ହୋଇଛି। ବିଧାୟକ ରଘୁନାଥ ଜଗଦଲା ଏହାକୁ ଉଦ୍‌ଘାଟନ କରିଛନ୍ତି। ଜିଲ୍ଲା ସଭାପତି ବେଣୁଧର ଦାସ, ନଳିନି ପଣ୍ଡା, ସତ୍ୟ ମିଶ୍ର, ବିପିନ ପଣ୍ଡା, ରମେଶ ପଣ୍ଡା, ସୁମନ୍ତ ଜାଗଦଳା ପ୍ରମୁଖ ଉପସ୍ଥିତ ଥିଲେ।

## ଟୁନିମୁଣ୍ଡା ଗ୍ରାମବାସୀ ପାଣି ପାଇଁ ହଲବିକଳ

ଶଗଡା,୨୫।୪(ସମିସ): ଗ୍ରୀଷ୍ମ ପ୍ରବାହରେ ଚାରି ଆଡେ ଲୋକେ ହାହାକାର ହେଉଥିବା ବେଳେ କଣ୍ଟାମାଳ ବ୍ଲକ୍‌ରେ ଦେଖା ଦେଲାଣି ପାନୀୟ ଜଳ ସମସ୍ୟା। ଏଣୁ ନଳକୂପ ଥାଇ ବି ଲୋକେ ପାଣି ନ ପାଇ ଶୋଷିଲା ରହୁଥିବା ଅଭିଯୋଗ ଆସିଛି। ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି କଣ୍ଟାମାଳ ବ୍ଲକ୍ ଖଟଖଟିଆ ଗ୍ରାମ ପଞ୍ଚାୟତ ଟୁନିମୁଣ୍ଡା ଗ୍ରାମରେ। ଗ୍ରାମବାସୀ କହିବା ଅନୁସାରେ ଟୁନିମୁଣ୍ଡା ଗ୍ରାମରେ ୫୦ ପରିବାରର ପ୍ରାୟ ୧୦୦ ଜଣ ଲୋକ ବସବାସ କରନ୍ତି। ଏହି ଗ୍ରାମରେ ଜନସଂଖ୍ୟା ଦୃଷ୍ଟିରୁ ସମୁଦାୟ ଦୁଇଟି ନଳକୂପ ରହିଛି; କିନ୍ତୁ ଗ୍ରାମବାସୀଙ୍କୁ ଗୋଟିଏ ନଳକୂପ ଉପରେ ନିର୍ଭର କରିବାକୁ ପଡୁଛି; ଯାହାକି ଗ୍ରାମ ନିକଟରେ ଥିବା ଅଚଳ ନଳକୂପଟି



୫ ଦିନରୁ ଉିନର ହେବ ଗ୍ରାମବାସୀଙ୍କ ଶୋଷ ମେଣ୍ଟାଇବା ପାଇଁ ନିଅଣ୍ଟ। ଅଚଳ ନଳକୂପକୁ ମରାମତି କରିବାକୁ ଗ୍ରାମବାସୀ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର କୌଣସି ସମାଧାନ ହୋଇ ନ ଥିବା ଅଭିଯୋଗ ହୋଇଛି। ଏଣୁ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁଁ ପାଞ୍ଚ ଦିନରୁ ଅଧିକ ହେବ ନଳକୂପ ମରାମତି ହୋଇ ପାରି ନ ଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ତେବେ ଗ୍ରୀଷ୍ମର ପ୍ରଚଣ୍ଡ ଖରାରେ ଲୋକଙ୍କୁ ପାଣି ପାଇଁ ଦହଗଞ୍ଜ ହେବାକୁ ପଡୁଛି। ତେଣୁ ପାନୀୟ ଜଳ ବିଭାଗ ଏ ଦିଗରେ ଦୃଷ୍ଟି ଦେଇ ଅଚଳ ନଳକୂପଟିକୁ ମରାମତି ନ କଲେ ଆଗକୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଗ୍ରାମବାସୀ କଡା ଚେତାବନୀ ଦେଇଛନ୍ତି।

## ଶିକ୍ଷାବିତ୍ ପ୍ରସନ୍ନ ଛୋଟରାୟଙ୍କୁ ମନେ ପକାଇଲେ ପୁରାତନ ଛାତ୍ର

ତରଭା,୨୫।୪(ସମିସ): ସୋନପୁର କଲେଜର ଅର୍ଥନୀତି ବିଭାଗ ଅଧ୍ୟାପକ ତଥା ପୂର୍ବତନ ଅଧ୍ୟକ୍ଷ ପ୍ରସନ୍ନ ଛୋଟରାୟ(୮୪)ଙ୍କ ୨୦ ତାରିଖ ବିୟୋଗ ଘଟିଛି। ବ୍ରହ୍ମପୁରସ୍ଥିତ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ସ୍ଥାନୀୟ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା। ଏକ ମାତ୍ର ପୁଅ ବିବେକାନନ୍ଦ (ବାପି) ମୁଖାଗ୍ନି ଦେଇଥିଲେ। ତେବେ ସାନପୁର କଲେଜ ପୁରାତନ ଛାତ୍ରସଂଘ ପକ୍ଷରୁ ସୋନପୁର ପଞ୍ଚରଥ ମନ୍ଦିର ପ୍ରାଙ୍ଗଣରେ ତାଙ୍କ ବିୟୋଗରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଡ ପ୍ରଫୁଲ୍ଲ ରଥ ଓ ଭାରତ ଭୂଷଣ ଦାଶଙ୍କ ସମେତ ଅନେକ ପୁରାତନ ଛାତ୍ର ଯୋଗଦେଇ ତାଙ୍କ ସ୍ମୃତି ଚାରଣ କରିଥିଲେ। ସମସ୍ତେ ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଅବତାରଣା କରିବା ସହ ତାଙ୍କ କର୍ତ୍ତବ୍ୟ ନିଷ୍ଠା, ଛାତ୍ର ବତ୍ସଳତାର ପ୍ରଶଂସା କରିଥିଲେ। ଏଭଳି ଶିକ୍ଷକ ଖୁବ୍ କମ୍ ଦେଖା ଯାଆନ୍ତି ବୋଲି କହିଥିଲେ। ତାଙ୍କ ପାଖେ ଅଧ୍ୟୟନ କରିଥିବା ଜଣେ ମଧ୍ୟ ଛାତ୍ର ତାଙ୍କୁ ଭୁଲି ପାରିବନି ବୋଲି କହିଥିଲେ। ସେ ୧୯୬୪ ମସିହାରେ ସୋନପୁର କଲେଜରେ ଅଧ୍ୟାପକ ଭାବରେ ଯୋଗ ଦେଇଥିଲେ। ୧୯୯୦ ମସିହା ଯାଏ ନିଷ୍ଠା ଓ ଶୃଙ୍ଖଳାର ସହ କାର୍ଯ୍ୟଭାର ତୁଲାଇ ଆସିଥିଲେ।



# ପଞ୍ଚାୟତିରାଜ ବ୍ୟବସ୍ଥା ଗଣତନ୍ତ୍ରର ମୂଳଦୁଆ




ତରଭା,୨୫।୪(ସମିସ): ତରଭା ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଜାତୀୟ ପଞ୍ଚାୟତିରାଜ ଦିବସ ମହା ଆଡମ୍ବର ସହ ପାଳିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶିବାନନ୍ଦ କର୍ମୀଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ତରଭା ବ୍ଲକ୍ ଅଧ୍ୟକ୍ଷ ସରୋଜ କମ୍ପ, ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ବିମଳ ଚନ୍ଦ୍ର ମିଶ୍ର, ବିଧାୟକଙ୍କ ପ୍ରତିନିଧି ଦଶରଥ ସାହୁ ଯୋଗ ଦେଇଥିଲେ। ବିଡ଼ିଓ ଶିବାନନ୍ଦ କର୍ମୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ ପଞ୍ଚାୟତିରାଜ ବ୍ୟବସ୍ଥା ଗଣତନ୍ତ୍ରର ମୂଳଦୁଆ ବୋଲି ଆଲୋକପାତ କରିଥିଲେ।

ଏହି ଅବସରରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା। ସରଗଜ ଗ୍ରାମର ପ୍ରଶାନ୍ତ ମିଶ୍ର ଓ ଜ୍ୟୋତ୍ସ୍ନାରାଣୀ ତ୍ରିପାଠୀଙ୍କ ସୁପୁତ୍ର କୁମାର ଅଭିନବ ମିଶ୍ର ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ୫୦୦ରୁ ୪୯୮ ମାର୍କ ରଖି ସୁବର୍ଣ୍ଣପୁର ଜିଲ୍ଲା ପାଇଁ ଗୌରବ ଆଣିଥିବାରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ୨୦୨୫-୨୬ ଶିକ୍ଷାବର୍ଷରେ ଦଶମ ଶ୍ରେଣୀ ସିବିଏସଇ ବୋର୍ଡ ପରୀକ୍ଷାରେ ୯୦ ପ୍ରତିଶତ ଏବଂ ଅଧିକ ନମ୍ବର ରଖିଥିବା ପିଏମ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟର ୧୭ ଜଣ ଓ ଓଡିଶା ଆଦର୍ଶ ବିଦ୍ୟାଳୟ ତରଭାର ୮ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଅନ୍ତୋଦୟ ଗୃହ ଯୋଜନାରେ ତରଭା ବ୍ଲକର ୧୨୪ ଜଣ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ସହିତ ପ୍ରଥମ କିସ୍ତିର ଅର୍ଥ ରାଶି ବିତରଣ କରାଯାଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଆବାସ ଗୃହ ନିର୍ମାଣ କରିଥିବାରୁ ୩୬ଜଣ ହିତାଧିକାରୀଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ବ୍ଲକର ୫ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୋଟ ୫୧ଲକ୍ଷ ଟଙ୍କା ଋଣ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ଉନ୍ନୟନ ଅଧିକାରୀ ବିବେକ ସାହୁ, ଅଭିଭାବକ, ଶିକ୍ଷକ, ସିଆରପି, ଏମବିକେ, ଏସଏଚଜି ମହିଳା ଓ ବ୍ଲକ୍ ସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କର୍ଣ୍ଣ ସଂଯୋଜନା କରିଥିଲେ।



କଣ୍ଟାମାଳ: ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ହାଇସ୍କୁଲ ପଡିଆଠାରେ ବ୍ଲକସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ଜିଲ୍ଲା ପରିଷଦ ସଭ୍ୟା ପଦ୍ମାଳୟା ପ୍ରଧାନ, ତହସିଲଦାର ଶ୍ୱେତପଦ୍ମା ଯୋଶୀ, ସିଡିପିଓ ପଙ୍କଜିନୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅନ୍ତ୍ୟୋଦୟ ଗୃହ ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଏବଂ ଅନ୍ୟାନ୍ୟ ଯୋଜନାର କାର୍ଯ୍ୟାଦେଶ ଓ ବିଭିନ୍ନ ପ୍ରୋତ୍ସାହନ ରାଶି ବଣ୍ଟନ କରାଯାଇଥିଲା। ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କୁ ଗୋଷ୍ଠୀ ନିବେଶ ରାଶି ଓ ବ୍ୟକ୍ତିଗତ ପାଇଖାନା ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ପୂର୍ଣ୍ଣଚନ୍ଦ୍ର ଖଟୁଆ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଜୟଦେବ ପ୍ରଧାନ, ଜ୍ଞାନରଞ୍ଜନ ମିଶ୍ର, ଭୁଲେଶ୍ୱର ନାଗ, ଗୋକୁଳ ଭୋଇ, ପୁରନ୍ଦର ଠେଲା, ରିଲିପ ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ ପ୍ରାଣୀ ଚିକିତ୍ସା ଦିବସ



**ପଦ୍ମପୁର, ୨୫। ୪(ସମିସ):** ପଦ୍ମପୁର ସିଦ୍ଧିବିନାୟକ କଲ୍ୟାଣମଣ୍ଡପରେ ପ୍ରାଣୀ ଚିକିତ୍ସା ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପଦ୍ମପୁର ଉପଖଣ୍ଡିୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡ.ଆଚାର୍ଯ୍ୟ ଚନ୍ଦ୍ରକାନ୍ତ ପାଟଯୋଶୀ, ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ନିଗମାନନ୍ଦ ପାଢ଼ୀ, ଅତିରିକ୍ତ ଜିଲ୍ଲା ପ୍ରାଣୀ ଚିକିତ୍ସା ଅଧିକାରୀ ଡ. ବିରୁପାକ୍ଷ ନାୟକ ଯୋଗଦେଇଥିଲେ। ସଭାକୁ ବରଗଡ଼ର ପ୍ରାଣୀ ଚିକିତ୍ସା ଅଧିକାରୀ ଡାକ୍ତର ମିଲି ପାଣ୍ଡେ ପରିଚାଳନା କରିଥିଲେ। ସଭାରେ ଝାରବନ୍ଧ ର ଭ୍ରାମ୍ୟମାଣ ଚିକିତ୍ସା ଅଧିକାରୀ ଡାକ୍ତର ଆକାଶ ମହାପାତ୍ର, ଗାଇସିଲେଟ ବ୍ଲକର ଅତିରିକ୍ତ ପ୍ରାଣୀ ଚିକିତ୍ସାକ ଡାକ୍ତର ରାନୁ ଦାଶ ପ୍ରମୁଖ ଉତ୍ତମ ପ୍ରାଣୀଜ ଖାଦ୍ୟ ସୁରକ୍ଷା ଓ ନିରପତ୍ତା ସମ୍ପର୍କରେ ଗୋପାଳକଙ୍କୁ ବୁଝାଇଥିଲେ। ସଭାରେ ବୈଜ୍ଞାନିକ ଓ ଚାଷୀ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲାର ସମସ୍ତ ପ୍ରାଣୀ ଚିକିତ୍ସକ ଉପସ୍ଥିତ ଥିଲେ।ଶେଷରେ ଝାରବନ୍ଧର ଗୋଷ୍ଠୀ ପ୍ରାଣୀ ଚିକିତ୍ସା ଅଧୀକାରୀ ଡାକ୍ତର ସମୀର ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକଙ୍କୁ ସାକ୍ଷାତକାର ଅଭିଯାନ



**ବରଗଡ଼, ୨୫। ୪(ସମିସ):** ସମାଜରେ ବରିଷ୍ଠ ନାଗରିକମାନଙ୍କ ଅବଦାନ ଅମୂଲ୍ୟ। ସେମାନଙ୍କ ଅନୁଭବ ଆମ ପାଇଁ ପଥପ୍ରଦର୍ଶକ ସମାନ। ଏହି ଉଦ୍ଦେଶ୍ୟକୁ ନଜରରେ ରଖି ଆଜି ବରଗଡ଼ ଅଞ୍ଚଳରେ ବରିଷ୍ଠ ନାଗରିକ ସାକ୍ଷାତକାର ଅଭିଯାନ ଅନୁଷ୍ଠିତ ହୋଇଥିଲା। ଏହି ଅଭିଯାନ ମାଧ୍ୟମରେ ବରିଷ୍ଠ ନାଗରିକମାନଙ୍କ ସହ ସାକ୍ଷାତ କରି ସେମାନଙ୍କ ସ୍ୱାସ୍ଥ୍ୟ, ଜୀବନ ପରିସ୍ଥିତି ଓ ମନୋଭାବ ବିଷୟରେ ଜାଣିବାକୁ ଏକ ସ୍ୱେଚ୍ଛାସେବୀ ଦଳ ପ୍ରୟାସ କରିଥିଲା। ଏହି ଅଭିଯାନର ଅଂଶ ଭାବେ ସଦସ୍ୟମାନେ ପ୍ରଥମେ ଚକ୍ଷୁ ରୋଗ ବିଶେଷଜ୍ଞ ଡାକ୍ତର ସୁବଳ କିଶୋର କରଙ୍କ ସହିତ ସାକ୍ଷାତ କରିଥିଲେ। ସେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରେ ଚକ୍ଷୁ ସମସ୍ୟା ଓ ତାହାର ସମାଧାନ ସମ୍ବନ୍ଧରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ବୟସ୍କ ଲୋକମାନଙ୍କ ନିୟମିତ ଚକ୍ଷୁ ପରୀକ୍ଷା କରାଇବାର ଆବଶ୍ୟକତା ଉପରେ ସେ ଜୋର ଦେଇଥିଲେ। ସରଳ ଜୀବନଶୈଳୀ ଓ ସୁସ୍ଥ ଖାଦ୍ୟ ଖାଇବାକୁ ପରାମର୍ଶ ଦେଇଥିଲେ। ତାପରେ ଦଳ ଗଙ୍ଗାଧର ନଗରର ବାସିନ୍ଦା କୃଷ୍ଣଚନ୍ଦ୍ର ଦାଶଙ୍କ ଘରକୁ ଯାଇଥିଲେ। ସଭାପତି କେଦାର ମିଶ୍ରଙ୍କ ନେତୃତ୍ୱରେ ଉପସଭାପତି ନିର୍ମଳ କିଶୋର କର, ସମ୍ପାଦକ ଗୋବିନ୍ଦ ଦାଶ, ଦେବୀ ପଟ୍ଟନାୟକ ଓ ସମାଜସେବୀ ତଥା ସାମ୍ବାଦିକ ତୁଳସୀ ଚରଣ ଦାଶ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।

## ବୈଶାଖମେଳା ପାଇଁ ନୃସିଂହନାଥ ପୀଠ ଚଳଚଞ୍ଚଳ

# ଆଜିଠାରୁ ମେଳା ଆରମ୍ଭ

**ପାଇକମାଲ, ୨୫।୪(ସମିସ)**

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ତୀର୍ଥକ୍ଷେତ୍ର ନୃସିଂହନାଥ ପୀଠରେ ବୈଶାଖ ମେଳା ପାଇଁ ଚୂଡାନ୍ତ ପ୍ରସ୍ତୁତି ଶେଷ ରବିବାର ସନ୍ଧ୍ୟାରେ ନୃସିଂହନାଥ ବୈଶାଖମେଳା ଅରମ୍ଭ ସହ କଳସ ଅଧିବେସନ କରାଯିବ।ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞର ଆରମ୍ଭ କରାଯିବ। ଶନିବାର ଏଣ୍ଡ୍ରିମ ଟ୍ରଷ୍ଟି ଦେବାଶିଷ ସିହ୍ନାଙ୍କ ସହ ମନ୍ଦିର କାର୍ଯ୍ୟନିର୍ବାହି ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ଓ ମେଳା କମିଟିର ସଦସ୍ୟମାନେ ମେଳା ପରିସର ବୁଲି ଦେଖିବା ସହ ବାଇପାସ ରୋଡ୍, ପାର୍କିଂପ୍ଲେସ, ଉଠା ଦୋକାନ ସ୍ଥାନ ବୁଲି ଦେଖିଥିଲେ। ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ତଥା ବୈଶାଖ ମେଳା ପାଇଁ ନୃସିଂହନାଥ ପୀଠ ଚଳଚଞ୍ଚଳ ହୋଇ ପଡ଼ିଛି। ଚଳିତ ବର୍ଷ ଆୟୁର୍ବେଦ ମହାବିଦ୍ୟାଳୟରୁ ନୃସିଂହନାଥ ପର୍ଯ୍ୟନ୍ତ ପ୍ରବଳ ଭିଡକୁ ନଜର ରଖି ରାସ୍ତାର ପାର୍ଶ୍ୱରେ ଲାଗି ଦୋକାନ ନବସାଇ ଟିକିଏ ରାସ୍ତା ଛାଡି ବସାଯାଇଛି।



ମେଳା ପରିସରରେ ଦୋକାନ ବଜାର ଦୋଳି ସର୍କସ ଆଦି ବସି ସାରିଲାଣି। ପ୍ରଶାସନ ତଥା ମନ୍ଦିର ପରିଚାଳନା କମିଟି ତରଫରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଚାଳଧାରରେ ବାଉଁଶରେ ତିଆରି ସ୍ୱତନ୍ତ୍ର ଅସ୍ଥାୟୀ ରାସ୍ତା ନିର୍ମାଣ କାମ ଶେଷ ହୋଇଛି। ମନ୍ଦିର ପରିସରରେ ଯଜ୍ଞ ମଣ୍ଡପ କାର୍ଯ୍ୟ ଶେଷ ହୋଇଯାଇଛି। ୨୬ ତାରିଖ (ରବିବାର) ଠାରୁ ମେ'୧ ତାରିଖ ପର୍ଯ୍ୟନ୍ତ ନୃସିଂହନାଥ ପୀଠରେ ବୈଶାଖ ମେଳା ଅନୁଷ୍ଠିତ ହେବ। ପ୍ରଥମ ଦିନ ରବିବାର କଳସ ଯାତ୍ରା ପାଇଁ ଅପରାହ୍ନ ୪ଟାରେ ପୂଜା ପାଠ ଅନୁଷ୍ଠିତ ହେବ।୨୭ ତାରିଖ ସକାଳୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ଓ ବୀଜମନ୍ତ୍ର ଜପ କରାଯିବ। ୩୦ ତାରିଖରେ ନୃସିଂହନାଥ ମହାପ୍ରଭୁ ମାର୍ଜାର କେଶରୀଙ୍କ ଜନ୍ମଉତ୍ସବ ପାଳନ କାର୍ଯ୍ୟକ୍ରମ ରହିଛି।କନ୍ଦ ସମାଜ ଦ୍ୱାରା ନୃସିଂହ ମହାପ୍ରଭୁଙ୍କୁ ପିତାକନ୍ଦା ଭୋଗ ଅର୍ପଣ ଏବଂ ଧ୍ୱଜା ବନ୍ଧନ କରଯିବ। ମେ'୧ ତାରିଖରେ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ଅକ୍ଷୟ ତୃତୀୟା ଠାରୁ ନୃସିଂହନାଥରେ ଅପରାହ୍ନ ୪ଟାରେ ନୃସିଂହ ମହାପ୍ରଭୁଙ୍କ ଠାରେ ଲାଗୁ ହେଉଥିବା ପଖାଳ ଭୋଗ ଶନିବାର ଶେଷ ହୋଇଯାଇଛି।

## ବିଜୁ ଏକ୍ସପ୍ରେସ୍ ୱେରୁ ଗଛଲତା କାଟିବାକୁ ଦାବି



**ପାଇକମାଲ, ୨୫।୪ (ସମିସ):** ପ୍ରସିଦ୍ଧ ନୃସିଂହନାଥ ବୈଶାଖ ମେଳା ଆଜି(ରବିବାର) ଠାରୁ ଆରମ୍ଭ ହେବାକୁ ଯାଉଛି। ହଜାର ହଜାର ଭକ୍ତ ଓ ପର୍ଯ୍ୟଟକ ମେଳାରେ ଯୋଗଦେବାକୁ ଆସୁଥିବାରୁ ପାଇକମାଲରୁ ମାଣ୍ଡୋସିଲ ପର୍ଯ୍ୟନ୍ତ ରାସ୍ତାରେ ଯାତାୟାତ ଭିଡ଼ ବଢ଼ିବାର ସମ୍ଭାବନା ରହିଛି। କିନ୍ତୁ ବିଜୁ ଏକ୍ସପ୍ରେସ ୱେ ରାସ୍ତା ମଝିରେ ଥିବା ଛୋଟ ଛୋଟ ଗଛଲତା ଚିନ୍ତା ବଢ଼ାଇଛି। ରାସ୍ତା ମଝିରେ ଗଛ ଥିବାରୁ ଗାଡ଼ି ଚଳାଚଳ ସମୟରେ ଏକ ପଟୁଆରୁ ଆସୁଥିବା ଯାନ ଅନ୍ୟ ପଟୁଆରୁ ସ୍ପଷ୍ଟ ଦେଖାଯାଉନଥିବାରୁ ଦୁର୍ଘଟଣା ଘଟିବାର ଆଶଙ୍କା ଦୃଢ଼ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ପକ୍ଷରୁ ପ୍ରଶାସନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଛି। ଦୁର୍ଘଟଣା ଘଟିବା ପୂର୍ବରୁ ରାସ୍ତା ମଝିରେ ଥିବା ଛୋଟ ଛୋଟ ଗଛଲତାଗୁଡ଼ିକୁ କାଟିବା ତଥା ସଫା ସୁତୁରା କରି ଯାତାୟାତକୁ ସୁଗମ କରିବାକୁ ଲୋକମାନେ ଅନୁରୋଧ କରିଛନ୍ତି।

## ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ଶିବିର

**ପାଇକମାଲ, ୨୫।୪(ସମିସ):** ବୈଶାଖ ମେଳା ଅବସରରେ ଶ୍ରୀ ନୃସିଂହନାଥ ମନ୍ଦିର ପରିସରରେ ରଙ୍ଗୋଲି ପ୍ରତିଯୋଗିତା ଓ ଚିତ୍ରକଳା ଶିବିର ଅନୁଷ୍ଠିତ ହୋଇଯାଇଛି। ଅପ୍ରେଲ ୨୬ ରୁ ମେ'୧ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ମେଳା ପୂର୍ବରୁ ଆୟୋଜିତ କାର୍ଯ୍ୟକ୍ରମରେ ପଶ୍ଚିମ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପ୍ରତିଭାବାନ ପ୍ରତିଯୋଗୀ ଅଂଶଗ୍ରହଣ କରି ନିଜର କଳା ପ୍ରଦର୍ଶନ କରିଥିଲେ। ବରଗଡ଼ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ବିଭାଗର ମିଳିତ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ପଦ୍ମପୁର ଉପଜିଲ୍ଲାପାଳ ହେମସାଗର ଭୋଇ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସଂସ୍କୃତି ଅଧିକାରୀ ତାହିର୍ ହୁସେନ୍, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନତ ପାଢ଼ୀ ଏବଂ ଅତିରିକ୍ତ ବିଡିଓ ଦେବାଶିଷ ସିହ୍ନା ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହିତ କରିଥିଲେ।ଶିବାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ 'ଜୟ ଗୋପାଳ ଗ୍ରୁପ' ଶ୍ରେଷ୍ଠ ବିବେଚିତ ହୋଇ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ରାଜଖରିଆରର ଦିଗବିଜୟ ସିଂହ ଦ୍ୱିତୀୟ ଏବଂ 'ଲିଟିଲ୍ ଏଞ୍ଜେଲ୍' ଗ୍ରୁପ୍ ତୃତୀୟ ସ୍ଥାନ ହାସଲ କରିଥିଲେ। ସେହିପରି ଆୟୋଜିତ ଚିତ୍ରକଳା ଶିବିରରେ ୧୫ ଜଣ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରି ଭାବଗ୍ରାହୀ ଚିତ୍ରମାନ ଅଙ୍କନ କରିଥିଲେ। ଅତିଥିମାନେ ସମସ୍ତ ଅଂଶଗ୍ରହଣକାରୀଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟର କନିଷ୍ଠ ସହାୟକ ଆଲୋକ ଗରିଆ କାର୍ଯ୍ୟକ୍ରମର ପରିଚାଳନାରେ ସହଯୋଗ କରିଥିଲେ।



# କୁମୁଦିନୀ ନିଗମ ଝାରବନ୍ଧ ବ୍ଲକ୍ ବିଜେଡି ସଭାନେତ୍ରୀ

**ଝାରବନ୍ଧ, ୨୫।୪(ସମିସ):** ବିଜୁ ମହିଳା ଜନତା ଦଳ ଝାରବନ୍ଧ ବ୍ଲକ ସଭାନେତ୍ରୀ ଭାବେ କୁମୁଦିନୀ ନିଗମଙ୍କୁ ମନୋନୀତ କରାଯାଇଛି। ଏହା ଅଞ୍ଚଳରେ ଦଳୀୟ କାର୍ଯ୍ୟକଳାପକୁ ଆହୁରି ସୁଦୃଢ଼ କରିବ। ଏହି ସୁଯୋଗ



ଦେଇଥିବାରୁ ବିଜୁ ଜନତା ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକ, ବିଜୁ ମହିଳା ଜନତା ଦଳର ରାଜ୍ୟ ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଧାୟିକା ବର୍ଷା ସିଂ ବରିହା ଓ ବରଗଡ଼ ଜିଲ୍ଲା ସଭାପତି ଜାପାନ ମହାପାତ୍ରଙ୍କୁ ସେ ଧନ୍ୟବାଦ ଜ୍ଞାପନ କରିଛନ୍ତି। ସ୍ଥାନୀୟ ଦଳୀୟ କର୍ମୀମାନେ ମଧ୍ୟ ଏହି ନିଯୁକ୍ତିକୁ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଦଳ ଓ ସମାଜ ସେବା କ୍ଷେତ୍ରରେ ନୂତନ ଗତି ଆସିବ ବୋଲି ଆଶା ରହିଛି। ଶ୍ରୀମତୀ ନିଗମ କହିଛନ୍ତି ଯେ ଅଞ୍ଚଳର ସେବା ଓ ମହିଳାଙ୍କ ସଶକ୍ତୀକରଣ ପାଇଁ ନିଷ୍ଠାର ସହ କାମ କରିବେ। ଜନସାଧାରଣଙ୍କ ସମସ୍ୟାର ସମାଧାନ ପାଇଁ ଲୋକଙ୍କ ସ୍ୱର ଭାବେ କାମ କରିବେ। ମହିଳାଙ୍କ ସଶକ୍ତୀକରଣ ସହ ଅଞ୍ଚଳର ସମଗ୍ର ଉନ୍ନତିକୁ ଗୁରୁତ୍ୱ ଦେବେ। ଏହି ଅବସରରେ ସେ ଦଳର ସମସ୍ତ କର୍ମକର୍ତ୍ତାଙ୍କ ସହଯୋଗ ଆଶା କରିଛନ୍ତି। ସମସ୍ତଙ୍କୁ ଏକତ୍ର ହୋଇ କାମ କରିବାକୁ ଆହ୍ୱାନ ଜଣାଇଛନ୍ତି।

# ଇନର ହୁଇଲ କ୍ଲବ୍ ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ

**ବରଗଡ଼, ୨୫। ୪(ସମିସ):** ପ୍ରବଳ ଗ୍ରୀଷ୍ମକୁ ଦୃଷ୍ଟିରେ ରଖି ଇନର୍ ହୁଇଲ କ୍ଲବ୍ ଅଫ ବରଗଡ଼ ସେଣ୍ଟ୍ରାଲ ଆନୁକୂଲ୍ୟରେ ବରଗଡ଼ର ମୁଖ୍ୟ ରାସ୍ତା ପେଣ୍ଟାଲନ ନିକଟରେ ପଥଚାରୀଙ୍କ ପାଇଁ ଦହି ପାଣି ଓ ସରବତ ଆଦି ଥଣ୍ଡା ପାନୀୟ ବଣ୍ଟନ କରାଯାଇଥିଲା। କ୍ଲବ୍‌ର ସଭାପତି ଅଫସାନା ଲୋଧିଆ ଆଉ ପିପି ଭାବନା ଅଗ୍ରୱାଲ, ନୁପୁର ଅଗ୍ରୱାଲ, ପ୍ରିୟା ଫଂଶାରି, ଇନ୍ଦୁ ଅଗ୍ରୱାଲ, ଦୀପ୍ତି ଶତପଥୀ, ପୁଷ୍ପାଞ୍ଜଳି ସୁବୁଦ୍ଧି, ନିଶା ଲାଠ ପ୍ରମୁଖ ମହିଳା ମଣ୍ଡଳୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଟେରେଙ୍ଗାଝାଞ୍ଜରେ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା

**ପାଇକମାଲ, ୨୫।୪ (ସମିସ):** ଟେରେଙ୍ଗାଝାଞ୍ଜ କ୍ଲଷ୍ଟରସ୍ତରୀୟ ଶିକ୍ଷଣ ସାମଗ୍ରୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ଉଗ୍ରସେନ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଏହି କର୍ମଶାଳାରେ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ପ୍ରଧାନ ଶିକ୍ଷକ ସହଦେବ ମାଝୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପାଇକମାଲ ଏବିଇଓ ରାଧେଶ୍ୟାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସେ ନିଜ ଉଦ୍‌ବୋଧନରେ ଶିକ୍ଷଣ ସାମଗ୍ରୀର ଗୁରୁତ୍ୱ ଓ ଏହା ମାଧ୍ୟମରେ ପାଠ୍ୟଦାନ ପ୍ରକ୍ରିୟାକୁ କିପରି ଆକର୍ଷଣୀୟ ଓ ଫଳଦାୟକ କରାଯାଇପାରେ ସେ ବିଷୟରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ, ନୂତନ ଓ ସୃଜନଶୀଳ ଶିକ୍ଷଣ ସାମଗ୍ରୀ ବ୍ୟବହାର କଲେ ଛାତ୍ରଛାତ୍ରୀଙ୍କ ଶିକ୍ଷାଗ୍ରହଣ କ୍ଷମତା ବୃଦ୍ଧି ପାଏ। ଏହି କର୍ମଶାଳାରେ ଟେରେଙ୍ଗାଝାଞ୍ଜ କ୍ଲଷ୍ଟର ଅଧୀନର ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହ ଶିକ୍ଷକ ଓ ଶିକ୍ଷୟିତ୍ରୀ ଅଂଶଗ୍ରହଣ କରି ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି ଓ ବ୍ୟବହାର ସମ୍ପର୍କରେ ପ୍ରୟୋଗିକ ଅଭ୍ୟାସ କରିଥିଲେ। ଶିକ୍ଷକମାନେ ନୂତନ ପଦ୍ଧତି ଓ ସୃଜନଶୀଳ ଧାରଣା ବିନିମୟ କରି ଏହାକୁ ଆଗାମୀ ପାଠ୍ୟଦାନରେ ପ୍ରୟୋଗ କରିବାକୁ ସଙ୍କଳ୍ପ ନେଇଥିଲେ। ଶେଷରେ ଶିକ୍ଷକ ସହଦେବ ଦାଉ ଧନ୍ୟବାଦ ଜଣାଇ କର୍ମଶାଳାର ସମାପନ କରିଥିଲେ।

# ଗ୍ରାମାଞ୍ଚଳରେ ଉନ୍ନତ କିସମର ଯନ୍ତ୍ରପାତି ବ୍ୟବହାର ଉପରେ ତାଲିମ

**ବରଗଡ଼, ୨୫।୪(ସମିସ):** ଗ୍ରାମାଞ୍ଚଳରେ ଉନ୍ନତ ଯନ୍ତ୍ରପାତି ବ୍ୟବହାର କରି ଚାଷ କ୍ଷେତ୍ରରେ କିପରି ଖର୍ଚ୍ଚ କମ୍ କରାଯାଇ ପାରିବ ଓ ସହଜରେ ହୋଇପାରିବ ସେ ଉପରେ କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର ତରଫରୁ ତାଲିମ ଦିଆଯାଇଛି। କଟାପାଲି, ବରଗାଁ, କମଗାଁ ଓ ବାଉଳ ସିଂହାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚାଷ ଜମି ସମତୁଲ କରିବା ପାଇଁ ଲେଜର ଲେବେଲିଂ ସହ ଟ୍ରାକ୍ଟର, ସିଡ୍ ଡ୍ରିଲ୍, ପାୱାର ଟିଲର, ସୋଲାର ଥ୍ରେସର୍, ରେପର୍ ବାଇଣ୍ଡିଂ, ଟ୍ରାନ୍ସପ୍ଲାଣ୍ଟର, ଉନ୍ନତ ମାନର ମେସିନ୍‌ଗୁଡ଼ିକ କୃଷିତାରା ଫାର୍ମର ପ୍ରଡ୍ୟୁସର୍ କମ୍ପାନୀର ଦାୟିତ୍ୱରେ କଟକ ଧାନ ଗବେଷଣା କେନ୍ଦ୍ର ତରଫରୁ ଦିଆଯିବ। ୩ ବର୍ଷ ପାଇଁ ଚାଷୀଙ୍କୁ ମାଗଣାରେ ନିର୍ଦ୍ଦିଷ୍ଟ ଜମି ପାଇଁ ଡେମୋଷ୍ଟ୍ରେସନ୍ ହିସାବରେ ବ୍ୟବହାର ପାଇଁ ଏହା ଦିଆଯିବ। ଏହା ବ୍ୟତୀତ ଗୋଟିଏ ସ୍ଥାୟୀ ମେସିନ୍ ମରାମତି କେନ୍ଦ୍ର ସ୍ଥାପନ କରାଯିବ। ଯନ୍ତ୍ରପାତି ସଜାଇବା ପାଇଁ ମେକାନିକ ରଖାଯିବ। ଗ୍ରାମର ବେକାର ଯୁବକ ଯୁବତୀଙ୍କୁ ନେଇ ନିଃଶୁଳ୍କ ତାଲିମ ପ୍ରଦାନ କରାଯିବ। ଏହାଦ୍ୱାରା ନୂଆଁ ମେକାନିକ ସୃଷ୍ଟି କରାଯିବ। ତେବେଯାଇ ନୂଆଁ ରୋଜଗାର ସୃଷ୍ଟି ହେବା ସହ କୃଷି କାର୍ଯ୍ୟରେ ବହୁ ପରିମାଣରେ ଖର୍ଚ୍ଚ କମିଯିବ ବୋଲି କୁହାଯାଇଛି। ଏହି ୩ ଦିନିଆ କାର୍ଯ୍ୟକ୍ରମରେ ଚାଷୀଙ୍କୁ ତାଲିମ୍ ଦେବା ପାଇଁ କଟକ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ରରୁ ବରିଷ୍ଠ ଯାନ୍ତ୍ରିକ ବୈଜ୍ଞାନିକ ପ୍ରକାଶ ଚନ୍ଦ୍ର ଜେନା ଓ ଡ. ଏନଏନ ଜମ୍ବୁଲକର ଯୋଗ ଦେଇଥିଲେ। କଟାପାଲି ଯୁବ ସରପଞ୍ଚ ରମେଶ ସାହୁ ଓ ଜିଲ୍ଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ଶାନ୍ତନୁ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଜୟଦେବ ମହାରଣା, ଚୈତନ୍ୟ ପ୍ରଧାନ, ଉତ୍ତର ସାହୁ, ଶାନ୍ତନୁ ଦାସ, କୁମରମଣି ନାଏକ, ସୁରେନ୍ଦ୍ର ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବ୍ରିଜତଳକୁ ଖସିଲା କାର୍, ମହିଳା ଗୁରୁତର

**ପଦ୍ମପୁର, ୨୫। ୪(ସମିସ):** ପାଟଣାଗଡ଼ରୁ ପଦ୍ମପୁରକୁ ଆସୁଥିବା କାର୍ ପଦ୍ମପୁର ନିକଟସ୍ଥ ଝାଙ୍କରପାଲି ବ୍ରିଜ ତଳକୁ ଖସିପଡ଼ି ଥିଲା। କାର୍‌ରେ ଥିବା ଡ୍ରାଇଭର ୧ବର୍ଷର ଛୋଟ ଶିଶୁ ଓ ମହିଳାଙ୍କୁ ଉଦ୍ଧାର କରାଯାଇ ପଦ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ମହିଳା ଜଣକ ଭୁବନେଶ୍ୱରର ମନିଷା ପୁରୋହିତ (୩୨) ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭିମସାର ବୁର୍ଲାକୁ ପଠାଯାଇଛି।

# ଦୁର୍ଘଟଣାରେ ପ୍ରଧାନଶିକ୍ଷକଙ୍କ ପରଲୋକ

**ବରଗଡ଼, ୨୫।୪(ସମିସ):** ସଦର ବ୍ଲକ ଏସଡୁମ୍ବେରପାଲି ଗ୍ରାମର ଶିକ୍ଷକ ଉପେନ୍ଦ୍ର ସାହୁ (୫୪)ଙ୍କ ସଡ଼କ ଦୁର୍ଘଟଣାରେ ପରଲୋକ ହୋଇଯାଇଛି। ସେ ସକାଳୁ ପ୍ରାତଃ ଭ୍ରମଣ କରୁଥିବା ବେଳେ ବାଇକ୍ ଆରୋହୀ ଆସି



ଜୋର୍‌ରେ ଧକ୍କା ଦେଇଥିଲା। ସେ ଚେତା ଶୂନ୍ୟ ହୋଇ ତଳେ ପଡ଼ି ଯାଇଥିଲେ ତାଙ୍କୁ ଏକ ଘରୋଇ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ଜାଣିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ସେ ନିଲେଶ୍ୱର୍ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ନିଜ ଗ୍ରାମ ଏସଡୁମ୍ବେରପାଲିରେ ରହିଥିବା ଜ୍ଞାନ ରଶ୍ମି ପାଠାଗାରର ପ୍ରତିଷ୍ଠାତା ସଭ୍ୟ ଥିବା ସହିତ ପୂର୍ବତନ ସମ୍ପାଦକ ମଧ୍ୟ ଥିଲେ। ପାଠାଗାର ପକ୍ଷରୁ ତାଙ୍କ ମର ଶରୀରକୁ ଗ୍ରାମ ପରିକ୍ରମା କରାଯିବା ସହିତ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଶୋକ ସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜ୍ଞାପନ କରାଯାଇଥିଲା। ଗ୍ରାମ ମଶାଣିରେ ତାଙ୍କର ସଂସ୍କାର ସମ୍ପନ୍ନ ହୋଇଥିଲା।ବରଗଡ଼ ଜିଲ୍ଲା ଶିକ୍ଷା ଅଧିକାରୀ ଜ୍ୟୋତି କାନ୍ତ ସାହୁ, ବରଗଡ଼ ବ୍ଲକ ଶିକ୍ଷା ଅଧିକାରୀ ଡ.ସୁରେନ୍ଦ୍ର କୁମାର ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ଜାତୀୟ ପଞ୍ଚାୟତିରାଜ ଦିବସ ସମାରୋହ







**ବରଗଡ଼, ୨୫।୪(ସମିସ)**

ବରଗଡ଼ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ସ୍ଥାନୀୟ ଯଦୁମଣି ପଧାନ ଅଡିଟୋରିୟମରେ ପାଳିତ ହୋଇଯାଇଛି। ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ ମୁଖ୍ୟଅତିଥି ଭାବେ ଯୋଗ ଦେଇ ନିଜ ଅଭିଭାଷଣରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ବଖାଣିଥିଲେ। ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ସଶକ୍ତ ହେଲେ ଯାଇ ଏକ ଉନ୍ନତ ଓ ବିକଶିତ ଓଡ଼ିଶା ଗଠନ ହୋଇପାରିବ। ସରକାର ଗ୍ରାମୀଣ ବିକାଶକୁ ସର୍ବାଧିକ ପ୍ରାଥମିକତା ଦେଉଥିବା ଓ ବିକଶିତ ଗାଁ ଓ ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଉଦ୍ୟମ ଜାରି ରଖିଛି। ରାଜ୍ୟର ସମସ୍ତ ପରିବାରକୁ ପାଇପ୍ ଯୋଗେ ନିରାପଦ ପାନୀୟ ଜଳ ଯୋଗାଣ, କଚ୍ଚା ଘର ଥିବା ସମସ୍ତ ପରିବାରଙ୍କୁ ପକ୍କା ଘର ଯୋଗାଣ ସମସ୍ତ ନିର୍ବାଚିତ ପଞ୍ଚାୟତ ଜନପ୍ରତିନିଧି ଓ କର୍ମକର୍ତ୍ତାଙ୍କ ଦକ୍ଷତା ବୃଦ୍ଧି ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଶାସନ ବ୍ୟବସ୍ଥାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁନିଶ୍ଚିତ କରିବା ଲକ୍ଷ୍ୟ ନେଇ ପ୍ରଯୁକ୍ତି ବିଦ୍ୟାର ସହାୟତା, ପଞ୍ଚାୟତ ସ୍ତରରେ ନିଜ ଆୟ ବୃଦ୍ଧି ନିମନ୍ତେ ସ୍ୱତନ୍ତ୍ର ନିୟମାବଳୀ ପ୍ରସ୍ତୁତ ହେଉଥିବା ଶ୍ରୀ ପୁରୋହିତ ଉଲ୍ଲେଖ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଏ, ବରଗଡ଼ ଉପଜିଲ୍ଲାପାଳ ପ୍ରସନ୍ନ କୁମାର ପାଣ୍ଡେ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ କୁମାର ଲୁହା ପ୍ରମୁଖ ଉପସ୍ଥିତ ରହି ୧୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାର କାର୍ଯ୍ୟାଦେଶ, ୫ଜଣ ଜଣ ହିତାଧିକାରୀଙ୍କୁ ପାଇଖାନା ନିର୍ମାଣ କାର୍ଯ୍ୟାଦେଶ ଏବଂ ତିନି ମାସ ମଧ୍ୟରେ ଗୃହ ନିର୍ମାଣ ଶେଷ କରିଥିବା ୩ ଜଣ ହିତାଧିକାରୀଙ୍କୁ ଇନସେନଟିଭ ବଣ୍ଟନ ସହ ଉତ୍ତମ ପ୍ରଦର୍ଶନ କରିଥିବା ଜିଲ୍ଲାର ପ୍ରମୁଖ ବ୍ଲକ, ପଞ୍ଚାୟତ, ସ୍ୱୟଂ ସହାୟକ ଗୋଷ୍ଠୀ, ଜିଆରଏସ, ପିଇଓ, ଜେଇଙ୍କୁ ସମ୍ମାନିତ କରାଯାଇଥିଲା।

**ଭଟଲି:** ଭଟଲି ବ୍ଲକ କାର୍ଯ୍ୟାଳୟରେ ବ୍ଲକ ପ୍ରଶାସନ ପକ୍ଷରୁ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଭଟଲି ବିଧାୟକ ଇରାସିସ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଜ ଅଭିଭାଷଣରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନର ଗୁରୁତ୍ୱ ବଖାଣି ଥିଲେ।ବ୍ଲକ ଅଧ୍ୟକ୍ଷ ନିତ୍ୟାନନ୍ଦ ପଧାନଙ୍କ ସହିତ ବିଡିଓ ପ୍ରମୋଦ ଚନ୍ଦ୍ର ମେହେର, ଏବିଡିଓ ଜ୍ୟାସ୍ମାରାଣୀ ଗଡ଼ତିଆ, ସିଡିପିଓ ସୈରେନ୍ଦ୍ରୀ ମହାନନ୍ଦ, ବରଗଡ଼ ସାଂସଦ ପ୍ରତିନିଧି ପ୍ରତାପ ବାବୁ, ବ୍ଲକ ଉପଧ୍ୟକ୍ଷା ଲଳିତା ବାଗ, ଏମଏଲଏ ପ୍ରତିନିଧି ଅଚ୍ୟୁତ ବୁଧିଆ, ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତି ସଭ୍ୟସଭ୍ୟା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ହିତାଧିକାରୀଙ୍କୁ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବିତରଣ କରାଯିବ ସହିତ ଧାର୍ଯ୍ୟ ସମୟ ମଧ୍ୟରେ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନା ଗୃହ ନିର୍ମାଣ ସମ୍ପୂର୍ଣ୍ଣ କରିଥିବା ହିତାଧିକାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମଧୁବାବୁ ପେନସନ ଯୋଜନାରେ ନୂତନ ଭାବେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କୁ ମଧ୍ୟ ଭତ୍ତା ବିତରଣ କରାଯାଇଥିଲା।

**ପଦ୍ମପୁର:** ବରଗଡ଼ ଜିଲ୍ଲା ରାଜବୋଡାସମ୍ବର (ପଦ୍ମପୁର) ଉପଖଣ୍ଡର ବ୍ଲକ ପ୍ରଶାସନ ପକ୍ଷରୁ ବ୍ଲକସ୍ତରୀୟ ପଞ୍ଚାୟତିରାଜ ଦିବସ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସଭାରେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ କୁଲୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପଞ୍ଚାୟତିରାଜ ବ୍ୟବସ୍ଥାରେ ସାଧାରଣ ଲୋକଙ୍କ ଅଂଶଗ୍ରହଣ ଓ ବିକାଶ ଧାରା ଉପରେ ନିଜର ବକ୍ତବ୍ୟ ରଖିଥିଲେ। ସାଂସଦଙ୍କ ପ୍ରତିନିଧି ସରୋଜ ପାଣିଗ୍ରାହୀ, ଉପଅଧ୍ୟକ୍ଷା ସଂଯୁକ୍ତା ଚାନ୍ଦ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଲୋକନାଥ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବ୍ଲକର ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ହିତାଧିକାରୀଙ୍କୁ ଉତ୍ସାହିତ କରିଥିଲେ। ସମାରୋହରେ ବିଭିନ୍ନ ବିଭାଗ ପକ୍ଷରୁ ସରକାରୀ ଯୋଜନାର ସହାୟତା ବଣ୍ଟନକୁ ପ୍ରାଧାନ୍ୟ ଦିଆଯାଇଥିଲା। ଯୋଗାଣ ବିଭାଗ ପକ୍ଷରୁ ନଳିନୀ ବେହେରା ଓ ପୁଷ୍ପାଞ୍ଜଳି ମେହେରଙ୍କ ଭଳି ହିତାଧିକାରୀଙ୍କୁ ନୂତନ ରାସନ କାର୍ଡ ପ୍ରଦାନ କରାଯାଇଥିବା ବେଳେ ମନରେଗା ଯୋଜନାରେ ୩୦୦ ଦିନର କାର୍ଯ୍ୟ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ସହଦେବ ବାଗ ଓ ବିଜୟ କରେଇଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ସ୍ୱଚ୍ଛ ଭାରତ ଅଭିଯାନରେ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଏବଂ ଗ୍ରାମୀଣ ଗୃହ ନିର୍ମାଣ ଯୋଜନାରେ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ସହ ପ୍ରୋତ୍ସାହନ ରାଶିର ଚେକ୍ ବଣ୍ଟନ କରାଯାଇଥିଲା। ମିଶନ ଶକ୍ତି ଅଧୀନରେ ଲକ୍ଷପତି ଦିଦି ଓ ସଫଳ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ପୁରସ୍କୃତ କରାଯାଇଥିଲା।ବିଡିଓ ମନୋଜ ଦେବତା ସଭା ପରିଚାଳନା କରିଥିଲେ। ଶେଷରେ ଏବିଡିଓ ଧନ୍ୟବାଦ ଅର୍ପଣ କରିଥିଲେ।

**ଝାରବନ୍ଧ:** ଝାରବନ୍ଧ ବ୍ଲକ ପଡ଼ିଆରେ ପଞ୍ଚାୟତିରାଜ ଦିବସ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ଝାରବନ୍ଧ ବିଡ଼ିଓ ପର୍ଶୁରାମ ପଣ୍ଡା, ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ଆକାଉଣ୍ଟାଣ୍ଟ ଜୟଦେବ କିଷାନ, ବିଜେପି ନେତା ବିନୋଦ ବିହାରୀ ବାଘ, ବିଜେପି ଝାରବନ୍ଧ ମଣ୍ଡଳ ସଭାପତି ସତ୍ୟମ ପ୍ରଧାନ ସହିତ ଦୋଳଚନ୍ଦ୍ର ସାହୁ ତ୍ରିଲୋଚନ ସାହୁ ମଞ୍ଚାସୀନ ଥିଲେ। କଳାଗୌରବ ଚକ୍ରପାଣି ସେଠ ଓ ସାଥିମାନେ ସାଂସ୍କୃତିକ କଳା ପରିବେଷଣ କରିଥିଲେ। ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର କର୍ମଚାରୀ, ଜନସାଧାରଣ ଉପସ୍ଥିତ ଥିଲେ।ବିପିଏମ ସତ୍ୟ କୁମାର ସୁନ୍ଦର ଭାବେ ମଞ୍ଚ ପରିଚାଳନା କରିଥିଲେ।

# ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ସୁଶୀଲ ସାହୁଙ୍କ ଦେହାନ୍ତ

**ଥୁଆପାଲି, ୨୫।୪(ସମିସ):** ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ସୁଶୀଲ ସାହୁଙ୍କ ୬୭ ବର୍ଷ ବୟସରେ ପରଲୋକ ଘଟିଛି। ବରଗଡ଼ ବ୍ଲକ ଖୁଣ୍ଟୁପାଲି ପୈତୃକ ଗ୍ରାମରେ ତାଙ୍କ ଦେହାନ୍ତ ହୋଇଯାଇଛି। ସେ ରେମଣ୍ଡା



ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୧୯୮୪ରୁ ୨୦୧୯ ପର୍ଯ୍ୟନ୍ତ ଦୀର୍ଘ ୩୫ ବର୍ଷ ଶିକ୍ଷାଦାନ କରି ଆସିଥିଲେ। ସେ ମୂଳି ଧାନଚାଷ ଉପରେ ଗବେଷଣା ପାଇଁ ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ଡକ୍ଟରେଟ ଉପାଧି ପାଇଥିଲେ। ରେମଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟକ୍ଷା ରାଜଲକ୍ଷ୍ମୀ ପ୍ରଧାନଙ୍କ ପରିଚାଳନାରେ ତାଙ୍କ ପରଲୋକରେ ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା।

# ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମ୍ୟାଲେରିଆ ଦିବସ

**ବିଜେପୁର, ୨୫।୪ (ସମିସ):** ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବିଶ୍ୱ ମେଲେରିଆ ଦିବସ ଅବସରରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଚିକିତ୍ସା ଅଧିକାରୀ ଡା. ସୁଶାନ୍ତ ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଲେରିଆ ଏକ ଗୁରୁତର କିନ୍ତୁ ପ୍ରତିରୋଧ ଯୋଗ୍ୟ ରୋଗ ବୋଲି କହିଥିଲେ। ବ୍ଲକ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ରୁଦ୍ରଦେବ ତନସନାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଗ୍ରାମାଞ୍ଚଳରେ ମେଲେରିଆ ବିଷୟରେ ସଚେତନତା ବଢ଼ାଇବା ଅତ୍ୟନ୍ତ ଆବଶ୍ୟକ। ସେଥିପାଇଁ ସମସ୍ତ ସ୍ୱାସ୍ଥ୍ୟ କର୍ମୀ ଗାଁ ଗାଁକୁ ଯାଇ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଅବସରରେ ବିଜେପୁର ବ୍ଲକର ବିଭିନ୍ନ ଉପସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ମହିଳା ସ୍ୱାସ୍ଥ୍ୟ କର୍ମୀ, ସିଏଚଓ ଏବଂ ସ୍ୱାସ୍ଥ୍ୟ ସେବା ସମ୍ପୃକ୍ତ କର୍ମଚାରୀ ଯୋଗ ଦେଇଥିଲେ। ସେମାନେ ମେଲେରିଆ ରୋଗର ଲକ୍ଷଣ, ପ୍ରତିରୋଧ ଓ ଚିକିତ୍ସା ବିଷୟରେ ଜାଣିଥିଲେ ଓ ଏହାକୁ ଲୋକମାନଙ୍କ ମଧ୍ୟରେ ପହଞ୍ଚାଇବା ପାଇଁ ସଙ୍କଳ୍ପ କରିଥିଲେ। ମହିଳା ସ୍ୱାସ୍ଥ୍ୟ ପରିଦର୍ଶିକା କବିତାଞ୍ଜଳୀ ଦାଶ, ସୁପରଭାଇଜର ରଣଜିତ ବେହେରା ଓ ନବ କୁମାର ବାରିକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଶେଷରେ ଭିବିଡିଟିଏସ ପଙ୍କଜ ମେହେର ଧନ୍ୟବାଦ ଜଣାଇଥିଲେ।

ସକାଳ THE SAKALA



# କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠା ଉଦ୍‌ଘାଟିତ

## ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଅପେକ୍ଷାର ଅନ୍ତ

ଦେବଗଡ଼,୨୫।୪(ସମିସ)

ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ନୂତନ କୋଠା ଆଜି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଦେବଗଡ଼ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ସମ୍ମାନିତ ଅତିଥିଭାବେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ଏବଂ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, କେନ୍ଦ୍ରୀୟ ବିଦ୍ୟାଳୟ ସଙ୍ଗଠନ, ନୂଆଦିଲ୍ଲୀ ଯୁଗ୍ମ ସଚିବ ସୋମିତ ଶ୍ରୀବାସ୍ତବ ପ୍ରମୁଖ ଉପସ୍ଥିତ ଥିଲେ। ୩୧ କୋଟି ୪୦ ଲକ୍ଷ ୮ ହଜାର ଟଙ୍କାରେ କେନ୍ଦ୍ରୀୟ ବିଦ୍ୟାଳୟର ସ୍ଥାୟୀ କ୍ୟାମ୍ପସ୍ ନିର୍ମାଣ କରାଯାଇଛି।

ଏଥିରେ ଛାତ୍ରଛାତ୍ରୀଙ୍କ ପାଇଁ ସ୍ମାର୍ଟ କ୍ଲାସ୍ ରୁମ ଏବଂ କମ୍ପ୍ୟୁଟର ଲ୍ୟାବ ସହିତ ଅତ୍ୟାଧୁନିକ ବ୍ୟବସ୍ଥା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ପ୍ରଣୀତ ଜାତୀୟ ଶିକ୍ଷା ନୀତିର ମୂଳଲକ୍ଷ୍ୟ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହିତ ସର୍ବାଙ୍ଗୀନ ବିକାଶ କରିବାର ଲକ୍ଷ୍ୟ ରହିଥିବାବେଳେ ଏହି କୋଠା ସ୍ଥାନୀୟ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ କରିବାରେ ସହାୟକ ହେବ ବୋଲି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ। ଚଳିତବର୍ଷ ଠାରୁ ନୂତନ କୋଠାରେ ପାଠ ପଢା ଆରମ୍ଭ ହୋଇଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଦୁଇଟି ସେକ୍ସନରେ ଶିକ୍ଷାଦାନ ପାଇଁ ଶ୍ରୀ ପ୍ରଧାନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବିଦ୍ୟାଳୟରେ ଉନ୍ନତ ମାନର ଖେଳ ପଡ଼ିଆ ନିର୍ମାଣ ଉପରେ ମନ୍ତ୍ରୀ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ କେନ୍ଦ୍ରୀୟ ବିଦ୍ୟାଳୟର ଭୁବନେଶ୍ୱର ଡେପୁଟି କମିଶନର ଏସ୍‌ଏସ. ଚୌହାନ, ଭୁବନେଶ୍ୱର ଯୁଗ୍ମ ସଚିବ ବିର୍ବଲ ଧିନବା, ଦେବଗଡ଼ କେନ୍ଦ୍ରୀୟ ବିଦ୍ୟାଳୟ ଅଧକ୍ଷ ଭଗବାନ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।

୨୦୧୦ରୁ ଦେବଗଡରେ କେନ୍ଦ୍ରୀୟ ବିଦ୍ୟାଳୟ ଆରମ୍ଭ ହୋଇଥିବାବେଳେ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପାଠ ପଢା ହୋଇ ଆସୁଥିଲା। ୨୦୨୪ ମସିହାରେ ନୂତନ କୋଠା ନିର୍ମାଣ ପାଇଁ ନୂଆଁ ବାଲିରୋଇ ଠାରେ ୧୦ ଏକର ଜମି ଚିହ୍ନଟ କରାଯାଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂତନ କୋଠା ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ।



## ୬ ଦିନରେ ପହଞ୍ଚିଲା ପୂର୍ବତନ ଶ୍ରମିକଙ୍କ ଆମରଣ ଅନଶନ



ଝାରସୁଗୁଡ଼ା,୨୫।୪(ସମିସ): ବ୍ରଜରାଜନଗରସ୍ଥିତ ଲଜକୁରା କୋଇଲା ଖଣି ଅଞ୍ଚଳର ପୂର୍ବତନ ଶ୍ରମିକ ନିଯୁକ୍ତି ସମେତ ଅନ୍ୟାନ୍ୟ ଦାବିରେ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ନୂଆ ଠିକାଦାର ସେମାନଙ୍କୁ କାମରେ ନିୟୋଜିତ କରୁ ନ ଥିବା ଏବଂ ଅନ୍ୟାନ୍ୟ ସମସ୍ୟାର ପ୍ରତିବାଦରେ ଆମରଣ ଅନସନ ଜାରି ରହିଛି। ସୂଚନା ଅନୁଯାୟୀ, ଏକ ପ୍ରୋଜେକ୍ଟରେ ଅନେକ ଶ୍ରମିକ ଦୀର୍ଘଦିନ ଧରି ସୁପରଭାଇଜର ଓ ହେଲ୍‌ପର, ଡ୍ରାଇଭର ଭାବେ କାମ କରିଆସୁଥିଲେ। ତେବେ ଉକ୍ତ କମ୍ପାନୀର ଟେଣ୍ଡର ଅବଧି ଶେଷ ହେବାପରେ ଆଉ ଏକ କମ୍ପାନୀ ଏହି କାର୍ଯ୍ୟଭାର ଗ୍ରହଣ କରିଥିଲା। ପରେ ଏହାକୁ ଏକ ପେଟି କଣ୍ଟ୍ରାକ୍ଟ (ଛୋଟ ଚୁକ୍ତି) ଭିତ୍ତିରେ ହସ୍ତାନ୍ତର କରିଥିଲା। କିନ୍ତୁ ନୂତନ ଠିକାଦାର ପୁରୁଣା ଏବଂ ଅଭିଜ୍ଞ ଶ୍ରମିକମାନଙ୍କୁ କାମରେ ନିୟୋଜିତ କରୁନଥିବା ନେଇ ଅଭିଯୋଗ ହେଉଛି। ଗତ ୬ ମାସ ଧରି ପୂର୍ବତନ ଶ୍ରମିକମାନେ ନିଯୁକ୍ତି ପାଇଁ ବାରମ୍ବାର ପ୍ରୋଜେକ୍ଟ ଅଫିସର, ଜେନେରାଲ ମ୍ୟାନେଜର ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ତେବେ ପ୍ରଶାସନ ପକ୍ଷରୁ କେବଳ ପ୍ରତିଶ୍ରୁତି ମିଳୁଥିବା ବେଳେ କୌଣସି ସ୍ଥାୟୀ ସମାଧାନ କରାଯାଉ ନାହିଁ। କାମ ହରାଇଥିବା ଶ୍ରମିକମାନେ ଏବେ ଆର୍ଥିକ ଅନାଟନ ମଧ୍ୟରେ ଗତି କରୁଥିବା ବେଳେ ସେମାନଙ୍କ ପରିବାର ମଧ୍ୟ ମାନସିକ ଚାପରେ ରହିଛନ୍ତି। ଏହି ମର୍ମରେ ପୂର୍ବତନ ଶ୍ରମିକମାନେ ଅନିର୍ଦ୍ଦିଷ୍ଟକାଳ ପାଇଁ ଆମରଣ ଅନଶନ କରିଥିବାବେଳେ ଜଣେ ଶ୍ରମିକଙ୍କ ସ୍ୱାସ୍ଥ୍ୟବସ୍ଥା ବିଗିଡ଼ିବାରେ ଲାଗିଛି। ଡାକ୍ତର ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବାବେଳେ ସେ ଚିକିତ୍ସା ପାଇଁ ହସ୍ପିଟାଲ ଯିବାକୁ ମନା କରିଦେଇ ଥିଲେ।

# ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ

ଝାରସୁଗୁଡ଼ା,୨୫।୪(ସମିସ): ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଆନୁକୂଲ୍ୟରେ ଏକ ସପ୍ତାହବ୍ୟାପୀ ବାଲ୍ୟବିବାହ ନିଷେଧ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ ହୋଇଯାଇଛି। ଶନିବାର ତାଳପଟିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ଜୟନ୍ତୀ ଗଡ଼ତିଆ ଅଧକ୍ଷତା କରି ବାଲ୍ୟବିବାହର କୁପ୍ରଭାବ ଓ ଏଥିପାଇଁ ଥିବା କଠୋର ଆଇନଗତ ବ୍ୟବସ୍ଥା ସମ୍ପର୍କରେ ଆଲୋକପାତ କରିଥିଲେ। ସେ ସୂଚନା ଦେଇଥିଲେ ଯେ, ଝିଅର ବୟସ ୧୮ ବର୍ଷ ଓ ପୁଅର ବୟସ ୨୧ ବର୍ଷରୁ କମ୍ ଥିବା ସମୟରେ ବିବାହ କରାଇବା ଏକ ଅପରାଧ। ଏଥିସହ ମ୍ୟାଟ୍ରିକ୍ କିମ୍ବା +୨ ପରେ ପାଠ ଛାଡ଼ିଥିବା କିଶୋର କିଶୋରୀମାନେ କିପରି ଝାରସୁଗୁଡ଼ା ଓ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର, ଭୁବନେଶ୍ୱରରୁ ତାଲିମ ନେଇ ସ୍ୱାବଲମ୍ବୀ ହୋଇପାରିବେ, ସେ ବିଷୟରେ ପରାମର୍ଶ ଦେଇଥିଲେ। ସେହିପରି ସେଣ୍ଟର ଆଡମିନିଷ୍ଟ୍ରେଟର ମଧୁମିତା ବରାଳ ମହିଳା ଓ ଶିଶୁ ସୁରକ୍ଷା ପାଇଁ ଉଦ୍ଦିଷ୍ଟ ବିଭିନ୍ନ ହେଲ୍ପଲାଇନ୍ ନମ୍ବର ଯଥା- ୧୮୧, ୧୦୯୮ ଓ ୧୧୨ ସେବା ବିଷୟରେ ଉପସ୍ଥିତ ସମସ୍ତଙ୍କୁ ଅବଗତ କରାଇଥିଲେ। "ଶକ୍ତି ସଦନ ଆଶ୍ରୟ ଗୃହ' ମାଧ୍ୟମରେ ଅସହାୟ ମହିଳାଙ୍କୁ ଆଶ୍ରୟ ଏବଂ ଧନ୍ଦାମୂଳକ ତାଲିମ ପ୍ରଦାନ କରାଯାଉଥିବା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଚୂଡାମଣି ପଣ୍ଡା ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ଏବଂ ଆର୍ଥିକଦୃଷ୍ଟିରୁ ଦୁର୍ବଳ ଶିଶୁଙ୍କ ପାଇଁ ଉଦ୍ଦିଷ୍ଟ ସ୍କଲାରସିପ୍ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଜୁବଲି ରାଣୀ ପଟେଲ, ଝସକେତନ ସା, ସଞ୍ଜୟ ଭୋଇ ଓ ଶିବମ ପଟେଲ ସହଯୋଗ କରିଥିଲେ। ଯାଜ୍ଞସେନୀ ମହାନନ୍ଦ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।



■ ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସୁରକ୍ଷା ଓ ପରିବେଶ ପରିଚାଳନା ନେଇ ବୈଠକ

# ବନ୍ୟଜନ୍ତୁଙ୍କ ସମସ୍ୟା ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା

ଝାରସୁଗୁଡ଼ା,୨୫।୪(ସମିସ): ବୀର ସୁରେନ୍ଦ୍ର ସାଏ ବିମାନବନ୍ଦରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ପରିବେଶ ସନ୍ତୁଳନ ରକ୍ଷା କରିବା ପାଇଁ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧକ୍ଷତାରେ ବିମାନବନ୍ଦର ପରିସରରେ ଏରୋଡ୍ରୋମ କମିଟି ଏବଂ ବିମାନବନ୍ଦର ପରିବେଶ ପରିଚାଳନା କମିଟିର ଏହି ମିଳିତ ବୈଠକ ସମ୍ପନ୍ନ ହୋଇଛି। ଏହି ବୈଠକରେ ବିମାନବନ୍ଦରର ସାମଗ୍ରିକ ସୁରକ୍ଷା ବ୍ୟବସ୍ଥାକୁ ନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।

ବିଶେଷକରି ବିମାନ ଉଡ଼ାଣ ଏବଂ ଅବତରଣ ସମୟରେ ବନ୍ୟଜନ୍ତୁଙ୍କ ଯୋଗୁଁ ସୃଷ୍ଟି ହେଉଥିବା ବିଭିନ୍ନ ପ୍ରକାରର ଆହ୍ୱାନ ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିଥିଲେ। ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ସମ୍ମୁଖରେ ରହିଥିବା ଏହି ବନ୍ୟଜନ୍ତୁ ସମସ୍ୟାର ସମାଧାନ ପାଇଁ ବନ ବିଭାଗ ଓ ବିମାନବନ୍ଦର କର୍ତ୍ତୃପକ୍ଷ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟକରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହିତ ବିମାନବନ୍ଦରର ଚତୁଃପାଶ୍ୱର୍ରେ ପରିବେଶ ପରିଚାଳନା, ପରିମଳ ବ୍ୟବସ୍ଥା ଏବଂ ପକ୍ଷୀଙ୍କ ପ୍ରାଦୁର୍ଭାବ କମାଇବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଆଲୋଚନା ହୋଇଛି। ବିମାନବନ୍ଦରକୁ ଅଧିକ ସୁରକ୍ଷିତ ଏବଂ ଯାତ୍ରୀ ଅନୁକୂଳ କରିବାପାଇଁ ସମସ୍ତ ବିଭାଗୀୟ ଅଧିକାରୀମାନେ ମିଳିତ ଭାବେ କାର୍ଯ୍ୟକରିବେ ବୋଲି ବୈଠକରେ ସ୍ଥିର କରାଯାଇଛି। ଏହି ବୈଠକରେ ବିମାନବନ୍ଦର ନିର୍ଦ୍ଦେଶକଙ୍କ ସମେତ ପୁଲିସ ଓ ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ

# ଗ୍ରାମାଞ୍ଚଳର ବିକାଶ ଓ ମହିଳା ସଶକ୍ତୀକରଣ ସରକାରଙ୍କ ଲକ୍ଷ୍ୟ

ଝାରସୁଗୁଡ଼ା,୨୫।୪(ସମିସ): ଜିଲ୍ଲା ପ୍ରଶାସନ ପକ୍ଷରୁ ଏମ୍‌ସିଏଲ ଅଡିଟୋରିୟମ ପରିସରରେ ଜିଲ୍ଲାସ୍ତରୀୟ ଜାତୀୟ ପଞ୍ଚାୟତିରାଜ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସମାରୋହର ଶୁଭାରମ୍ଭ କରିଥିଲେ।

ଶ୍ରୀ ତ୍ରିପାଠୀ କହିଛନ୍ତି ଯେ, ଆଜି ସମଗ୍ର ଦେଶରେ ଜାତୀୟ ପଞ୍ଚାୟତିରାଜ ଦିବସ ପାଳନ କରାଯାଉଛି। ସମସ୍ତ ଗ୍ରାମାଞ୍ଚଳର ବିକାଶ ହେବାସହ ସେଠାରେ ରହୁଥିବା ପ୍ରତ୍ୟେକ ମହିଳାଙ୍କୁ ସଶକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ ବୋଲି କହିଛନ୍ତି। ଗାଁକୁ ସ୍ୱାୟତ୍ତତା ପ୍ରଦାନ ଦିଗରେ ଏହି ଦିନର ମହତ୍ୱ ରହିଛି। ଗାଁ ର ବିକାଶ ପାଇଁ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପାୟୀ ଯେଉଁ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାହାକୁ ପୂରଣ କରିବା ପଥରେ ଆଗେଇ ଚାଲିଛନ୍ତି ବୋଲି ସମ୍ବୋଧନ କରି ସମଗ୍ର ଭାରତ ବର୍ଷ ଓ ଓଡିଶା ମାଟିର ବିକାଶ ଦିଗରେ ସମସ୍ତେ କାନ୍ଧରେ କାନ୍ଧ ମିଶାଇ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ତୁଳାବତୀ ମିଞ୍ଜ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନନ୍ଦନ ପଣ୍ଡା, ସାଂସଦଙ୍କ ପ୍ରତିନିଧି ଶ୍ଳୋକ ସରନା ଏବଂ ଝାରସୁଗୁଡା ବିଡିଓ ଅନୀଲ କୁମାର ଆଚାର୍ଯ୍ୟ ପ୍ରମୁଖ ମଞ୍ଚାସୀନ ଥିଲେ। ବିଶ୍ୱରଞ୍ଜନ ନାୟକ ସ୍ୱାଗତଭାଷଣ ପ୍ରଦାନ କରିବା ସହ ଜିଲ୍ଲାରେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବାକୁ ପ୍ରଶାସନ ସର୍ବଦା ତତ୍ପର ବୋଲି କହିଥିଲେ। ଜିଲ୍ଲା ପରିଷଦର ଅତିରିକ୍ତ ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟ୍ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ଡିଜିଏମ୍‌ଏସ୍ ପକ୍ଷରୁ ବିପଦ ମୂଲ୍ୟାଙ୍କନ କର୍ମଶାଳା

ଇବଥର୍ମାଲ,୨୫।୪(ସମିସ): ରାଜ୍ୟ ସରକାରଙ୍କ ଅଧୀନରେ ଥିବା ଡାଇରେକ୍ଟର ଜେନେରାଲ ଅଫ୍ ମାଇନ୍ସ ସେଫ୍ଟି (ଡିଜିଏମଏସ୍) ପକ୍ଷରୁ ବିପଦ ମୂଲ୍ୟାଙ୍କନ ଆଧାରିତ ପ୍ରଭାବଶାଳୀ ସୁରକ୍ଷିତ କାର୍ଯ୍ୟପ୍ରଣାଳୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଡାଇରେକ୍ଟର ଅଫ୍ ମାଇନ୍ସ ସେଫ୍ଟି ନସିନା ବାଲ୍ ସୁବ୍ରମନ୍ୟମ, ଡେପୁଟି ଡାଇରେକ୍ଟର ଯୁଶିବ ଶଂକର ଯୋଗଦେଇ ଖଣି କ୍ଷେତ୍ରରେ କାମ କରୁଥିବା କର୍ମଚାରୀ ଅଧିକାରୀଙ୍କ ସୁରକ୍ଷାକୁ ସର୍ବୋପରି ଗୁରୁତ୍ୱ ଦେଇ ଡିଜିଏମଏସ୍ ଦ୍ୱାରା ଆଧାରିତ ସୁରକ୍ଷା କାର୍ଯ୍ୟ ପ୍ରଣାଳୀ (ଏସୋପି) ପ୍ରସ୍ତୁତି ଉପରେ ନୂତନ ନିର୍ଦ୍ଦେଶ ଜାରି କରାଯାଇଛି। ଏହି ନିୟମ ଆଧାରିତ ଉପଦେଶ ଖଣି ଅଞ୍ଚଳରେ ଦୁର୍ଘଟଣା ହ୍ରାସ୍ କରିବା ସହ କର୍ମଚାରୀଙ୍କ ଜୀବନର ସୁରକ୍ଷାକୁ ଆହୁରି ଶକ୍ତିଶାଳୀ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍‌ସିଏଲ୍ ଲଖନପୁର କୋଇଲା କ୍ଷେତ୍ର, ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର, ବସୁନ୍ଧରା କୋଇଲା କ୍ଷେତ୍ର, ମହାଲକ୍ଷ୍ମୀ କୋଇଲା କ୍ଷେତ୍ର, ଓରିଏଣ୍ଟ କୋଇଲା କ୍ଷେତ୍ର, ଏନ୍‌ଟିପିସି ଦର୍ଲିପାଲି ଅଧୀନ ଦୁଲଙ୍ଗା କୋଇଲା କ୍ଷେତ୍ର, ବେଦାନ୍ତ କମ୍ପାନୀ ପକ୍ଷରୁ ଜାମକାନୀ କୋଇଲା ପ୍ରୋଜେକ୍ଟ, ଏନଏଲସି ପକ୍ଷରୁ ତଲାବିରା ଓସିପି ୨ ଓ ୩ , ଓସିପିଏଲ ପକ୍ଷରୁ ମନୋହରପୁର କୋଇଲା କ୍ଷେତ୍ର ଅଧିକାରୀ ଯୋଗଦେଇ ନିୟମ ଅନୁସାରେ କିଭଳି ସୁରକ୍ଷା ବ୍ୟବସ୍ଥା ଖଣି କ୍ଷେତ୍ରରେ କରାଯାଉଛି ତାର ବିବରଣୀ ପ୍ରଦର୍ଶନ କରିଥିଲେ। ଅତିଥି ଭାବେ ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅୱଦ କିଶୋର ପାଣ୍ଡେ, ଇବ୍‌ଭ୍ୟାଲି କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଜିତେନ୍ଦ୍ର ତିୱାରୀ, ବସୁନ୍ଧରା କୋଇଲା କ୍ଷେତ୍ର ମହାପ୍ରବନ୍ଧକ ବୁଛୁ ରେଡ୍ଡୀ, ମହାଲକ୍ଷ୍ମୀ କୋଇଲା କ୍ଷେତ୍ର ମହାପ୍ରବନ୍ଧକ ସଞ୍ଜୀବ କୁମାର, ଓରିଏଣ୍ଟ କୋଇଲାକ୍ଷେତ୍ର ମହାପ୍ରବନ୍ଧକ ଅଜୟ ନାମଯୋଷୀ, ତରୁନ୍ ବେହେରା, ଏମସିଏଲ ମୁଖ୍ୟ କାର୍ଯ୍ୟାଳୟ ମହାପ୍ରବନ୍ଧକ ଏମ୍‌ଆଣ୍ଡଆର୍ ସୁନୀଲ କୁମାର ସର୍ମା ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ କୋଇଲାଖଣି ମାନଙ୍କରେ କାମ କରୁଥିବା ବହୁ ପଦାଧିକାରୀ କର୍ମଚାରୀ ଯୋଗ ଦେଇଥିଲେ। ଲଖନପୁର କୋଇଲାକ୍ଷେତ୍ର ଏରିଆ ପର୍ସନାଲ ମ୍ୟାନେଜର ପ୍ରଦୀପ କୁମାର ମୁଣ୍ଡି , ଏରିଆ ସିକ୍ୟୁରିଟି ଅଧିକାରୀ ନିରଞ୍ଜନ ପଟେଲ ସହଯୋଗ କରିଥିଲେ।




# 'ଗୋଳାବାରୁଦ କାରଖାନା ନୁହେଁ, କୃଷି ଓ ପର୍ଯ୍ୟଟନଭିତ୍ତିକ ଶିଳ୍ପ ଆବଶ୍ୟକ'

ଦେବଗଡ଼,୨୫।୪(ସମିସ): ଶିଳ୍ପ ବିହୀନ ଦେବଗଡ଼ ଜିଲ୍ଲାରେ ଏକ ଗୋଳାବାରୁଦ କାରଖାନା ପ୍ରତିଷ୍ଠା ନିମନ୍ତେ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ତେବେ ପ୍ରସ୍ତାବିତ ଏହି ଗୋଳାବାରୁଦ କାରଖାନା ପ୍ରତିଷ୍ଠାକୁ ନେଇ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଆପତ୍ତି ଉଠାଇଛନ୍ତି। ଆଜି ସ୍ଥାନୀୟ ବଡ଼ବଗିଚା ପଡ଼ିଆ ଠାରେ ଜିଲ୍ଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ବିଭିନ୍ନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ ଉତ୍ସବରେ ସମ୍ମାନିତ ଅତିଥି ଭାବେ ବିଧାୟକ ଶ୍ରୀ ବିଶ୍ୱାଳ ଯୋଗଦେଇ ଉଦ୍‌ବୋଧନ ଦେବା ଅବସରରେ ଏହା କହିଥିଲେ। ଦେବଗଡ଼ ଜିଲ୍ଲାର ପରିବେଶ ଏକ ସୁସ୍ଥ ଏବଂ ଶାନ୍ତ ପରିବେଶ ହୋଇଥିବାରୁ କୌଣସି ଗୋଳା ବାରୁଦ କାରଖାନାରେ ଆବଶ୍ୟକତା ନାହିଁ। ବରଂ ଦେବଗଡ ଜିଲାରେ କୃଷି ଭିତ୍ତିକ ଓ ପର୍ଯ୍ୟଟନ ଭିତ୍ତିକ ଶିଳ୍ପ ସ୍ଥାପନ ହେଲେ ଜିଲ୍ଲାବାସୀ ବେଶ ଉପକୃତ ହୋଇପାରିବେ। ତେବେ ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ନଗର ଉନ୍ନୟନ ମନ୍ତ୍ରୀ ରବି ନାୟକ ତାଙ୍କର ଅଭିଭାଷଣ ଦେଇ ଦେବଗଡ ଜିଲ୍ଲାରେ ନିଶ୍ଚିତ ଭାବେ କୃଷି ଭିତ୍ତିକ ଓ ପର୍ଯ୍ୟଟନ ଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବ ବୋଲି ପ୍ରତିଶ୍ରୁତି ଦେବାସହ ଅର୍ଥନୈତିକ ଅଭିବୃଦ୍ଧି ଦୃଷ୍ଟିରୁ ଗୋଳାବାରୁଦ କାରଖାନା ପ୍ରତିଷ୍ଠାର ମଧ୍ୟ ଆବଶ୍ୟକତା ରହିଥିବା ସପକ୍ଷରେ ଯୁକ୍ତି ବାଢିଥିଲେ। ଏଠାରେ ସୂଚନା ଯୋଗ୍ୟ ଯେ, ଏହି ସଭାରେ ମୁଖ୍ୟ ଅତିଥି ଭାବେ ସମ୍ବଲପୁର ଲୋକସଭା ସଦସ୍ୟ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ।



ଜିଲ୍ଲାପାଳଙ୍କ ଅଚାନକ ପରିଦର୍ଶନ

# ଖରାରେ ଶ୍ରମିକ କାମ କରୁଥିବାରୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ତାଗିଦ୍

ଝାରସୁଗୁଡ଼ା,୨୫।୪(ସମିସ)

ଝାରସୁଗୁଡ଼ା ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହର ପ୍ରଭାବକୁ ଦୃଷ୍ଟିରେ ରଖି ଜିଲ୍ଲା ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ସ୍ୱତନ୍ତ୍ର ମାର୍ଗଦର୍ଶିକାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ନିର୍ଦ୍ଦେଶ ଦେଇଛନ୍ତି। ଆଜି କ୍ଷେତ୍ର ପରିଦର୍ଶନ ସମୟରେ ମଧ୍ୟାହ୍ନ ପ୍ରାୟ ୧୨ଟା ବେଳେ କିଛି ସ୍ଥାନରେ ଶ୍ରମିକମାନେ କାର୍ଯ୍ୟ କରୁଥିବା ଦେଖି ଜିଲ୍ଲାପାଳ ସମ୍ପୃକ୍ତ ବିଭାଗ ଓ ଠିକାଦାରଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ଘଟଣାକୁ ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ଶ୍ରୀ ଚହ୍ୱାଣ ପୂର୍ତ୍ତ ବିଭାଗର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଟେଲିଫୋନ୍ ଯୋଗେ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ବିଭାଗ ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ଠିକାଦାର ଓ ନିର୍ମାଣ ସଂସ୍ଥାଙ୍କୁ ତୁରନ୍ତ ଚେତାବନୀ ଜାରି କରିବାକୁ ସେ କହିଛନ୍ତି। ସରକାରୀ ଗାଇଡଲାଇନ୍ ଉଲ୍ଲଂଘନ କରି ଯଦି କୌଣସି ଠିକାଦାର ଶ୍ରମିକଙ୍କୁ ଖରାରେ କାମ କରାନ୍ତି, ତେବେ ସେମାନଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସ୍ପଷ୍ଟ କରିଛନ୍ତି। ଝାରସୁଗୁଡ଼ାରେ ବର୍ତ୍ତମାନ ଜାରି ରହିଥିବା ଭୟଙ୍କର ଗ୍ରୀଷ୍ମ ପ୍ରବାହ ସମ୍ପର୍କରେ ସେ ଶ୍ରମିକମାନଙ୍କୁ ସତର୍କ କରାଇବା ସହ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ ଦେଇଥିଲେ। ବିଶେଷ କରି ମଧ୍ୟାହ୍ନର ପିକ୍ ଆୱାର୍ ସମୟରେ ବାହାରେ କାମ ନକରି ଘର ଭିତରେ କିମ୍ବା ନିରାପଦ ସ୍ଥାନରେ ରହିବାକୁ ସେ ଅନୁରୋଧ କରିଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ଦୁଇଦିନ ପୂର୍ବରୁ ରେଳବାଇ ଓଭରବ୍ରିଜ୍ କାର୍ଯ୍ୟସ୍ଥଳରେ ନିୟମ ଉଲ୍ଲଂଘନ ଅଭିଯୋଗରେ ଶ୍ରମ ବିଭାଗ ଚଢ଼ାଉ କରି ନୋଟିସ୍ ଜାରି କରିଥିଲା। ଜିଲ୍ଲାପାଳଙ୍କ ଏହି ପ୍ରତ୍ୟକ୍ଷ ହସ୍ତକ୍ଷେପ ପରେ ସମଗ୍ର ଜିଲ୍ଲାରେ ଶ୍ରମିକ ସୁରକ୍ଷା ନିୟମକୁ ଅଧିକ କଡ଼ାକଡ଼ି କରାଯାଇଛି।



# ପ୍ରେକ୍ଷାଳୟରେ ବିନ୍ଦୁସାଗର





ଓଲିଉଡ୍ ସିନେ ଇଣ୍ଡଷ୍ଟ୍ରି ଏବେ ଯୁବପିଢ଼ିଙ୍କ କାନ୍ଧରେ। ଯୁବ କୁଶଳୀ ଟେକ୍ନିସିଆନ୍ସଙ୍କ ମାଧ୍ୟମରେ ଓଡ଼ିଆ ସିନେ ଇଣ୍ଡଷ୍ଟ୍ରିର ଶୁଭ ଦିନ ଆସିଛି। ଆମ ମାଟିର ମୌଳିକ କାହାଣୀକୁ ନେଇ ଗୋଟିଏ ପରେ ଗୋଟିଏ ହିଟ୍ ସିନେମା ଭେଟି ଦେଉଛନ୍ତି ଓଡ଼ିଆ ସିନେ ଦର୍ଶକଙ୍କୁ । ସେହିପରି ଏକ ୟଙ୍ଗ ଟ୍ୟାଲେଣ୍ଟେଡ ଗ୍ରୁପ୍ ଭେଟି ଦେଇଛନ୍ତି ନୂଆ ଓଡ଼ିଆ ଚଳଚ୍ଚିତ୍ର 'ବିନ୍ଦୁସାଗର'। ଏହି ଚଳଚ୍ଚିତ୍ରଟି ସାରା ଭାରତରେ ୮୫ଟି ପ୍ରେକ୍ଷାଳୟରେ ମୁକ୍ତିଲାଭ କରିଛି । ମୁମ୍ବାଇର ଶିଳାଦିତ୍ୟ ବୋରା ଏହାର ପ୍ରଯୋଜନା କରିଥିବା ବେଳେ ଯୁବ ନିର୍ଦ୍ଦେଶକ ଅଭିଷେକ ସ୍ୱାଇଁ ନିର୍ଦ୍ଦେଶନା ଦେଇଛନ୍ତି । ଏହାର କାହାଣୀ ଅଭିଷେକ ଦାସ ରଚନା କରିଛନ୍ତି । ପ୍ରକୃତି ମିଶ୍ର, ଦୀପନ୍ୱିତ ଦାସ ମହାପାତ୍ର, ସତ୍ୟ ରଞ୍ଜନ, ସୋନାଲି ଶର୍ମିଷ୍ଠାଙ୍କ ସମେତ ବଲିଉଡ୍ କଳାକାର ରବୀନ ଦାସ, ଜଗନ୍ନାଥ ସେଠ ପ୍ରମୁଖ ଅଭିନୟ କରିଛନ୍ତି। ବର୍ତ୍ତମାନ 'ବିନ୍ଦୁସାଗର'କୁ ନେଇ ସିନେ ଦର୍ଶକ ଭିତରେ ଚର୍ଚ୍ଚା ଲାଗି ରହିଛି। ■

## ସାକ୍ଷାତକାର

ପିଲାଟି ଦିନରୁ ଓଡ଼ିଶୀ ନୃତ୍ୟ ଶିଖିବାରେ ତାଙ୍କର ଆଗ୍ରହ ଥିଲା। ସେ ଓଡ଼ିଶୀ ନୃତ୍ୟ ଶିଖିଲେ। ପରବର୍ତ୍ତୀ ସମୟରେ ଅଭିନେତ୍ରୀ ହେବା ଉଦ୍ଦେଶ୍ୟରେ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ବନାଇ ପୋଷ୍ଟ କରିଥିଲେ। ଇନ୍‌ଷ୍ଟାଗ୍ରାମ୍‌ରେ ତାଙ୍କର ପ୍ରଶଂସକଙ୍କ ସଂଖ୍ୟା ଅଧିକ ଥିଲା। ସୌଭାଗ୍ୟବଶତଃ ଇନ୍‌ଷ୍ଟାଗ୍ରାମ୍ ଯୋଗୁଁ ତାଙ୍କୁ ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ମିଳିଲା। ବର୍ତ୍ତମାନ ଆଲବମ୍ ଜଗତରେ ସେ ଜଣେ ଜଣାଶୁଣା ନାୟିକା। 'ରଜ ପାନ ଖାଇ ଦୋଳି ଖେଳିବ ଆସ' ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ। ସେ ପାଖାପାଖି ୧୨ଟି ମ୍ୟୁଜିକ୍ ଭିଡିଓରେ କାମ କରିଛନ୍ତି। ଦୁଇଟି ସିନେମାରେ ଶିଶୁ କଳାକାର ଭାବେ ମଧ୍ୟ ଅଭିନୟ କରିଛନ୍ତି। ବଡ଼ ପରଦାରେ ନିଜ ଭାଗ୍ୟ ପରୀକ୍ଷା କରିବାକୁ ଇଚ୍ଛା ରଖିଥିବା ଏହି ଉଦୀୟମାନ ଅଭିନେତ୍ରୀ ଜଣକ ହେଉଛନ୍ତି କଟକର ଦିଶା। ରିଲ୍‌ରୁ ନାୟିକା ହେବାର ଯାତ୍ରା କେମିତି ଥିଲା ଜାଣିବା ତାଙ୍କ ମୁହଁରୁ।



# "ସଂଘର୍ଷ ବିନା ସଫଳତା ଅସମ୍ଭବ"

**ଦିଶା, ଅଭିନେତ୍ରୀ**

**ରିଲ୍‌ରୁ ରିଅଲ୍ ନାୟିକା ହେବା ପଛର ରାଜ୍?**

● ପିଲାଦିନୁ ମୁଁ ଓଡ଼ିଶୀ ଶିଖୁଥିଲି। ଏହା ପରେ ମୋତେ ଅଭିନେତ୍ରୀ ହେବାକୁ ଇଚ୍ଛା ହେଲା। ତେଣୁ ପାଠ ପଢ଼ା ସହିତ ଅନ୍ୟ ସମୟରେ କିଛି କିଛି ରିଲ୍‌ସ କରି ଇନ୍‌ଷ୍ଟାଗ୍ରାମ୍‌ରେ ସେୟାର୍ କରୁଥିଲି। ସୌଭାଗ୍ୟବଶତଃ ଏହି ରିଲ୍ ଦେଖି ବାବୁ ଭାଇ ମୋତେ 'ରଜ ପାନ ଖାଇ ଦୋଳି ଖେଳିବ ଆସ' ମ୍ୟୁଜିକ୍ ଭିଡିଓରେ କାମ କରିବାକୁ ସୁଯୋଗ ଦେଇଥିଲେ। ଏଥିରେ ମୋ ସହ-କଳାକାର ଥିଲେ ନେହା ନାଗେଶ୍ୱରୀ । ଏହାବାଦ୍ ଅନେକ ମ୍ୟୁଜିକ୍ ଭିଡିଓ କରିଛି। ହେଲେ ସବୁଠୁ ଟ୍ରେଣ୍ଡିଂରେ ରହିଛି 'କଜଳ' ମ୍ୟୁଜିକ୍ ଭିଡିଓ। ଏଥିରେ ମୋ ବିପକ୍ଷରେ ଥିଲେ ଦେବ ଭାଇ। ଏହି ମ୍ୟୁଜିକ ଭିଡିଓକୁ ଦର୍ଶକଙ୍କର ବହୁତ ଭଲପାଇବା ମିଳିଛି। କେବଳ ସେତିକି ନୁହେଁ, ମୁଁ 'ଇସ୍କ ଟ୍ରାଫିକ୍' ଏବଂ 'ମିଲେଟ୍ ଡାଏରୀ' ପରି ସିନେମାରେ ଶିଶୁ କଳାକାର ଭୂମିକାରେ ଅଭିନୟ କରିଛି। ମିଲେଟ୍ ଡାଏରୀରେ ଅଭିଷେକ ଭାଇ ଓ ଶିବାନୀ ଦିଦିଙ୍କ ସହ ମୋତେ କାମ କରିବାକୁ ସୁଯୋଗ ମିଳିଥିଲା।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**

● ମୋତେ ମୋର ପ୍ରଥମ ମ୍ୟୁଜିକ୍ ଭିଡିଓରୁ ପାଞ୍ଚ ହଜାର ଟଙ୍କା ମିଳିଥିଲା। ଏହାକୁ ମୋ ବାପା-ମା'ଙ୍କୁ ଦେଇଥିଲି।

**ଦିଶାଙ୍କ ରୁଚି?**

● ପେଣ୍ଟିଂ କରେ। ପଢ଼ାପଢ଼ି କରିବାକୁ ଭଲ ପାଏ। ଅଧିକାଂଶ ସମୟରେ ଭବିଷ୍ୟତରେ କେମିତି ଜଣେ ଭଲ ଅଭିନେତ୍ରୀ ହେବି ସେନେଇ ଅଭିନୟ ଅଭ୍ୟାସ କରୁଥାଏ।

**ଅଭିନୟ ସହିତ ପଢ଼ାକୁ କେମିତି ସମୟ ଦିଅନ୍ତି?**

● ପ୍ରଥମେ ମୁଁ ପାଠ ପଢ଼ାକୁ ଗୁରୁତ୍ୱ ଦିଏ। ଅଭିନୟ ପାଇଁ କେବେ ବି ପଢ଼ାରେ ହେଳା କରେନି। ଅଧିକାଂଶ ସୁଟିଂ ମୁଁ ଛୁଟିଦିନରେ କରିଥାଏ।

**ସୁଟିଂ ସେଟ୍‌ର ଅଭୁଲା ସ୍ମୃତି?**

● ମ୍ୟୁଜିକ୍ ଭିଡିଓ 'କଫି'ର ସୁଟିଂ କରିବାକୁ ଆମେ କୋରାପୁଟ ଯାଇଥିଲୁ। ଏଥିରେ ମୋ ବିପକ୍ଷରେ ଥିଲେ ଦେବ ଭାଇ। ଗୀତଟି ଆମର ଦେଓମାଳିରେ ସୁଟିଂ ହେଉଥିଲା। ଡିସେମ୍ବର ମାସ ହୋଇଥିବାରୁ ସେତେବେଳେ ପ୍ରବଳ ଥଣ୍ଡା ହେଉଥିଲା। ଯେହେତୁ ବିନା ଜ୍ୟାକେଟ୍‌ରେ ଆମକୁ ଗୀତ କରିବାକୁ ଥିଲା, ତେଣୁ ସର୍ଟ ଡ୍ରେସ୍‌ରେ ଆମେ ସଟ୍ ଦେଉଥିଲୁ। ପୂରା ଥରି ଥରି କାମ କରିଥିଲୁ। ଥଣ୍ଡା ଯୋଗୁଁ ଅଭିନୟ ବି ଭଲ ହୋଇଥିଲା।

**ଆଗାମୀ ଯୋଜନା?**

● ଆଗକୁ ବଡ଼ ପରଦାରେ ମୁଖ୍ୟ ଭୂମିକାରେ ଆସିବାକୁ ବହୁତ ଇଚ୍ଛା ଅଛି। ତେବେ ଆଶା କରିବି ଯାହା ବି ଚରିତ୍ର ମିଳିବ ସବୁଥିରେ ଭଲ କରିବି। ଦର୍ଶକଙ୍କ ମନୋରଞ୍ଜନ କରିବି। ତେବେ କ୍ୟାମେରା ସାମ୍ନାରେ ଏକାଧିକ ମ୍ୟୁଜିକ୍ ଭିଡିଓରେ କାମ କଲା ପରେ ଦର୍ଶକଙ୍କ ସହ ସିଧାସଳଖ ଯୋଡ଼ି ହୋଇ ରହିବାକୁ ଇଚ୍ଛା ରହିଛି।

**ଅଭିନୟ ଜଗତକୁ ଆସୁଥିବା ଯୁବ ପିଢ଼ିଙ୍କୁ କ'ଣ କହିବେ?**

● ଆଜିକାଲି ଅନ୍‌ଲାଇନ୍ ସବୁକିଛି କାମ ସହଜ ହେଉଛି। ତେଣୁ ଗୋଟିଏ କଥା କହିବି ଏହି ଲାଇନ୍‌କୁ ଯେଉଁମାନେ ଆସୁଛନ୍ତି ସିରିୟସ୍ ହୋଇ ଆସନ୍ତୁ। କଠିନ ପରିଶ୍ରମ କରନ୍ତୁ। ସଂଘର୍ଷ ନ କଲେ କେବେ ବି ସଫଳତା ପାଇ ପାରିବେ ନାହିଁ। ପାଠ ପଢ଼ା ସହିତ ଅଭିନୟ ଜାରି ରଖିପାରିବେ। ଇନ୍‌ଷ୍ଟାଗ୍ରାମରେ ସକାରାତ୍ମକ ଭିଡିଓ ବନାଇ ନିଜ ପ୍ରତିଭାକୁ ଲୋକଲୋଚନକୁ ଆଣିପାରିବେ। ■

## ନୂଆ ରୋମାଣ୍ଟିକ୍ ଗୀତ

# 'ସହରର ବତୀ ଲିଭିଗଲା ପରେ'

ରିଲିଜ୍ ହୋଇଛି ରହସ୍ୟ-ରୋମାଞ୍ଚ ଭରା ନୂଆ ରୋମାଣ୍ଟିକ୍ ଗୀତ 'ସହରର ବତୀ ଲିଭିଗଲା ପରେ' । 'ସାମ୍ ମ୍ୟୁଜିକ୍' ଓଡ଼ିଆ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ଗୀତଟି ରିଲିଜ୍ ହୋଇଛି। ଏହି ଗୀତରେ କଣ୍ଠଦାନ କରିଛନ୍ତି ଯୁବ କଣ୍ଠଶିଳ୍ପୀ ସତ୍ୟଜିତ୍ ଜେନା। ଏଥିରେ ଡେବ୍ୟୁ କରିଛନ୍ତି ଆରଜେ ସୋନାଲି (ସୋନାଲି ଆଚାର୍ଯ୍ୟ) । ଲୋକପ୍ରିୟ ଭଜନ 'ଜଗା ତୁ ଯାଦୁଗର'ର ଗୀତିକାର ରାମକୃଷ୍ଣ ବାରିକ ଏହି ଗୀତ ଲେଖିଥିବା ବେଳେ ସୌମିତ୍ରୀ ପଲାଇ ନିଜ ମ୍ୟୁଜିକର ଯାଦୁ ଦେଖାଇଛନ୍ତି । ଏହାର ଡବିଂ ରୋହିତ ଗୁରୁ ଓ ମିକ୍ସିଂ ମାଷ୍ଟରିଂ ସ୍ମୃତିରଞ୍ଜନ ସାମଲ କରିଛନ୍ତି। ତେବେ ରାତି, ରାଜଧାନୀ, ରହସ୍ୟକୁ ନେଇ ରଚିତ ଏହି ରୋମାଞ୍ଚଭରା ଗୀତଟି ଦୀର୍ଘ ଦିନ ପରେ ଓଡ଼ିଶା ସଂଗୀତ ଦୁନିଆକୁ ଫେରିଛି। ଏହି ଗୀତଟିକୁ ଓଟିଟି ଏବଂ ୟୁଟ୍ୟୁବରେ ଦର୍ଶକେ ଖୁବ୍ ପସନ୍ଦ କରିଛନ୍ତି। ■



## ସମ୍ବଲପୁରର ନୂଆ ସ୍ୱର

# ଅଦ୍ୱୈତା ମିଶ୍ର



ସମ୍ବଲପୁରର ଅଦ୍ୱୈତା ମିଶ୍ର ଏମିତି ଏକ ମନୋମୋହନୀ ସ୍ୱରର ଅଧିକାରିଣୀ, ଯିଏ ତାଙ୍କର ଯାଦୁଗରୀ ସ୍ୱର ପାଇଁ ଖୁବ୍ ପ୍ରଶଂସା ସାଉଁଟୁଛନ୍ତି । ଧନୁପାଲି ଅଞ୍ଚଳର ମହାବୀର ପଡ଼ାର ନିବାସୀ ଅଂଶୁମାନ ମିଶ୍ର ଓ ସୀମାରେଖା ମିଶ୍ରଙ୍କ ଝିଅ ହେଲେ ଅଦ୍ୱୈତା। ପିଲାବେଳୁ ତାଙ୍କର ସଙ୍ଗୀତ ପ୍ରତି ଆଗ୍ରହ ଥିଲା। ନିୟମିତ ଅଭ୍ୟାସ ଓ ପରିବାରର ସମର୍ଥନରେ ସେହି ଆଗ୍ରହ ଜୀବନର ମୁଖ୍ୟ ଅଂଶରେ ପରିଣତ ହୋଇଛି। ତା'ସହ ତାଙ୍କ ପ୍ରତିଭାକୁ ବିକଶିତ କରୁଛି। ପ୍ରସାରଭାରତୀ ଦୂରଦର୍ଶନରେ ପ୍ରସାରିତ 'ଆମରି ଗୀତ ଆମରି ସ୍ୱର ସିଜନ୍–୪' (ଜୁନିୟର) ପ୍ରତିଯୋଗିତାରେ ସେ ଫାଇନାଲ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ। ଯାହା ତାଙ୍କୁ ରାଜ୍ୟସ୍ତରରେ ପରିଚିତ କରାଇଥିଲା। ଅଦ୍ୱୈତାଙ୍କ ସ୍ୱରରେ ଏକ ଅପୂର୍ବ ମଧୁରତା ଓ ଶକ୍ତିର ସମନ୍ୱୟ ଦେଖିବାକୁ ମିଳେ। ସେ ପ୍ରତ୍ୟେକ ଗୀତ ସହିତ ଗଭୀର ସଂଯୋଗ ସ୍ଥାପନ କରିପାରୁଛନ୍ତି, ଯାହା ତାଙ୍କୁ ଅନ୍ୟ ଯୁବ ପ୍ରତିଭାମାନଙ୍କଠାରୁ ଅଲଗା କରେ। ସେ ସୋସିଆଲ୍ ମିଡିଆରେ ସକ୍ରିୟ ରହି ନିଜ ସଙ୍ଗୀତ ଯାତ୍ରାକୁ ଜାରି ରଖିଛନ୍ତି। ନିଷ୍ଠା, ପ୍ରତିଭା ଓ ପରିବାରର ସମର୍ଥନ ସହିତ ଅଦ୍ୱୈତା ଆଗାମୀ ଦିନରେ ଓଡ଼ିଆ ସଙ୍ଗୀତ ଜଗତରେ ଏକ ଦୃଢ଼ ପରିଚୟ ଗଢ଼ିବେ ବୋଲି ଆଶା କରାଯାଉଛି। ■

# ଗାଁରେ ରଜ କୁଇନ୍‌ର 'ଗାଲା ରାଉଣ୍ଡ'

'ଜୀ ସାର୍ଥକ'ର ଲୋକପ୍ରିୟ ରିଆଲିଟି ଶୋ' 'ରଜ କୁଇନ୍'ର ଗାଲା ରାଉଣ୍ଡ ଆରମ୍ଭ ହୋଇଛି। ଏଥର ଏହାର ଥିମ୍ ରହିଛି 'ଗାଁରେ ହେବ ଗାଲା ରାଉଣ୍ଡ'। ଯାହାକି ପ୍ରଥମ ଥର ପାଇଁ ରଜ କୁଇନ୍ ଇତିହାସରେ ଦେଖିବାକୁ ମିଳିଛି। ଏହି ପର୍ଯ୍ୟାୟରେ ପ୍ରତିଯୋଗୀ ଏବଂ ମେଣ୍ଟରମାନେ ସିଧାସଳଖ ଗାଁ ମାଟିରେ ନିଜର ଦକ୍ଷତା ପ୍ରଦର୍ଶନ କରିବା ସହ ଦର୍ଶକଙ୍କୁ ଓଡ଼ିଆ ସଂସ୍କୃତି ଓ ସରଳ ଜୀବନଶୈଳୀର ନିକଟତର କରାଇବେ। ଏହି ସ୍ୱତନ୍ତ୍ର ରାଉଣ୍ଡରେ ପ୍ରତିଯୋଗୀମାନଙ୍କୁ ବିଭିନ୍ନ ଗ୍ରାମୀଣ ଟାସ୍କ କରିବାକୁ ପଡ଼ିବ। ଏଇ ଯେମିତି କ୍ଷେତରୁ ବିଲାତି ବାଇଗଣ ତୋଳିବା, ଗାଁ ଲୋକଙ୍କ ସାହାଯ୍ୟରେ ଦେଶୀ ଚୁଲିରେ ରୋଷେଇ କରିବା, କୂଅରୁ ପାଣି କାଢ଼ିବା ଭଳି ଆହୁରି କିଛି କାମ। ଶୋ'କୁ ଅଧିକ ମନୋରଞ୍ଜନଧର୍ମୀ କରିବା ପାଇଁ ପପୁଲ୍ ଆନ୍ନା ନିଜର କମେଡି ତଡ଼କା ଲଗାଇବେ। ସେହିପରି ବିଚାରପତି ଭାବେ ଅଛନ୍ତି ଏଲିନା ଏବଂ ପୁପିନ୍ଦର। ଆଙ୍କର୍ ସୁଜିତ ଆଉ ଚାନ୍ଦିନୀଙ୍କ ଶୋ।' ସଂଚାଳନ କାର୍ଯ୍ୟକ୍ରମର ରୋମାଞ୍ଚକୁ ଦ୍ୱିଗୁଣିତ କରିବ। ପ୍ରତିଯୋଗୀଙ୍କୁ ମାର୍ଗଦର୍ଶନ ଦେବା ପାଇଁ ଜୀ-ସାର୍ଥକର ଲୋକପ୍ରିୟ ଧାରାବାହିକର ପ୍ରତିଷ୍ଠିତ ଯୋଡ଼ିମାନେ ମେଣ୍ଟର ଭାବେ ଯୋଗ ଦେଉଛନ୍ତି। ସେମାନେ ହେଲେ 'ତୁ ଖରା ମୁଁ ଛାଇ'ର ଅଭି ଓ ମାନି, 'ସାଥି ସାତ ଜନ୍ମର'ର ଦେବ୍ ଓ ଅର୍ଚ୍ଚନା, 'ସୁନା ଝିଅ'ର ସମ୍ଭବ ଓ ବଂଶୁ ଏବଂ 'ମୁଁ ନୁହେଁ ମୁଁ ତୁମ ବିନା'ର ସାଇ ଓ ଶ୍ରଦ୍ଧା। ■





ପରଦା ପଛର କାହାଣୀ

# ପ୍ରଶଂସକଙ୍କ ଚିଠିରୁ ନିର୍ମିତ ଗୀତ

୧୯୬୮ ମସିହାରେ ମୁକ୍ତିଲାଭ କରିଥିଲା ସୁପରହିଟ୍ ଫିଲ୍ମ 'ସରସ୍ୱତୀଚନ୍ଦ୍ର'। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଥିଲେ ଗୋବିନ୍ଦ ସରୈୟାନା ଓ କଲ୍ୟାଣଜୀ ଆନନ୍ଦଜୀ ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ। ଫିଲ୍ମର ପ୍ରତ୍ୟେକ ଗୀତ ସୁପରହିଟ୍ ହୋଇଥିଲା। ସେଥିମଧ୍ୟରୁ ଗୋଟିଏ ଗୀତ ପ୍ରଶଂସକଙ୍କ ଚିଠିରୁ ନିର୍ମିତ ହୋଇଥିଲା। "ଫୁଲ୍ ତୁମ୍‌ହେ ଭେଜା ହେ ଖତ୍ ମେଁ..." ଏହି ପ୍ରେମ ଗୀତଟି ପ୍ରଶଂସକ ଚିଠିରୁ ରଚିତ ହୋଇଥିଲା। ଏହି ରୋମାଣ୍ଟିକ୍ ଗୀତଟି ଦଶନ୍ଧି ଦଶନ୍ଧି ଧରି ଶ୍ରୋତାଙ୍କ ହୃଦୟରେ ରାଜ୍ କରି ଆସୁଛି। ସେ ସମୟରେ ଏହି ଗୀତ ପ୍ରେମିକପ୍ରେମିକାଙ୍କୁ ଚିଠିରେ ଫୁଲ ରଖି ଦେବା ପାଇଁ ପ୍ରେରିତ କରିଥିଲା। ଏହି ଫିଲ୍ମଟି ଏକ ଗୁଜରାଟୀ ଉପନ୍ୟାସକୁ ନେଇ ନିର୍ମାଣ ହୋଇଥିଲା। ଏଥିରେ ନୂତନ, ମନୀଷ, ବିଜୟ ଚୌଧୁରୀ, ରମେଶ ଦେଓ ପ୍ରମୁଖ ଅଭିନୟ କରିଥିଲେ।

ଇନ୍ଦୀବର ଫିଲ୍ମ ଗୀତ ରଚନା କରିଥିଲେ। ସେତେବେଳେ ଅଭିନେତାଅଭିନେତ୍ରୀଙ୍କ ସମେତ ପରଦା ପଛରେ ଥିବା ଗାୟକ ବା ସଙ୍ଗୀତକାରମାନଙ୍କୁ ମଧ୍ୟ ପ୍ରଶଂସକମାନେ ଚିଠି ପଠାଉଥିଲେ। ଫିଲ୍ମ ସଙ୍ଗୀତକାର କଲ୍ୟାଣଜୀ ଆନନ୍ଦଜୀଙ୍କୁ ଅନେକ ପ୍ରଶଂସକ ଚିଠି ପଠାଉଥିଲେ। ସେଥିମଧ୍ୟରୁ ଗୋଟିଏ ଚିଠି ଆନନ୍ଦଜୀଙ୍କ ପାଖକୁ ଆସିଥିଲା। ତା' ଭିତରେ ଗୋଟିଏ ଗୋଲାପ ଫୁଲ ଥିଲା। ଯାହା ଉପରେ ହାଲ୍‌କା ଲିପଷ୍ଟିକ୍ ଦାଗ ଥିଲା। ଏହାକୁ ଦେଖି ଆନନ୍ଦଜୀ ତାଙ୍କ ଭାଇ କଲ୍ୟାଣଜୀ ଏବଂ ଇନ୍ଦୀବରଙ୍କୁ ଦେଖାଇଥିଲେ। ଏହାକୁ ଦେଖି ଇନ୍ଦୀବରଙ୍କ ମନରେ ଏକ ନୂଆ ଚିନ୍ତାଧାରା ଆସିଲା। ଏହି ଚିଠିରେ ଗୀତର ମୁଖଡ଼ା ଅଛି ବୋଲି ସେ କହିଲେ। ସେ ସଙ୍ଗେ ସଙ୍ଗେ ଗୀତର ଧାଡ଼ି ରଚନା କଲେ। "ଫୁଲ ତୁମହେ ଭେଜା ହେ ଖତ୍ ମେ ଫୁଲ୍ ନେହିଁ ମେରା ଦିଲ୍ ହେ..." ଏହିପରି ଭାବେ ଏକ ସାଧାରଣ ଚିଠିରୁ ଏପରି ହୃଦୟସ୍ପର୍ଶୀ ପ୍ରେମଗୀତ ରଚିତ ହୋଇଥିଲା। ଏହାକୁ ଲୋକପ୍ରିୟ ଯୋଡ଼ି ଲତା ମଙ୍ଗେସକର୍ ଏବଂ ମୁକେଶ ଗାଇଥିଲେ। ■

### ପ୍ରଭସିମରନ-ଶ୍ରେୟସଙ୍କ ବିସ୍ଫୋରକ ବ୍ୟାଟିଂ: ରାହୁଲଙ୍କ ୧୫୨* ବ୍ୟର୍ଥ

# ରନ୍ ଚେଜ୍‌ରେ ପଞ୍ଜାବର ରେକର୍ଡ



ନୂଆଦିଲ୍ଲୀ,୨୫।୪(ଏଜେନ୍ସି):

ପ୍ରଭସିମରନ ସିଂହ (୨୬ବଲ୍‌ରେ ୭୬ରନ) ଓ ଶ୍ରେୟସ ଆୟର (୩୬ବଲ୍‌ରେ ୭୧ ରନ୍)ଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ପଞ୍ଜାବ କିଙ୍ଗ୍‌ସ ୬ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ପରାସ୍ତ କରି ରନ୍ ଚେଜ୍‌ରେ ରେକର୍ଡ ବିଜୟ ହାସଲ କରିଛି। ଏହି ମ୍ୟାଚ୍‌ରେ ଲୋକେଶ ରାହୁଲ ପ୍ରଥମ ଭାରତୀୟ ଭାବେ ୧୫୨* ଓ ନୀତିଶ ରାଣା ୯୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍ କରିଥିଲା। ଏହା ପରେ ୨୬୫ ରନ୍‌ର ଟାର୍ଗେଟକୁ ପିଛା କରି ପଞ୍ଜାବ କିଙ୍ଗ୍‌ସ ୭ଟି ବଲ ଓ ୬ ୱିକେଟ ବାକିଥାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଏହା ଫଳରେ ଆଇପିଏଲ୍ ଇତିହାସରେ ସର୍ବାଧିକ ୨୬୫ ରନ୍‌ର ଟାର୍ଗେଟକୁ ହାସଲ କରି ନିଜ ରେକର୍ଡ ନିଜେ ପଞ୍ଜାବ ଭାଙ୍ଗିଦେଇଥିଲା। ପୂର୍ବରୁ ୨୦୨୪ ସଂସ୍କରଣରେ କୋଲକାତା ନାଇଟ ରାଇଡର୍ସ ବିପକ୍ଷ ମ୍ୟାଚ୍‌ରେ ୨୬୨ ରନ୍ ଟାର୍ଗେଟକୁ ହାସଲ କରି ଏହି ରେକର୍ଡ କରିଥିଲା। ଏହି ମ୍ୟାଚ୍‌ରେ ସର୍ବାଧିକ ୮୨ଟି ବାଉଣ୍ଡାରୀ ମରାଯାଇଥିଲା। ଏହା ମଧ୍ୟରେ ୪୯ଟି ଚୌକା ଓ ୩୩ଟି ଛକା ସାମିଲ ରହିଛି। ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୬୭ଟି ବଲ୍‌ରେ ୧୬ ଚୌକା ଓ ୯ଟି ଛକା ମାରିଥିବା ଲୋକେଶ ରାହୁଲଙ୍କୁ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ଏହି ମ୍ୟାଚ ଜିତିବା ସହ ପଞ୍ଜାବ କିଙ୍ଗ୍‌ସ ଚଳିତ ସିଜନରେ ଅପରାଜେୟ ରହିଛି। ଦଳ ୭ଟି ମ୍ୟାଚ୍‌ରୁ ୬ ବିଜୟ ଓ ଗୋଟିଏ ବାତିଲ ମ୍ୟାଚ୍‌ରୁ ୧୩ ପଏଣ୍ଟ ପାଇ ଟେବୁଲର ପ୍ରଥମ ସ୍ଥାନରେ ରହିଛି। ଅନ୍ୟ ପକ୍ଷରେ ଦିଲ୍ଲ କ୍ୟାପିଟାଲ୍ସ ୭ମ ମୁକାବିଲା ପରେ ଚତୁର୍ଥ ପରାଜୟ ବରଣ କରିଛି।

ଏଠାରେ ଆଜି ଖେଳାଯାଇଥିବା ଆଇପିଏଲ ମ୍ୟାଚ୍‌ରେ ରନ୍ ବର୍ଷା ହୋଇଥିଲା। ଘରୋଇ ଦଳ ଦିଲ୍ଲୀ କ୍ୟାପିଟାଲ୍ସ ପ୍ରତିପକ୍ଷ ପଞ୍ଜାବ କିଙ୍ଗ୍‌ସକୁ ରେକର୍ଡ ୨୬୫ ରନ୍‌ର ବିଜୟ ଲକ୍ଷ୍ୟ ଦେଇଥିଲା। ଏହି ଲକ୍ଷ୍ୟକୁ ପିଛା କରି ପଞ୍ଜାବର ଦୁଇ ଓପନର ପ୍ରଭସିମରନ ସିଂହ ଓ ପ୍ରିୟାଂଶ ଆର୍ଯ୍ୟ ୪୧ ବଲ୍‌ରେ ୧୨୬ ରନ୍ ଉଠାଇ ବିଜୟ ଲାଗି ବଡ଼ ମୂଳଦୁଆ ପକାଇଥିଲେ। ପ୍ରଭସିମରନ ୨୬ବଲ୍‌ରେ ୯ଚୌକା ଓ ୫ଛକା ସହ ୭୬ ଓ ପ୍ରିୟାଂଶ ଆର୍ଯ୍ୟଙ୍କ ସହ ୪୧ବଲ୍‌ରେ ୨ ଚୌକା ଓ ୫ଛକା ସହ ୪୩ ରନ୍ କରିଥିଲେ। ଏମାନଙ୍କ ଆଉଟ ପରେ ଦୁଇଥର ସହଜ ଜୀବନଦାନ ପାଇଥିବା ଶ୍ରେୟସ ଆୟର ଅନ୍ୟ ଦୁଇଟି ପାର୍ଟନରସିପ୍‌ରେ ଦମ୍‌ଦାର ବ୍ୟାଟିଂ କରି ଦଳକୁ ଏହି ରେକର୍ଡ ବିଜୟ ଦେଇଥିଲେ। ଆୟର ଚତୁର୍ଥ ୱିକେଟରେ ନେହାଲ ୱାଧେରା(୨୫ରନ୍)ଙ୍କ ସହ ୩୧ବଲ୍‌ରୁ ୫୬ ଓ ଶଶାଙ୍କ ସିଂଙ୍କ ସହ ଅବିଭକ୍ତ ୫ମ ୱିକେଟରୁ ୨୬ ବଲ୍‌ରେ ୬୪ ରନ୍ ଉଠାଇ ଦଳକୁ ଜିତାଇଥିଲେ। ଶ୍ରେୟସ ଆୟର ୩୬ବଲ୍‌ରେ ୩ ଚୌକା ଓ ୭ ଛକା ସହ ୭୧ ରନ୍ କରି ଅପରାଜିତ ଥିଲେ। ଦିଲ୍ଲୀ ପକ୍ଷରୁ କୁଲଦୀପ ଯାଦବ ୨ଟି ୱିକେଟ ପାଇଥିଲେ।

ପୂର୍ବରୁ ଲୋକେଶ ରାହୁଲ ଓ ନୀତିଶ ରାଣା ଦ୍ୱିତୀୟ ୱିକେଟରେ ଦ୍ୱିତୀୟ ସର୍ବାଧିକ ୨୨୦ ରନ୍ ସଂଗ୍ରହ କରିବା ଫଳରେ ଦିଲ୍ଲୀ ୨ ୱିକେଟରେ ୨୬୪ ରନ୍‌ର ବିଶାଳ ସ୍କୋର କରିଥିଲା। ଏକାଧିକ ରେଡର୍କ କରିଥିବା ରାହୁଲ ୪୭ ବଲ୍‌ରେ ଷଷ୍ଠ ଆଇପିଏଲ ଶତକ ପୂରଣ କରିବା ପରେ ମୋଟ ୬୭ଟି ବଲ୍ ଖେଳି ୧୬ ଚୌକା ଓ ୯ ଛକା ସହ ୧୫୨ ରନ୍‌ରେ ଅପରାଜିତ ରହିଥିଲେ। ସେ ପ୍ରଥମ ଭାରତୀୟ ଖେଳାଳିଭାବେ ଆଇପିଏଲ୍‌ରେ ୧୫୦ ରନ୍ ପୂରଣ କରିଥିଲେ। ନୀତୀଶ ରାଣା ୪୪ବଲ୍‌ରୁ ୧୧ ଚୌକା ଓ ୪ ଛକା ସହ ୯୧ ରନ୍ କରିଥିଲେ।

**ଆଜିର ଆଇପିଏଲ୍ ମ୍ୟାଚ୍**

| ଚେନ୍ନାଇ ବନାମ ଗୁଜରାଟ | ଲକ୍ଷ୍ନୌ ବନାମ କୋଲକାତା |
|---|---|
| ଭେନ୍ୟୁ-ଚେନ୍ନାଇ | ଭେନ୍ୟୁ-ଲକ୍ଷ୍ନୌ |
| ଖେଳ ଆରମ୍ଭ : ଅପରାହ୍ନ ୩.୩୦ | ଖେଳ ଆରମ୍ଭ : ରାତି ୭.୩୦ |

ପ୍ରସାରଣ : ଷ୍ଟାର ସ୍ପୋର୍ଟ୍ସ, ଜିଓହଟ୍‌ଷ୍ଟାର

### ରେକର୍ଡ ପରେ ରେକର୍ଡ କଲେ ଲୋକେଶ

# ଭାରତୀୟ ଭାବେ ଆଇପିଏଲ୍‌ରେ ସର୍ବାଧିକ ରନ୍



ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ସ୍ଥାନୀୟ ଅରୁଣ ଜେଟ୍‌ଲୀ ଷ୍ଟାଡିୟମ୍‌ରେ ଶନିବାର ଖେଳାଯାଇଥିବା ପଞ୍ଜାବ କିଙ୍ଗ୍‌ସ ବିପକ୍ଷ ଆଇପିଏଲ୍-୨୦୨୬ର ୩୫ତମ ଲିଗ୍ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସର ଓପନର ଲୋକେଶ ରାହୁଲ ଅପରାଜିତ ୧୫୨ ରନ୍ କରିଛନ୍ତି। ସେ ମଧ୍ୟ ଦ୍ୱିତୀୟ ୱିକେଟ ପାର୍ଟନରସିପ୍‌ରେ ୯୫ ବଲ୍‌ରେ ୨୨୦ ରନ୍ ସଂଗ୍ରହ କରିଛନ୍ତି। ଏହା ଫଳରେ ରାହୁଲ ଓ ରାଣା ଆଇପିଏଲ୍ ଇତିହାସରେ ଏକାଧିକ ରେକର୍ଡ କରିବାରେ ସମର୍ଥ ହୋଇଛନ୍ତି।

**୧୫୨ ରନ୍- ତୃତୀୟ ସର୍ବାଧିକ:** ରାହୁଲ ୧୫୨ ରନ୍ କରିବା ଫଳରେ ଜଣେ ଭାରତୀୟ ଭାବେ ଆଇପିଏଲ୍‌ରେ ସର୍ବାଧିକ ରନ୍ କରିବାର ରେକର୍ଡ କରିଛନ୍ତି। ଏହା ପୂର୍ବରୁ ସନ୍‌ରାଇଜର୍ସର ଅଭିଷେକ ଶର୍ମା ୧୪୧ ରନ୍ କରି ଭାରତୀୟଙ୍କ ମଧ୍ୟରେ ଟପ୍ ସ୍କୋରର ଥିଲେ। ସେହିପରି ରାହୁଲଙ୍କ ସ୍କୋର ଆଇପିଏଲ୍‌ରେ ତୃତୀୟ ସର୍ବକାଳୀନ ସର୍ବାଧିକ ସ୍କୋର। ତାଙ୍କ ପୂର୍ବରୁ ଆର୍‌ସିବିର କ୍ରିସ୍ ଗେଲ୍ ପୁଣେ ୱାରିୟର୍ସ ବିପକ୍ଷରେ ୧୭୫ ରନ୍ କରି ପ୍ରଥମ ସ୍ଥାନରେ ରହିଛନ୍ତି। ସେହିପରି କୋଲକାତାର ବ୍ରେଣ୍ଡନ ମ୍ୟାକ୍‌କୁଲାମ ବେଙ୍ଗାଲୁରୁ ବିପକ୍ଷରେ ୧୫୮ ରନ୍ ଦ୍ୱିତୀୟ ସର୍ବାଧିକ ସ୍କୋରର ହୋଇଥିଲେ।

**ଦ୍ୱିତୀୟ ସର୍ବାଧିକ ପାର୍ଟନରସିପ୍:** ପଞ୍ଜାବ ଇନିଂସର ଦ୍ୱିତୀୟ ୱିକେଟରେ ରାହୁଲ ଓ ରାଣା ୨୨୦ ରନ୍ କରିଥିଲେ। ଆଇପିଏଲ୍‌ର ଦ୍ୱିତୀୟ ୱିକେଟରେ ଦ୍ୱିତୀୟ ସର୍ବାଧିକ। ପୂର୍ବରୁ ଗୁଜରାଟ ଲାୟନ୍ସ ବିପକ୍ଷରେ ଆର୍‌ସିବିର ଏବି ଡିଭିଲର୍ସ ଓ ବିରାଟ କୋହଲି ସର୍ବାଧିକ ୨୨୯ ରନ୍ କରିଛନ୍ତି। ଭାରତୀୟ ଯୋଡି ଖେଳିଥିବା ସମସ୍ତ ଟି-୨୦ରେ ଏହା ସର୍ବାଧିକ ପାର୍ଟନରସିପ୍। ପୂର୍ବରୁ ସିକିମ୍ ବିପକ୍ଷରେ ସୂର୍ଯ୍ୟକୁମାର ଯାଦବ ଓ ଶ୍ରେୟସ ଆୟର ୨୧୩ ରନ୍‌ର ପାର୍ଟନରସିପ୍ କରିଥିଲେ।

**୪୭ ବଲ୍‌ରେ ଶତକ:** ଲୋକେଶ ରାହୁଲ ଏଠାରେ ଶତକ ପୂରଣ କରିବା ଲାଗି ୪୭ଟି ବଲ୍‌ର ସହାୟତା ନେଇଥିଲେ। ଏହା ତାଙ୍କର ୬ଷ୍ଠ ତଥା ଦ୍ରୁତତମ ଶତକ। ଏହା ପୂର୍ବରୁ ସେ ୫୬ ବଲ୍‌ରେ ଶତକ ହାସଲ କରିଥିଲେ। ସେ ମଧ୍ୟ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ୪୬ଟି ବଲ୍‌ରେ ଶତକ ପୂରଣ କରିଛନ୍ତି।

**ଦ୍ୱିତୀୟ ସର୍ବାଧିକ:** ଏହି ମ୍ୟାଚ୍‌ରେ ଦିଲ୍ଲୀ ୪୨ଟି ବାଉଣ୍ଡାରୀ ମାରିଛି। ପୂର୍ବରୁ ୨୦୨୫ରେ ରାଜସ୍ଥାନ ରୟାଲ୍ସ ବିପକ୍ଷରେ ସନ୍‌ରାଇଜର୍ସ ୪୬ଟି ବାଉଣ୍ଡାରି ମାରିଥିଲା। ସେହିପରି ଏଠାରେ ଦିଲ୍ଲୀ ଶେଷ ୧୦ ଓଭରରେ ୧ ୱିକେଟରେ ୧୬୨ ରନ୍ କରିଥିଲା। ଏହା ମଧ୍ୟ ଦ୍ୱିତୀୟ ସର୍ବାଧିକ। ପୂର୍ବରୁ ଗୁଜରାଟ ବିପକ୍ଷରେ ଆର୍‌ସିବି ୨ ୱିକେଟରେ ୧୭୨ ରନ୍ କରିଥିଲା।

**ପଞ୍ଜାବର ବ୍ୟୟବହୁଳ ଓଭର:** ପଞ୍ଜାବର ଜାଭିୟର ବାର୍ଟଲେଟ ଏହି ମ୍ୟାଚ୍‌ରେ ୬୯ରନ୍ ଦେଇ ଗୋଟିଏ ୱିକେଟ ପାଇଥିଲେ। ଆଇପିଏଲ୍‌ରେ ଏହା ପଞ୍ଜାବ ଲାଗି ବ୍ୟୟବହୁଳ ଓଭର। ସମସ୍ତ ଆଇପିଏଲ୍‌ରେ ସନ୍‌ରାଇଜର୍ସ ବିପକ୍ଷରେ ରାଜସ୍ଥାନର ଜୋଫ୍ରା ଆର୍ଚର ୭୬ ରନ୍ ଦେଇ ବ୍ୟୟବହୁଳ ସାବ୍ୟସ୍ତ ହୋଇଛନ୍ତି।

**ପଞ୍ଚମ ସର୍ବାଧିକ:** ଏହି ମ୍ୟାଚ୍ ପରେ ଆଇପିଏଲ୍‌ରେ ଲୋକେଶ ରାହୁଲ ୫,୫୭୯ ରନ୍ ସଂଗ୍ରହ କରିଛନ୍ତି। ଆଇପିଏଲ୍‌ରେ ସର୍ବକାଳୀନ ସର୍ବାଧିକ ରନ୍ ସଂଗ୍ରହରେ ରାହୁଲଙ୍କ ସ୍ଥାନ ୫ମ। ବିରାଟ କୋହଲି ୮୯୮୯, ରୋହିତ ଶର୍ମା ୭୧୮୩, ଶିଖର ଧାୱନ ୬୭୬୯, ଡେଭିଡ ୱାର୍ଣ୍ଣର ୬୫୬୫ ରନ୍ କରି ପ୍ରଥମ ୪ଟି ସ୍ଥାନରେ ରହିଛନ୍ତି।

### ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଉଦ୍‌ଘାଟିତ

## ଉତ୍ତରପ୍ରଦେଶକୁ ଜୁନିଅର ଟିମ୍ ସ୍ୱର୍ଣ୍ଣ

ଭୁବନେଶ୍ୱର, ୨୫।୪ (ସମିସ): ଆଇକନିକ୍ କଳିଙ୍ଗ ଷ୍ଟାଡିୟମ୍‌ର ଜିମ୍ନାଷ୍ଟିକ୍‌ସ ସେଣ୍ଟର ପରିସରରେ ଆଜି ଜାତୀୟ ଜୁନିଅର ଓ ସିନିଅର ଆର୍ଟିଷ୍ଟିକ୍‌ସ ଜିମ୍ନାଷ୍ଟିକ୍‌ସ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଛି। ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ନିର୍ଦ୍ଦେଶକ ଡଃ ୟେଦୁଲ୍ଲା ବିଜୟ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଓଡ଼ିଶା ଅଲିମ୍ପିକ୍ ସଂଘ ସଭାପତି ସମୀର ମହାନ୍ତି ଓ ସମ୍ପାଦକ ଅଭିଜିତ ପାଲ, କ୍ରୀଡ଼ା ଓ ଯୁବସେବା ବିଭାଗର ଅତିରିକ୍ତ ଶାସନ ସଚିବ ବିଜୟ କୁମା ସ୍ୱାଇଁ, ୱାର୍ଲ୍ଡ ଜିମ୍ନାଷ୍ଟିକ୍‌ସ ଟେକ୍ନିକାଲ କମିଟିର ସଦସ୍ୟ ଷ୍ଟିଭ ବୁଚର, ଓଡ଼ିଶା ଜିମ୍ନାଷ୍ଟିକ ସଂଘ ଉପସଭାପତି ଧୀରେନ କୁମାର ପଣ୍ଡା, ସମ୍ପାଦକ ଅଶୋକ ସାହୁ ଓ ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘ ସଭାପତି ଜଗନ୍ନାଥ ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ପ୍ରଥମ ଦିନରେ ଅନୁଷ୍ଠିତ ଜୁନିଅର ପୁରୁଷ ଟିମ୍ ଚାମ୍ପିଅନସିପ୍‌ରେ ଉତ୍ତରପ୍ରଦେଶ ପ୍ରଥମ, ମହାରାଷ୍ଟ୍ର ଦ୍ୱିତୀୟ, ପଶ୍ଚିମବଙ୍ଗ ତୃତୀୟ, ଦିଲ୍ଲୀ ଚତୁର୍ଥ ଓ ଆୟୋଜକ ଓଡ଼ିଶା ପଞ୍ଚମ ସ୍ଥାନ ଅଧିକାର କରିଛି।

ମେ ମାସ ୩ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାର ଉଭୟ ଜୁନିଅର ଓ ସିନିଅର ବିଭାଗରେ ୬୦୦ରୁ ଊର୍ଦ୍ଧ୍ୱ ଜିମ୍ନାଷ୍ଟ ଓ ୩୦୦ ଅଫିସିଆଲ ଅଂଶଗ୍ରହଣ କରୁଛନ୍ତି। ଭାରତରେ ପ୍ରଥମଥର ଲାଗି ଏକାଥରରେ ଜୁନିଅର ଓ ସିନିଅର ବିଭାଗରେ ଏହି ଜାତୀୟ ପ୍ରତିଯୋଗିତା ଆୟୋଜିତ ହେଉଛି। ଆସନ୍ତା ଦିନରେ ହେବାକୁ ଥିବା ଏସିଆ ଚାମ୍ପିଅନସିପ୍, ଏସିଆନ୍ ଗେମ୍ସ ଓ କମନୱେଲଥ ଗେମ୍ସ ଲାଗି ଏହି ଟୁର୍ଣ୍ଣାମେଣ୍ଟରୁ ଖେଳାଳି ଚୟନ କରାଯାଉଥିବାରୁ ଏହାର ଗୁରୁତ୍ୱ ବୃଦ୍ଧି ପାଇଛି।

### ସୂର୍ଯ୍ୟବଂଶୀଙ୍କ ଶତକ ବେକାର

# ରାଜସ୍ଥାନକୁ ମାତ୍ ଦେଲା ହାଇଦରାବାଦ୍



ଜୟପୁର, ୨୫।୪(ଏଜେନ୍ସି): ଯୁବ ଖେଳାଳି ବୈଭବ ସୂର୍ଯ୍ୟବଂଶୀଙ୍କ ବିସ୍ଫୋରକ ଶତକ ବ୍ୟର୍ଥ ହୋଇଛି। ଏଠାରେ ଶନିବାର ଖେଳାଯାଇଥିବା ଆଇପିଏଲ୍‌ର ୩୬ତମ ଲିଗ୍ ମ୍ୟାଚ୍‌ରେ ସନ୍‌ରାଇଜର୍ସ ହାଇଦରାବାଦ୍ ୫ ୱିକେଟରେ ରାଜସ୍ଥାନ ରୟାଲ୍ସକୁ ପରାସ୍ତ କରିଛି। ୧୫ବର୍ଷୀୟ ଯୁବ ଓପନର ବୈଭବ ସୂର୍ଯ୍ୟବଂଶୀ ମାତ୍ର ୩୭ବଲ୍‌ରୁ ୧୦୩ ଓ ୱିକେଟରକ୍ଷକ ଧ୍ରୁବ ଜୁରେଲ ୩୫ବଲ୍‌ରେ ୫୧ ରନ୍ କରିବା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ରାଜସ୍ଥାନ ରୟାଲ୍ସ ୬ ୱିକେଟରେ ୨୨୮ ରନ୍ କରିଥିଲା। ଜବାବରେ ଅଭିଷେକ ଶର୍ମା (୨୯ବଲ୍‌ରେ ୫୭ରନ୍) ଓ ଇଶାନ କିଶାନ (୩୧ବଲ୍‌ରେ ୭୪ରନ୍)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ ବଳରେ ସନରାଇଜର୍ସ ହାଇଦରାବାଦ୍ ୧୮.୩ ଓଭରରେ ୫ ୱିକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଏହି ମ୍ୟାଚ୍ ପରେ ହାଇଦରାବାଦ ୮ମ ମ୍ୟାଚ୍‌ରୁ ପଞ୍ଚମ ବିଜୟ ହାସଲ କରି ରାଜସ୍ଥାନକୁ ପଛରେ ପକାଇ ପଏଣ୍ଟ ଟେବଲର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ରାଜସ୍ଥାନ ସମାନ ସଂଖ୍ୟକ ମ୍ୟାଚ୍‌ରୁ ସମାନ ପଏଣ୍ଟ ସହ ଟେବୁଲର ଚତୁର୍ଥ ସ୍ଥାନକୁ ଖସି ଆସିଛି।

ଏହି ମ୍ୟାଚ୍‌ରେ ରାଜସ୍ଥାନ ପ୍ରଦତ୍ତ ୨୨୯ ରନ୍‌ର ଟାର୍ଗେଟକୁ ପିଛା କରି ହାଇଦରାବାଦ୍ ପ୍ରଥମ ଓଭରରେ ଟ୍ରାଭିସ୍ ହେଡ୍‌ଙ୍କ ୱିକେଟ ହରାଇଥିଲା। ଦ୍ୱିତୀୟ ୱିକେଟରେ ଅଭିଷେକ ଶର୍ମା ଓ ଇଶାନ କିଶାନ ୫୫ ବଲ୍‌ରୁ ୧୩୨ ରନ୍ ଉଠାଇ ଦଳକୁ ବିଜୟ ଅଭିମୁଖେ ନେଇଯାଇଥିଲେ। ଏହି ସମୟରେ ଉଭୟ ଖେଳାଳି ଆଉଟ ହେବା ଫଳରେ ଦଳ ୩ ୱିକେଟରେ ୧୬୩ ରନ୍‌ରେ ପହଞ୍ଚିଥିଲା। ପ୍ରଥମେ ଆଉଟ ହୋଇଥିବା ଅଭିଷେକ ୨୯ବଲ୍‌ରେ ୧୧ ଚୌକା ଓ ୧ ଛକା ସହ ୫୭ ଓ ଇଶାନ ୩୧ବଲ୍‌ରୁ ୧୧ଚୌକା ଓ ୩ ଛକା ସହ ୭୪ ରନ୍ କରିଥିଲେ। ଚତୁର୍ଥ ୱିକେଟରେ ହେନରିକ୍ କ୍ଲାସେନ ଓ ନୀତୀଶ କୁମାର ରେଡ୍ଡୀ ୩୧ବଲରୁ ୫୩ ରନ୍ ଉଠାଇ ଦଳର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ରେଡ୍ଡୀ ୧୮ ବଲ୍‌ରୁ ୨ଚୌକା ଓ ୩ଛକା ସହ ୩୬ ଓ କ୍ଲାସେନ୍ ୨୪ ବଲ୍‌ରୁ ୩ଚୌକା ଓ ୧ଛକା ସହ ୨୯ରନ୍ କରିଥିଲେ। ପ୍ରତିପକ୍ଷ ଦଳର ଜୋଫ୍ରା ଆର୍ଚରଙ୍କୁ ୨ଟି ୱିକେଟ ମିଳିଥିଲା। ପୂର୍ବରୁ ରାଜସ୍ଥାନ ପକ୍ଷରୁ ସୂର୍ଯ୍ୟବଂଶୀ ୩୭ବଲ୍‌ରେ ୫ ଚୌକା ଓ ସର୍ବାଧିକ ୧୨ ଛକା ସହ ଆଇପିଏଲ୍‌ରେ ଦ୍ୱିତୀୟ ଶତକ ସହ ୧୦୩ ରନ୍ କରିଥିଲେ। ଧ୍ରୁବ ଜୁରେଲ ୩୫ବଲ୍‌ରେ ୫୧ ଓ ଡୋନୋଭାନ ଫେରେରା ୧୬ବଲ୍‌ରେ ଦ୍ରୁତ ୩୩ ରନ୍ ଉଠାଇଥିଲେ। ସୂର୍ଯ୍ୟବଂଶୀ ଓ ଜୁରେଲ ଦ୍ୱିତୀୟ ୱିକେଟରୁ ୬୨ବଲ୍‌ରେ ୧୧୨ରନ୍‌କୁ ବାଦ୍ ଦେଲେ ରାଜସ୍ଥାନ ପକ୍ଷରୁ ଅନ୍ୟ କୌଣସି ବଡ଼ ପାର୍ଟନରସିପ୍ ହୋଇପାରି ନ ଥିଲା। ଏହସାନ ମାଲିଙ୍ଗା ୨ଟି ୱିକେଟ ପାଇଥିଲେ।

**ଆଇପିଏଲ୍ ପଏଣ୍ଟ ଟେବଲ୍**

| ଦଳ | ମ୍ୟା. | ବି. | ପ. | ବା. | ପ. | ଏନ୍‌ଆର୍‌ଆର୍ |
|---|---|---|---|---|---|---|
| ପଞ୍ଜାବ | ୭ | ୬ | ୦ | ୧ | ୧୩ | +୧.୩୩୩ |
| ବେଙ୍ଗାଲୁରୁ | ୭ | ୫ | ୨ | ୦ | ୧୦ | +୧.୧୦୧ |
| ହାଇଦରାବାଦ | ୮ | ୫ | ୩ | ୦ | ୧୦ | +୦.୮୧୫ |
| ରାଜସ୍ଥାନ | ୮ | ୫ | ୩ | ୦ | ୧୦ | +୦.୬୦୨ |
| ଚେନ୍ନଇ | ୭ | ୩ | ୪ | ୦ | ୬ | +୦.୧୧୮ |
| ଦିଲ୍ଲୀ | ୭ | ୩ | ୪ | ୦ | ୬ | -୦.୧୮୪ |
| ଗୁଜରାଟ | ୭ | ୩ | ୪ | ୦ | ୬ | -୦.୭୯୦ |
| ମୁମ୍ବଇ | ୭ | ୨ | ୫ | ୦ | ୪ | -୦.୭୩୬ |
| ଲକ୍ଷ୍ନୌ | ୭ | ୨ | ୫ | ୦ | ୪ | -୧.୨୭୭ |
| କୋଲକାତା | ୭ | ୧ | ୫ | ୧ | ୩ | -୦.୮୭୯ |

## ହସ୍ପିଟାଲରେ ଲୁଙ୍ଗି ଏନ୍‌ଗିଡି



ନୂଆଦିଲ୍ଲୀ, ୨୫।୪ (ଏଜେନ୍ସି): ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଆଇପିଏଲ୍ ଖେଳୁଥିବା ଦକ୍ଷିଣ ଆଫ୍ରିକାର ଫାଷ୍ଟ ବୋଲର ଲୁଙ୍ଗି ଏନ୍‌ଗିଡି ଆହତ ହୋଇଯାଇଛି। ପ୍ରତିପକ୍ଷ ବ୍ୟାଟର ପ୍ରିୟାଂଶ ଆର୍ଯ୍ୟଙ୍କ କ୍ୟାଚ୍ ଧରିବାକୁ ଯାଇ ଏନ୍‌ଗିଡି ମିସ୍‌ଜଜ୍ କରି ତଳେ ପଡ଼ିଯାଇଥିଲେ। ଫିରୋଜ ଶାହ କୋଟଲା ଟାଣୁଆ ପଡ଼ିଆରେ ତାଙ୍କ ମୁଣ୍ଡ ଜୋରରେ ବାଜିଥିଲା। ସଙ୍ଗେ ସଙ୍ଗେ ସେ ଯନ୍ତ୍ରଣା ଅନୁଭବ କରିଥିଲେ। ଟିମ୍ ଫିଜିଓ ଓ ଡାକ୍ତର ପଡ଼ିଆକୁ ଆସିବା ପରେ ସେ ଚେତା ହରାଇବା ଦେଖିବାକୁ ପାଇଥିଲେ। ଷ୍ଟ୍ରେଚରରେ ତାଙ୍କୁ ପଡ଼ିଆ ବାହାରକୁ ନେବାକୁ ଯୋଜନା କରୁଥିଲାବେଳେ ଏଭଳି ଘଟିଥିଲା। ପରେ ବେକକୁ କଭର କରିବା ପରେ ଆମ୍ବୁଲାନ୍ସରେ ମ୍ୟାକ୍ସ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଚିକିତ୍ସା କରାଯାଉଛି ଓ ସେ ସୁସ୍ଥ ଥିବା ପ୍ରାରମ୍ଭିକ ସୂଚନା ମିଳିଛି।

## କୋରାପୁଟର ଆକାଂକ୍ଷା, କନ୍ଧମାଳର ସାନ୍‌ଭିଙ୍କୁ ସ୍ୱର୍ଣ୍ଣ

ଭୁବନେଶ୍ୱର,୨୫।୪(ସମିସ): ଉତ୍କଳ କରାଟେ ସ୍କୁଲ ପରିସରରେ ଚାଲିଥିବା ରାଜ୍ୟ କରାଟେ ପ୍ରତିଯୋଗିତାର ଦ୍ୱିତୀୟ ଦିନରେ ୧୦, ୧୧ ଓ ୧୨ ବର୍ଷରୁକମ୍ ବିଭାଗରେ ୨୮୪ ପ୍ରତିଯୋଗୀ ଭାଗନେଇଥିଲେ। ଏଥିରେ କୋରାପୁଟର ଆକାଂକ୍ଷା ମହାନ୍ତି, ଆଞ୍ଚେଲ ଅଭିଷିକ୍ତା, ଅକ୍ଷିତା ପାଲ, ଶିବପ୍ରୀତ୍ ସ୍ୱାଇଁ, ବାଲେଶ୍ୱରର ଆଦିତ୍ୟ ପଟ୍ଟନାୟକ, ଅଭ୍ୟୁକ୍ତା ମିଶ୍ର, ଦିବ୍ୟାଂଶୀ ଘଡେଇ, ମୟୂରଭଞ୍ଜର ସମୀକ୍ଷା ମହାନ୍ତ, କଟକର ଏମ୍ ସୁଜନ, ଆଶୁତୋଷ ବେହେରା, ତାରାୟମ ନାୟକ, ଖୋର୍ଦ୍ଧାର ଦିବ୍ୟାଙ୍ଗନା ସାମନ୍ତରା, ରୁଦ୍ରପ୍ରସାଦ ଶତପଥୀ, ଆଦିତ୍ୟରାଜ ପ୍ରଧାନ, ସମ୍ବଲପୁରର ଶ୍ରେୟାଂଶ ମିଶ୍ର, କନ୍ଧମାଳର ସାନ୍‌ଭି ସାଧନା ପ୍ରଧାନ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି। ଭୁବନେଶ୍ୱରରୁ ସର୍ବାଧିକ ୨୩ଜଣ ସ୍ୱର୍ଣ୍ଣପଦକ ଜିତି ପ୍ରାଧାନ୍ୟ ବିସ୍ତାର କରିଛନ୍ତି। ଯାଜପୁରର ସ୍ନେହଶ୍ରୀ ଦାସ ଅନ୍ୟ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି। ଆସନ୍ତାକାଲି ପ୍ରତିଯୋଗିତା ଉଦ୍‌ଯାପିତ ହେବ।

### ଆଇରିସ୍ ଓପନ ଚ୍ୟାଲେଞ୍ଜ

## ଓଡ଼ିଶାର ସୁବ୍ରତ ଦାସ ଚାମ୍ପିଅନ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି): ଓଡ଼ିଶାର ସୁବ୍ରତ ଦାସ ଆଇରିସ୍ ଓପନ ଚ୍ୟାଲେଞ୍ଜ ବିଲିଆର୍ଡ ଓପନର ଚାମ୍ପିଅନ ଆଖ୍ୟା



ଅର୍ଜନ କରିଛନ୍ତି। ଶନିବାର ଡବ୍‌ଲିନ୍‌ରେ ଖେଳାଯାଇଥିବା ଫାଇନାଲ ମୁକାବିଲାରେ ସୁବ୍ରତ ୨୨୦-୨୦୦ ପଏଣ୍ଟରେ ଭାରତର ଶ୍ରୀନୁ କାଟିପୋଗୁଙ୍କୁ ହରାଇ ଏହି ଟାଇଟଲ ବିଜୟୀ ହୋଇଥିଲେ। ଏହି ମୁକାବିଲାଟି ଏକ ଘଣ୍ଟା ୫୧ ମିନିଟ୍‌ରେ ଶେଷ ହୋଇଥିଲା। ଫାଇନାଲ ମୁକାବିଲାରେ ସେ ପଛୁଆ ରହିଥିଲେ ମଧ ଶେଷ ୯ ମିନିଟ୍‌ରେ ଚମତ୍କାର ଖେଳି ୬୦ ଓ ୪୦ ପଏଣ୍ଟ ବ୍ରେକ୍ ସହ ମ୍ୟାଚ୍‌କୁ ଫେରିଥିଲେ। ଏହା ପୂର୍ବରୁ ସୁବ୍ରତ ସେମିଫାଇନାଲରେ ଜୋ ଡୋହେନୀଙ୍କୁ ୩୨୫-୧୩୩, କ୍ୱାର୍ଟରଫାଇନାଲରେ ପିଟର ଷ୍ଟାନୟେରଙ୍କୁ ୨୦୦-୯୧, ପ୍ରି-କ୍ୱାଟରରେ ଡୋମ୍ ହାଲିଗାନ୍‌ଙ୍କୁ ୨୦୦-୧୩୯ ଓ ରାଉଣ୍ଡ ଅଫ୍ ୩୨ରେ ଜନ୍ ମ୍ୟାକ୍‌ଆଇଣ୍ଟରଙ୍କୁ ୨୦୦-୫୪ ପଏଣ୍ଟରେ ପରାସ୍ତ କରିଥିଲେ। ଖେଳ ଶେଷରେ ଆଇବିଏସ୍‌ଏଫଫ୍ ଉପସଭାପତି ତଥା ଆୟର୍ଲାଣ୍ଡ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏସନ ସଭାପତି ଜିମ୍ ଲିସି, ଟୁର୍ଣ୍ଣାମେଣ୍ଟ ନିର୍ଦ୍ଦେଶକ ଆଙ୍ଘୋସ ମ୍ୟାକ୍‌ନଲୀ ଓ ଅନ୍ତର୍ଜାତୀୟ କୋଚ୍ ପିଜେ ନୋଲାନଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ।

# ଫିଫା ବିଶ୍ୱକପ୍ ଦେଖିବାରୁ ବଞ୍ଚିତ ହେବେ ଭାରତୀୟ ଦର୍ଶକ

ନୂଆଦିଲ୍ଲୀ,୨୫।୪(ଏଜେନ୍ସି):

ଆମେରିକା, ମେକ୍ସିକୋ ଓ କାନାଡାରେ ଚଳିତମାସ ଜୁନ୍ ୧୧ରୁ ଜୁଲାଇ ୧୯ ଯାଏ ଖେଳାଯିବାକୁ ଥିବା ଫିଫା ବିଶ୍ୱକପ୍ ଫୁଟବଲର ସିଧାସଳଖ ପ୍ରସାରଣ ଭାରତୀୟ ଦର୍ଶକ ବଞ୍ଚିତ ହେବେ କି? ଏପରି ଏକ ସନ୍ଦେହ ସୃଷ୍ଟି ହେବାର କାରଣ କୌଣସି ଟିଭି ଚ୍ୟାନେଲ କିମ୍ବା ଷ୍ଟ୍ରିମିଂ କମ୍ପାନୀ ଭାରତରେ ଏହି ଟୁର୍ଣ୍ଣାମେଣ୍ଟର ସିଧାସଳଖ ପ୍ରସାରଣ କରିବାକୁ ଏଯାଏ ଚୁକ୍ତିବଦ୍ଧ ହୋଇ ନାହାନ୍ତି। ଫିଫା ଟୁର୍ଣ୍ଣାମେଣ୍ଟ ପ୍ରସାରଣ ପ୍ରତି ମଧ୍ୟ ଏହି ସଂସ୍ଥାଗୁଡିକ ଆଗ୍ରହ ପ୍ରକାଶ କରୁନାହାନ୍ତି। ଏଣୁ ଭାରତୀୟ ଦର୍ଶକ ୨୦୨୬ ଫିଫା ବିଶ୍ୱକପ୍‌ର ସିଧାସଳଖ ପ୍ରସାରଣ ଏଥର ଦେଖିପାରିବେ କି ନାହିଁ ତାହାର କୌଣସି ସମାଧାନ ଏଯାଏ ହୋଇପାରି ନାହିଁ। ଏପରି ହେବାର କାରଣ କ'ଣ?

ଏକ ଗବେଷଣାରୁ ଜଣାଯାଇଛି, ଭାରତରେ ଫୁଟବଲ ଖେଳର ଦର୍ଶକ ସଂଖ୍ୟା କ୍ରମାଗତ ଭାବେ ହ୍ରାସ ପାଇଛି। ଆମେ ଯଦି ଦେଖିବା ୨୦୧୩-୧୪ ପ୍ରିମିୟର ଲିଗ୍‌କୁ ୧୪୫ ମିଲିଅନ ଦର୍ଶକ ଦେଖିଥିଲେ। କିନ୍ତୁ ଏବେ ଏହି ସଂଖ୍ୟା ୬୦ ମିଲିଅନ୍‌କୁ ଖସି ଆସିଛି। ୨୦୧୪, ୨୦୧୮ ଫିଫା ବିଶ୍ୱକପ୍ ଓ ୨୦୧୬ ୟୁରୋ କପ୍‌ର ପ୍ରସାରଣ ଲାଗି ୨୦୧୩ରେ ସୋନି ସ୍ପୋର୍ଟ୍ସ ୯୦ ନିୟୁତ ଡଲାରରେ ଚୁକ୍ତିବଦ୍ଧ ହୋଇଥିଲା। ଏବେ ଏହାର ମୂଲ୍ୟ ଦୁଇଗୁଣା ହୋଇଥାନ୍ତା। ୨୦୨୨ରେ ରିଲାଏନ୍ସ ୬୦ ନିୟୁତ ଡଲାରରେ ବିଶ୍ୱକପ୍ ପ୍ରସାରଣ ଅଧିକାର ହାସଲ କରିଥିଲା। କିନ୍ତୁ ଏହା ପରେ ଭାରତରେ ଏହି ଟୁର୍ଣ୍ଣାମେଣ୍ଟର ସିଧାସଳଖ ପ୍ରସାରଣ କରିବାକୁ ଆଉ କେହି ଆଗ୍ରହ ପ୍ରକାଶ କଲେ ନାହିଁ। ଏହା ପରେ ୨୦୨୬ ଓ ୨୦୩୦ ବିଶ୍ୱକପ୍‌କୁ ଭାରତରେ ସିଧାପ୍ରସାରଣ ଲାଗି ଫିଫା ୧୦୦ ନିୟୁତ ଡଲାର ଦେବାକୁ ପ୍ରସ୍ତାବ ଦେଇଥିଲା। କିନ୍ତୁ ଏହା ଉପରେ କୌଣସି ଭାରତୀୟ ପ୍ରସାରଣକାରୀ ସଂସ୍ଥା ଆଗ୍ରହ ପ୍ରକାଶ କଲେ ନାହିଁ। ଯାହା ଫଳରେ ଫିଫା ଏହାର ମୂଲ୍ୟ କମାଇ ୩୫ ମିଲିଅନ ଡଲାର ରଖିଥିଲା। ଏହା ସତ୍ତ୍ୱେ କମ୍ପାନୀମାନେ ଗ୍ରହଣ କରିବାକୁ ଆଗ୍ରହ ଦେଖାଇ ନାହାନ୍ତି।




ପ୍ରସାରଣ ଉପରେ ଆଗ୍ରହ ନ ଦେଖାଇବାର ପ୍ରମୁଖ କାରଣ ହେଲା ଦର୍ଶକଙ୍କ ସଂଖ୍ୟା ହ୍ରାସ ଓ ଏହା ପରେ ରାଜସ୍ୱ ସଂଗ୍ରହ ବହୁମାତ୍ରାରେ କମିଯିବା। ଏଥିଲାଗି ଫିଫା ବିଶ୍ୱକପ୍‌ର 'ଖେଳ ସମୟ' ମୁଖ୍ୟତଃ ଦାୟୀ। ୨୦୨୬ ଫିଫା ବିଶ୍ୱକପ୍‌ରେ ୧୦୪ଟି ମ୍ୟାଚ୍ ଖେଳାଯିବ। ଏହା ମଧ୍ୟରୁ କେବଳ ୧୪ଟି ମ୍ୟାଚ୍ ଭାରତରେ ମଧ୍ୟରାତ୍ର ପୂର୍ବରୁ ଖେଳାଯିବ। ୨୦୨୨ କତାରରେ ୬୪ଟି ମଧ୍ୟରୁ ୪୪ଟି ଓ ୨୦୧୮ ରୁଷିଆରେ ୬୩ଟି ମ୍ୟାଚ୍ ଭାରତରେ ପ୍ରାଇମ୍ ଟାଇମ୍‌ରେ ଖେଳାଯାଇଥିଲା। ଏହା ସତ୍ତ୍ୱେ ଦର୍ଶକଙ୍କ ସଂଖ୍ୟା କମିଥିଲା। ଏବେ ମାତ୍ର ୧୪ଟି ମ୍ୟାଚ୍ ଭାରତୀୟ ପ୍ରାଇମ୍ ଟାଇମ୍‌ରେ ହେଉଥିବାରୁ ଏହାକୁ ପ୍ରସାରଣ କରିବାକୁ କୌଣସି ଭାରତୀୟ ପ୍ରସାରଣକାରୀ ସଂସ୍ଥା ଆଗ୍ରହ ପ୍ରକାଶ କରୁନାହାନ୍ତି।

ଜିଓଷ୍ଟାର ଓ ସ୍ପୋର୍ଟ୍ସ୧୮ ଏଟ୍‌ଡିର ବିପୁଳ ପରିମାଣରେ କ୍ଷତି ହେବା ପରେ ଏବେ କୌଣସି ସଂସ୍ଥା ଆଗ୍ରହ ପ୍ରକାଶ ନ କରିବା ସ୍ୱାଭାବିକ୍। ୨୦୨୨ରେ ପ୍ରସାରଣ ଅଧିକାର ମିଳିବା ପରେ ଜିଓଷ୍ଟାରରେ ମାଗଣା ଓ ସ୍ପୋର୍ଟ୍ସ୧୮ ରେ ୧୨ ଟଙ୍କା ନିଆଯାଇଥିଲା। ଫଳରେ ଦର୍ଶକମାନେ ମାଗଣାରେ ଖେଳ ଦେଖିବାକୁ ଆଗ୍ରହ ପ୍ରକାଶ କରି ସ୍ପୋର୍ଟ୍ସ୧୮ ଚ୍ୟାନେଲରେ ଦେଖି ନ ଥିଲେ। ମାଗଣାରେ ଖେଳ ଦେଖାଇ ଜିଓଷ୍ଟାର କୋଟି କୋଟି ଟଙ୍କା କ୍ଷତି ସହିଥିଲା। ବିଶ୍ୱରେ ଫୁଟବଲ ଖେଳ ପ୍ରତି ଆଗ୍ରହ କମିବା ମଧ୍ୟ ଅନ୍ୟ ଏକ କାରଣ। ୨୦୨୨ରେ ଫିଫା ବିଶ୍ୱକପ୍‌ରେ ମ୍ୟାଚ୍ ପ୍ରତି ମୂଲ୍ୟ ୬.୯୪ କୋଟି ଟଙ୍କା ଥିଲା। ଏଥର ୧.୫୬ କୋଟି ଟଙ୍କାକୁ ଖସି ଆସିଛି। ଏଣୁ ଭାରତରେ ଫୁଟବଲର ବଜାର କମିବା ସ୍ୱାଭାବିକ୍। ଏହା ସତ୍ତ୍ୱେ ଭାରତରେ କିପରି ୨୦୨୬ ଫିଫା ବିଶ୍ୱକପ୍ ପ୍ରସାରଣ ହୋଇ ପାରିବ ସେଥିପ୍ରତି ଫିଫା ପକ୍ଷରୁ ସ୍ୱତନ୍ତ୍ର ଯୋଜନା କରାଯାଉଛି। ବିଶେଷ କରି ପ୍ରସାର ଭାରତୀ ଉପରେ ଏବେ ଫିଫାର ନଜର ରହିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS